CMYK

* Vol.- 46, Issue No. 155
* Friday, 04 September 2026
* ଶୁକ୍ରବାର,୦୪ ସେପ୍ଟେମ୍ବର ୨୦୨୬
* Bhubaneswar
* Price: Rs. 3.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com






କୃଷ୍ଣାୟ ବାସୁଦେବାୟ ହରୟେ ପରମାତ୍ମନେ
ପ୍ରଣତଃ କ୍ଲେଶନାଶାୟ ଗୋବିନ୍ଦାୟ ନମୋନମଃ ।।

ପବିତ୍ର ଜନ୍ମାଷ୍ଟମୀ ଅବସରରେ 'ଦିନଲିପି'ପରିବାର ପକ୍ଷରୁ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

### ଚିନି ଉତ୍ପାଦନରେ ସରକାରଙ୍କ ଜୋର

# ପ୍ରଥମେ ଚାଲୁ ହେବ ବଡ଼ମ୍ବା ଚିନିକଳ

ଭୁବନେଶ୍ୱର,୩।୯: ରାଜ୍ୟରେ ଚିନି ଦର ଆକାଶଛୁଆଁ ହୋଇଥିବାବେଳେ ଏବେ ଚିନି ଉତ୍ପାଦନ ବଢ଼ାଇବା ଉପରେ ଜୋର୍ ଦେଇଛନ୍ତି ରାଜ୍ୟ ସରକାର । ଦୀର୍ଘଦିନ ଧରି ବନ୍ଦ ପଡ଼ିଥିବା ରାଜ୍ୟର ଚିନିକଳଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ନୟାଗଡ଼ ସମେତ ରାଜ୍ୟର ୪ଟି ଚିନିକଳର ପୁନରୁଦ୍ଧାର ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ତେବେ ପ୍ରଥମେ ବଡ଼ମ୍ବାରେ ଚିନିକଳ କାର୍ଯ୍ୟକ୍ଷମ କରାଯିବ । ୨୦୧୧ ମସିହାରୁ ଦୀର୍ଘ ୧୫ ବର୍ଷ ଧରି ବନ୍ଦ ପଡ଼ିଥିବା ବଡ଼ମ୍ବା ଚିନିକଳର ପୁନରୁଦ୍ଧାର ପାଇଁ ଏବେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ବଡ଼ ସୂଚନା ଦେଇଛନ୍ତି। ପ୍ରଥମେ ବଡ଼ମ୍ବା ଏବଂ ପରବର୍ତ୍ତୀ ସମୟରେ ବଲାଙ୍ଗୀର ଓ ନୟାଗଡ଼ରେ ଚିନିକଳ ଚାଲୁ କରାଯିବ ବୋଲି ସେ କହିଛନ୍ତି । ବଡ଼ମ୍ବା ଚିନିକଳ ପୁନରୁଦ୍ଧାର ପାଇଁ ମାଟି ପରୀକ୍ଷା ଆରମ୍ଭ ହୋଇଛି । ଏହାସହ ବାଉଣ୍ଡାରି ନିର୍ମାଣ କାର୍ଯ୍ୟ ମଧ୍ୟ ଚାଲିଛି । ଚିନିକଳର ସମ୍ପ୍ରସାରଣ ଓ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଏବଂ ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ବଡ଼ମ୍ବାରେ ଚିନିକଳ ପୁଣି କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ହଜାର ହଜାର ଆଖୁଚାଷୀ ସିଧାସଳଖ ଉପକୃତ ହେବେ । ଆଖୁଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ମିଳିବା ସହ ଯୁବପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହେବ । ଏହାଦ୍ୱାରା ଅଞ୍ଚଳର ଗ୍ରାମୀଣ ଅର୍ଥନୀତି ମଧ୍ୟ ମଜଭୁତ ହେବ ବୋଲି ଆଶା କରାଯାଉଛି । ବଡ଼ମ୍ବା ଚିନିକଳ ପୁନରୁଦ୍ଧାର ଖବର ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଖୁସିର ମାହୋଲ ଦେଖିବାକୁ ମିଳିଛି । ଦୀର୍ଘ ବର୍ଷର ଅପେକ୍ଷା ପରେ ଚିନିକଳ ପୁଣି ଚାଲୁ ହେବାକୁ ଥିବାରୁ ବଡ଼ମ୍ବାବାସୀ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗୋଟିଏପଟେ ରାଜ୍ୟରେ ଚିନି ଦର ବଢ଼ି ଚାଲିଥିବାବେଳେ, ଅନ୍ୟପଟେ ବନ୍ଦ ଚିନିକଳଗୁଡ଼ିକୁ ପୁନରୁଦ୍ଧାର କରି ଚିନି ଉତ୍ପାଦନ ବଢ଼ାଇବାକୁ ସରକାରଙ୍କ ଉଦ୍ୟମ କେତେଦୂର ସଫଳ ହେଉଛି, ତାହା ଉପରେ ଏବେ ନଜର ।

## ୨୨ରୁ ବିଧାନସଭା ଅଧିବେଶନ

ଭୁବନେଶ୍ୱର,୩।୯ : ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ସେପ୍ଟେମ୍ବର ୨୨ ତାରିଖରୁ ଆରମ୍ଭ ହେବ। ଏ ନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଏହି ଅଧିବେଶନ ଚାଲିବ । ଏଥିରେ ୮ଟି ସରକାରୀ ଏବଂ ଗୋଟିଏ ବେସରକାରୀ କାର୍ଯ୍ୟଦିବସକୁ ମିଶାଇ ମୋଟ ୯ଟି କାର୍ଯ୍ୟଦିବସ ରହିବ । ସେପ୍ଟେମ୍ବର ୨୬ ଓ ୨୭ ତାରିଖ ସରକାରୀ ଛୁଟି ଯୋଗୁଁ ଗୃହକାର୍ଯ୍ୟ ବନ୍ଦ ରହିବ । ସେହିପରି ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ପାଇଁ ମଧ୍ୟ ଗୃହକାର୍ଯ୍ୟ ବନ୍ଦ ରହିବ।

## ଓଡ଼ିଶା ପୋଲିସରେ ୪,୧୯୫ଟି ନୂତନ ପଦବୀ ମଞ୍ଜୁର

କଟକ,୩।୯(ନିପ୍ର): ପୋଲିସ ଚାକିରି ଆଶାୟୀଙ୍କ ପାଇଁ ବଡ଼ ଖବର । ରାଜ୍ୟରେ ଜରୁରୀକାଳୀନ ସେବା ପ୍ରଣାଳୀ (ଇଆରଏସଏସ)ର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଗୃହ ବିଭାଗର ନିର୍ଦ୍ଦେଶ କ୍ରମେ ବିଭିନ୍ନ ବର୍ଗର ମୋଟ ୪,୧୯୫ଟି ପଦବୀ ସୃଷ୍ଟି କରାଯାଇଛି । ଏହାକୁ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ପୋଲିସ କମିଶନରେଟ ଗୁଡ଼ିକୁ ବଣ୍ଟନ କରାଯାଇଛି । ଡିଜିପିଙ୍କ ଅନୁମୋଦନ କ୍ରମେ ଏହି ସରକାରୀ ଆଦେଶନାମା ପ୍ରକାଶ ପାଇଛି । ମଂଜୁର ହୋଇଥିବା ମୋଟ ୪ ହଜାର ୧୯୫ ନୂତନ ପଦବୀ ମଧ୍ୟରେ କନଷ୍ଟେବଲ - ୨,୬୯୯, ସହକାରୀ ସବ-ଇନ୍ସପେକ୍ଟର-୯୭୨, ହାବିଲଦାର ମେଜର- ୩୭୭, ସବ-ଇନ୍ସପେକ୍ଟର-୧୦୮, ସବ-ଇନ୍ସପେକ୍ଟର-ଆର୍ମଡ୍-୩୬, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ-୧, ଅତିରିକ୍ତ ଏସପି /ଡେପୁଟି କମାଣ୍ଡାଣ୍ଟ-୨ଟି ରହିଛି କ୍ଷ ଏହି ପଦବୀ ମଧ୍ୟରୁ କୋରାପୁଟ ଜିଲ୍ଲା ପାଇଁ ୨୧୨, କେନ୍ଦୁଝର ପାଇଁ ୨୦୨, ଅନୁଗୋଳ, ଗଞ୍ଜାମ, ସମ୍ବଲପୁର ପ୍ରତ୍ୟେକ ଜିଲ୍ଲା ପାଇଁ ୧୯୨, ବାଲେଶ୍ୱର, ରାଉରକେଲା ପ୍ରତ୍ୟେକ ପାଇଁ ୧୮୩, ଯାଜପୁର, ପୁରୀ ପ୍ରତ୍ୟେକ ପାଇଁ ୧୭୨, ବଲାଙ୍ଗୀର ପାଇଁ ୧୬୩, କଟକ (ଗ୍ରାମାଞ୍ଚଳ) ପାଇଁ ୧୫୩, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ପ୍ରତ୍ୟେକ ପାଇଁ ୧୪୨, ରାଇରଙ୍ଗପୁର ପାଇଁ ୧୩୮, ବରଗଡ଼ ପାଇଁ ୧୨୩, ମୟୂରଭଞ୍ଜ ପାଇଁ ୧୧୩, ଭଦ୍ରକ, ଢେଙ୍କାନାଳ, ନବରଙ୍ଗପୁର ପ୍ରତ୍ୟେକ ପାଇଁ ୧୦୩, କେନ୍ଦ୍ରାପଡ଼ା, ମାଲକାନଗିରି, ନୟାଗଡ଼, ସୁନ୍ଦରଗଡ଼ ପ୍ରତ୍ୟେକ ପାଇଁ ୯୨, ବ୍ରହ୍ମପୁର, ଝାରସୁଗୁଡ଼ା ପ୍ରତ୍ୟେକ ପାଇଁ ୮୩, ଗଜପତି ପାଇଁ ୭୪, ଜଗତସିଂହପୁର, ଖୋର୍ଦ୍ଧା, ନୂଆପଡ଼ା, ସୋନପୁର ପ୍ରତ୍ୟେକ ପାଇଁ ୭୩, ୟୁପିଡି କଟକ ପାଇଁ ୬୪, ବୌଦ୍ଧ ପାଇଁ ୫୪, ଦେବଗଡ଼ ପାଇଁ ୩୪, ୟୁପିଡି ଭୁବନେଶ୍ୱର ପାଇଁ ୧୨ ଓ ଏସପି ହେଡକ୍ୱାଟର (ଏସଇଆରସି / ଏମଇଆରସି) ପାଇଁ ୬ ପଦବୀ ଆବଣ୍ଟନ କରାଯାଇଛି । ଏହି ନୂତନ ପଦବୀ ବଣ୍ଟନ ଦ୍ୱାରା ରାଜ୍ୟରେ ଜରୁରୀକାଳୀନ ପୋଲିସ ସେବା ଆହୁରି ଦ୍ରୁତ, ସୁଦୃଢ଼ ଓ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଆଶା କରାଯାଉଛି ।

## ଓଡ଼ିଶାରେ ନିର୍ମାଣ ହେବ ପଣ୍ୟବାହୀ ଜାହାଜ

### କେନ୍ଦ୍ରାପଡ଼ାରେ ଗଢ଼ି ଉଠିବ ୨୪,୭୦୦ କୋଟିର ମେଗା ସିପ୍ ବିଲ୍ଡିଂ କ୍ଲଷ୍ଟର

ଭୁବନେଶ୍ୱର,୩।୯: ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ଐତିହ୍ୟ ଏବଂ ନୌବାଣିଜ୍ୟର ସମୃଦ୍ଧ ପରମ୍ପରା ଏବେ ଏକ ନୂଆ ଶିଳ୍ପ ବିପ୍ଳବ ଆଡ଼କୁ ଆଗେଇବାକୁ ଯାଉଛି। ରାଜ୍ୟରେ



ପ୍ରଥମଥର ପାଇଁ ନିର୍ମାଣ ହେବାକୁ ଯାଉଛି ବିଶାଳ ପଣ୍ୟବାହୀ ଜାହାଜ। କେନ୍ଦ୍ରାପଡ଼ା ଜିଲ୍ଲାରେ ମହାନଦୀ କୂଳରେ ପ୍ରସ୍ତାବିତ ରାଜ୍ୟର ପ୍ରଥମ ପ୍ରମୁଖ ଜାହାଜ ନିର୍ମାଣ କ୍ଲଷ୍ଟରକୁ କେନ୍ଦ୍ର ସରକାରଙ୍କ ସବୁଜ ସଙ୍କେତ ମିଳିଛି। କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର 'ଜାହାଜ ନିର୍ମାଣ ବିକାଶ ଯୋଜନା' ଅଧୀନରେ 'ନ୍ୟାସନାଲ ସିପବିଲ୍ଡିଂ ଆଣ୍ଡ ହେଭି ଇଣ୍ଡଷ୍ଟ୍ରିଜ୍ ପାର୍କ ଓଡ଼ିଶା ଲିମିଟେଡ୍'କୁ ଏହି ୨୪,୭୦୦ କୋଟି ଟଙ୍କାର ମେଗା ପ୍ରକଳ୍ପ ପାଇଁ ଅନୁମୋଦନ ମିଳିଥିବା ନେଇ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ସୂଚନା ଦେଇଛନ୍ତି। ପାରାଦୀପସ୍ଥିତ ଇଫକୋ ପ୍ଲାଣ୍ଟ ନିକଟରେ ମହାନଦୀର ଉତ୍ତର କୂଳରେ ଏହି ପ୍ରସ୍ତାବିତ ଶିଳ୍ପ କ୍ଲଷ୍ଟର ନିର୍ମାଣ କରାଯିବ। ଏହି ବୃହତ୍ ପ୍ରକଳ୍ପଟି ଓଡ଼ିଶା ନୌବାଣିଜ୍ୟ ବୋର୍ଡ ଏବଂ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏକ 'ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ' ମାଧ୍ୟମରେ ବିକଶିତ ହେବ। ଏଠାରେ ଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ଆନୁସଙ୍ଗିକ ଭାରୀ ଶିଳ୍ପ ପାଇଁ ଏକ ସମନ୍ୱିତ ଇକୋସିଷ୍ଟମ୍ ଗଢ଼ିଉଠିବ।

## ଭିଜିଲାନ୍ସ ପଞ୍ଝାରେ ଆସିଷ୍ଟାଣ୍ଟ୍ ଡ୍ରଗ୍ସ କଣ୍ଟ୍ରୋଲର

କଟକ,୩।୯(ନିପ୍ର): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି ଜଣେ ଆସିଷ୍ଟାଣ୍ଟ୍ ଡ୍ରଗ୍ସ କଣ୍ଟ୍ରୋଲର। ମେଡିସିନ ହୋଲସେଲିଂ ଲାଇସେନ୍ସ କରାଇ ଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ସଞ୍ଜୟ ହାଁସଦାଙ୍କୁ ଭିଜିଲାନ୍ସ ଟିମ୍ ଧରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ମେଡିସିନ ହୋଲସେଲିଂ ଲାଇସେନ୍ସ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ସଞ୍ଜୟ ହାଁସଦା ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏନେଇ ଅଭିଯୋଗ ପାଇବା ପରେ ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଜାଲ ବିଛାଯାଇଥିଲା। କଟକ-ପାରାଦୀପ ରାସ୍ତାର ଜଇପୁର ଛକ ନିକଟରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସଞ୍ଜୟ ହାଁସଦାଙ୍କୁ ଭିଜିଲାନ୍ସ ଟିମ୍ ମାଡ଼ିବସିଥିଲା। ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିବା ଜଣାପଡ଼ିଛି।

## ଆଜି ମିଳିବ ସିଏମ୍-କିସାନ୍ ଯୋଜନା ଟଙ୍କା

### ଉପକୃତ ହେବେ ୪୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ

ଭୁବନେଶ୍ୱର,୩।୯: ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ 'ସିଏମ୍ - କିସାନ୍' (ରବି ୨୦୨୬-୨୭) ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତା ରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହେବ। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ଏହି ବିଶେଷ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏହି ଆର୍ଥିକ ସହାୟତା ରାଶି ପ୍ରଦାନ ହେବ। ଯୋଜନା ମାଧ୍ୟମରେ ରାଜ୍ୟର ୪୧ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର, ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ ଏବଂ ଭୂମିହୀନ କୃଷକ ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ। ମୋଟ ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ, ଯାହା ରାଜ୍ୟର ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ



କରିବା ସହ କୃଷି କାର୍ଯ୍ୟରେ ପ୍ରୋତ୍ସାହିତ କରିବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସରକାରଙ୍କ ଅନ୍ୟ ମନ୍ତ୍ରୀ ଗଣ ଯୋଗଦେଇ ସିଏମ୍-କିସାନ କିସ୍ତି ପ୍ରଦାନ କରିବେ।

## ରାଜ୍ୟର ୧୪ ଓଏଏସ୍‌ଙ୍କୁ ଆଇଏଏସ୍ ପାହ୍ୟା

ଭୁବନେଶ୍ୱର,୩।୯: ଓଡ଼ିଶା ରାଜ୍ୟ ପ୍ରଶାସନିକ ସେବାରେ ୧୪ ଅଧିକାରୀଙ୍କ ପଦୋନ୍ନତି ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଭାରତୀୟ ପ୍ରଶାସନିକ ସେବା (ପରୀକ୍ଷା କାଳ) ନିୟମାବଳୀ, ୧୯୫୪ର ନିୟମ ୩ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, ରାଷ୍ଟ୍ରପତି ଓଡ଼ିଶା ରାଜ୍ୟ ପ୍ରଶାସନିକ ସେବାର ୧୪ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦେଇଛନ୍ତି । ତେବେ ଏହି ପଦୋନ୍ନତି ପାଇଥିବା ଅଧିକାରୀମାନେ ଭାରତୀୟ ପ୍ରଶାସନିକ ସେବା (କ୍ୟାଡର) ନିୟମାବଳୀ, ୧୯୫୪ର ନିୟମ ୫(୧) ଅନୁଯାୟୀ ୨୦୨୫ ବର୍ଷ ପାଇଁ 'ଓଡ଼ିଶା କ୍ୟାଡର' ଅଧିକାରୀ ଭାବେ ନିଯୁକ୍ତି ପାଇବେ । ଭାରତ ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସେମାନେ ହେଲେ, ସୁମିତା ସରକାର, ବଳମକୁନ୍ଦ ଭୂୟାଁ, ସୌଦାମିନୀ ସେଠୀ, ମଧୁମିତା ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ମଧୁମିତା ନାୟକ, ବବିତା ମହାନ୍ତି, ଅନୁଜ କୁମାର ଦାସ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଶୁଭ୍ରା ମହାନ୍ତି, ସଂଘମିତ୍ରା ଶତପଥୀ ଓ ହିମାଂଶୁ ଶେଖର ବେହେରା

### ॥ ୫ ଓ ୬ ତାରିଖରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ॥

# ଫୋକସରେ ପଞ୍ଚାୟତ ଓ ପୌର ନିର୍ବାଚନ

କଟକ,୩।୯: ୫ ଓ ୬ ତାରିଖରେ କଟକରେ ହେବ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ । ସଂଗଠନଠାରୁ ଆଗାମୀ ନିର୍ବାଚନ ନେଇ ଦୁଇ ଦିନ ଧରି ହେବ ମାନସ ମନ୍ଥନ । କଟକ ଇନଡୋର ଷ୍ଟାଡିୟମରେ ଏହି ବୈଠକ ହେବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଦୁଇ ଦିନିଆ କାର୍ଯ୍ୟକାରିଣୀରେ ରାଜ୍ୟ ନେତୃତ୍ୱ ସହ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ସାମିଲ ହେବେ। ବିଜେପିର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଉଭୟ ଦିନ ବୈଠକରେ ଉପସ୍ଥିତ ରହିବେ । ଜାତୀୟ ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍. ସନ୍ତୋଷ ମଧ୍ୟ ଯୋଗ ଦେବାର ସମ୍ଭାବନା ରହିଛି । ତାଙ୍କ ଗସ୍ତ ସମ୍ପର୍କରେ ଆଜି ଚୂଡ଼ାନ୍ତ ନିଷ୍ପତ୍ତି ହେବ। ମନମୋହନ ସାମଲଙ୍କ କହିବା ଅନୁସାରେ, ବୈଠକରେ ବର୍ତ୍ତମାନର ରାଜନୈତିକ ସ୍ଥିତି ଓ ସାଂଗଠନିକ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହେବ । ଏହାସହ କେନ୍ଦ୍ରୀୟ ନେତୃତ୍ୱର ନିର୍ଦ୍ଦେଶରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ସେବା ସଂକଳ୍ପ ଅଭିଯାନ' ଉପରେ



ସ୍ୱତନ୍ତ୍ର ଫୋକସ୍ ରହିବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କେତେଦୂର ଲୋକଙ୍କ ପାଖରେ ପହଞ୍ଚିଛି, ତାହାର ମଧ୍ୟ ସମୀକ୍ଷା କରାଯିବ । ଯୋଜନାର ଲାଭ ତୃଣମୂଳସ୍ତରରେ ଲୋକଙ୍କୁ ମିଳୁଛି କି ନାହିଁ, କେଉଁଠି ଅଭାବ ରହିଛି ଏବଂ ସରକାରଙ୍କ କାର୍ଯ୍ୟକୁ କିପରି ଅଧିକ ପ୍ରଭାବଶାଳୀ ଭାବେ ଲୋକଙ୍କ ନିକଟକୁ ନିଆଯିବ, ଏସବୁ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇପାରେ । ଏହି କାର୍ଯ୍ୟକାରିଣୀରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସଂଗଠନକୁ ତୃଣମୂଳସ୍ତରରେ କିପରି ଅଧିକ ସକ୍ରିୟ କରାଯିବ, ସେନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି । ବୁଥ୍ ଓ ମଣ୍ଡଳସ୍ତରରେ ସଂଗଠନର ସ୍ଥିତି, ଜିଲ୍ଲା ସଂଗଠନର କାର୍ଯ୍ୟ, ପଦାଧିକାରୀଙ୍କୁ ଦିଆଯାଇଥିବା ଦାୟିତ୍ୱର ଅଗ୍ରଗତି ଏବଂ ଆଗାମୀ ଦିନର ରୋଡମ୍ୟାପ୍ ଉପରେ ଚର୍ଚ୍ଚା ହୋଇପାରେ । ବିଶେଷକରି ଯୁବ ଓ ଏରଭ-ତ ଭୋଟରଙ୍କ ସହ ଦଳର ସମ୍ପର୍କ କିପରି ବଢ଼ିବ, ସୋସିଆଲ ମିଡିଆ ଓ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ସରକାରଙ୍କ କାମକୁ କିପରି ନୂଆ ପିଢ଼ି ପାଖରେ ପହଞ୍ଚାଯିବ, ତାହା ମଧ୍ୟ ଆଲୋଚନାରେ ଆସିପାରେ । ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ମାସେ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ'କୁ ସଫଳ କରିବା ପାଇଁ ଜିଲ୍ଲାରୁ ବୁଥ୍ ପର୍ଯ୍ୟନ୍ତ ନେତା ଓ କର୍ମୀଙ୍କୁ ନିର୍ଦ୍ଦିଷ୍ଟ କାମ ଦିଆଯାଇପାରେ । କେଉଁ ନେତା କେଉଁ ଅଞ୍ଚଳ ଓ କେଉଁ କାର୍ଯ୍ୟକ୍ରମର ଦାୟିତ୍ୱ ନେବେ, ସେନେଇ ମଧ୍ୟ ଏହି ବୈଠକରେ ରୂପରେଖ ପ୍ରସ୍ତୁତ ହେବାର ସମ୍ଭାବନା ରହିଛି । ମନମୋହନ ସାମଲ ସ୍ପଷ୍ଟ କରିଛନ୍ତି ଯେ, ଯୋଗ୍ୟତା ଓ ଦକ୍ଷତାକୁ ଦେଖି ଦଳରେ ଦାୟିତ୍ୱ ବଣ୍ଟନ କରାଯିବ । ଏପ୍ରିଲ ୨୦୨୬ରେ ରାଜ୍ୟ କାର୍ଯ୍ୟକାରିଣୀ ପୁନର୍ଗଠନ ପରେ କଟକରେ ଏହା ପ୍ରଥମ ପୂର୍ଣ୍ଣାଙ୍ଗ ଦୁଇ ଦିନିଆ କାର୍ଯ୍ୟକାରିଣୀ । ନୂଆ କମିଟିରେ ୭୨ ଜଣ କାର୍ଯ୍ୟକାରିଣୀ ସଦସ୍ୟ, ୩୮ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ଓ ୨୩ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀ, ସାଂସଦ, ବିଧାୟକ, ରାଜ୍ୟ ପଦାଧିକାରୀ ଓ ଜିଲ୍ଲାସ୍ତରୀୟ ନେତାମାନେ ଏଥିରେ ସାମିଲ ହେବେ । ସୁନୀଲ ବଂଶଲ ଦୁଇ ଦିନ ଉପସ୍ଥିତ ରହିବା ଏବଂ ବି.ଏଲ୍. ସନ୍ତୋଷଙ୍କ ସମ୍ଭାବ୍ୟ ଯୋଗଦାନକୁ ଦେଖିଲେ, ଏହି ବୈଠକ କେବଳ ରାଜନୈତିକ ପ୍ରସ୍ତାବରେ ସୀମିତ ନରହି ସଂଗଠନର କାର୍ଯ୍ୟଦକ୍ଷତାର ଏକ ବଡ଼ ସମୀକ୍ଷା ହେବାର ସଙ୍କେତ ମିଳୁଛି।

## ଓଡ଼ିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ସୁଦୃଢ଼ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୩।୯: ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ, ଷ୍ଟାର୍ଟଅପ୍ ଓ ଇନ୍କ୍ୟୁବେଟରମାନଙ୍କୁ ଦିଆଯାଉଥିବା ସହାୟତା, ପ୍ରାଥମିକତା କ୍ଷେତ୍ର, ବିଭାଗୀୟ ସହଯୋଗ ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟରେ ଷ୍ଟାର୍ଟଅପ୍ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ସରକାରୀ ବିଭାଗ ଓ ଷ୍ଟାର୍ଟଅପ୍ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ଷ୍ଟାର୍ଟଅପ୍ ନୀତି-୨୦୧୬ ଅଧୀନରେ ରାଜ୍ୟରେ ୨,୮୯୩ଟି ଷ୍ଟାର୍ଟଅପ୍ ମାନ୍ୟତା ପାଇଥିବା ବେଳେ ୪୩ଟି ଇନ୍କ୍ୟୁବେଟର ମଧ୍ୟ ସ୍ୱୀକୃତିପ୍ରାପ୍ତ ହୋଇଛି। ଷ୍ଟାର୍ଟଅପ୍ଗୁଡ଼ିକୁ ମାସିକ ସହାୟତା, ପ୍ରଡକ୍ଟ ଡେଭଲପମେଣ୍ଟ ଓ ମାର୍କେଟିଂ ସହାୟତା, ଆବଶ୍ୟକତାଭିତ୍ତିକ ସହାୟତା, ସବସିଡାଇଜ୍ଡ ଇନ୍କ୍ୟୁବେସନ୍ ଏବଂ ଜାତୀୟ ଓ ଆନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ସହାୟତା ଦିଆଯାଉଥିବା ନେଇ ଆଲୋଚନା ହୋଇଥିଲା।

CMYK

# ବିଷ୍ଣୁଙ୍କର ଅବତାରୀ ପୁରୁଷ



ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବା କୃଷ୍ଣ ଜନ୍ମାଷ୍ଟମୀ କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ, ଶ୍ରୀ ଜୟନ୍ତୀ ବା କେବଳ ଜନ୍ମାଷ୍ଟମୀ ନାମରେ ମଧ୍ୟ ଜଣାଶୁଣା । ବିଷ୍ଣୁଙ୍କର ଅବତାରୀ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ହିନ୍ଦୁମାନେ ଜନ୍ମାଷ୍ଟମୀ ରୂପେ ପାଳନ କରିଥାନ୍ତି । ଏହା ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ । ଏଇ ଦିନ ଲଗ୍ନରେ ରୋହିଣୀ ନକ୍ଷତ୍ର ରହିଥାନ୍ତି । ଏହା ଗ୍ରେଗୋରିଆନ (ଇଂରାଜୀ) କ୍ୟାଲେଣ୍ଡରରେ ସର୍ବଦା ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ଭିତରେ ହିଁ ଆସିଥାଏ । ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଗଣନା ପଦ୍ଧତିର ବୈଷମ୍ୟ ଯୋଗୁଁ ଏହାର ପାଳନ ଗୋଟିଏ ଦିନ ଆଗପଛ ହୋଇଥାଏ । ଯେପରିକି ୨୦୧୧ ମସିହାରେ ଉତ୍ତର ଭାରତରେ ଏହା ୨୨ ଅଗଷ୍ଟରେ ପାଳନ କରାଯାଇଥିଲେ ମଧ୍ୟ ଦକ୍ଷିଣ ଭାରତରେ (କେରଳାଦି ରାଜ୍ୟରେ) ୨୧ ଅଗଷ୍ଟରେ ପାଳିତ ହୋଇଥିଲା । ଭାଦ୍ର କୃଷ୍ଣାଷ୍ଟମୀ ଅର୍ଦ୍ଧରାତ୍ର ସମୟରେ ଜନ୍ମାଷ୍ଟମୀ ହିନ୍ଦୁ ଜଗତରେ ପାଳିତ ହୋଇଥାଏ । କିନ୍ତୁ ବିଷ୍ଣୁ ପୁରାଣରେ କୃଷ୍ଣଙ୍କର ଜନ୍ମ ଶ୍ରାବଣମାସ କୃଷ୍ଣ ଅଷ୍ଟମୀରେ ହୋଇଥିବାର ଉଲ୍ଲେଖ ରହିଛି । ମୁଖ୍ୟଚାନ୍ଦ୍ରମାସ ଓ ଗୌଣ ଚାନ୍ଦ୍ରମାସ ଗଣନା ଏ ପ୍ରଭେଦର କାରଣ ବୋଲି ଅନୁମେୟ । ଶ୍ରୀକୃଷ୍ଣ ମାନବ ସମାଜକୁ କର୍ମଯୋଗର ଶିକ୍ଷା ଦେଇଛନ୍ତି । ଶ୍ରୀମଦ୍ଭଗବଦଗୀତାରେ କର୍ମ ଅନୁସାରେ ଫଳ ମିଳିବ ବୋଲି ସେ ଉଲ୍ଲେଖ କରିଛନ୍ତି । ତେଣୁ ଜନ୍ମାଷ୍ଟମୀର ପାଳନ ଅବସରରେ ଜଣେ ପ୍ରକୃତ କର୍ମଯୋଗୀ ହେବାପାଇଁ ଶପଥ ନିଆଯାଏ । ଫଳର ଆଶା ନ ରଖି ବିଶ୍ୱର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ । ଗୀତାରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ଯେ କେହି ସ୍ଥିତପ୍ରଜ୍ଞ ହୋଇପାରେ । ମହାପୁରୁଷମାନେ ଦେଖାଇଦେଇଥିବା ପଥରେ ଯାଇ ଇତରଲୋକେ ସୁଖ, ଶାନ୍ତି ଓ ସମୃଦ୍ଧିକୁ ସହଜରେ ହାସଲ କରିପାରିବେ ।

**ବୈଶିଷ୍ଟ୍ୟ:**

ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ବା ଜନ୍ମାଷ୍ଟମୀ ରୂପେ ପାଳନ କରାଯାଏ । ହିନ୍ଦୁମାନଙ୍କର ଏହା ଏକ ମୂଖ୍ୟ ପର୍ବ । ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଲୀଳା ଅବଧୀ ଥିଲା ୧୨୫ ବର୍ଷ ୭ ମାସ । ଯେଉଁ ଦିନ କୃଷ୍ଣଙ୍କର ପରଲୋକ ହେଲା ସେଦିନଠାରୁ କଳି ଯୁଗ ଆରମ୍ଭ ହୋଇଛି ଏବଂ ବର୍ତ୍ତମାନ କଳିଭୋଗାବ୍ଦ ୫୧୧୩ ଚାଲିଛି । ତେଣୁ ଆଜକୁ ୫୨୩୮ ବର୍ଷ ପୂର୍ବେ ଲୀଳା ପୁରୁଷୋତ୍ତମ ଏହି ଧରାଧାମରେ ଅବତରଣ କରିଥିଲେ ।ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୨୨୭ ପୂର୍ଣ୍ଣିମାନ୍ତ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହେଇଥିଲା । ଅବତାର ଅର୍ଥ ଅବତୀର୍ଣ୍ଣ ହେବା, ଭକ୍ତମାନଙ୍କୁ ଦିବ୍ୟାନନ୍ଦ ପ୍ରଦାନ ନିମିତ୍ତ ଓ ଭଗବତ ଧର୍ମ ଠିକ ସ୍ଥାନରେ ଲାଗି ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ସ୍ୱରୂପରେ ମାତାପିତାଙ୍କୁ ଦର୍ଶନ ଦେଇଥିଲେ । ବାଳକ ରୂପରେ ଲୀଳା ଛଳରେ ଦୈତ୍ୟମାନଙ୍କୁ ସ୍ୱଧାମକୁ ପଠେଇ ପୃଥିବୀର ପାପ ଭାର ଲାଘବ କରିଥିଲେ । ବ୍ରହ୍ମା, ଶଙ୍କର ସନକାଦି ମୂନିଋଷିଙ୍କର ପୂଜ୍ୟ ହୋଇମଧ ସାଧାରଣ ବାଳକ ପରି ଲୀଳା କରୁଥିଲେ ।

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇ ଲୀଳା କରିଥିଲେ । ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ ।ଏଠାରେ ପଂରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ । ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ । ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ । ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ ।କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ । ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ ।

ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ନିମିତ୍ତମାତ୍ର କରି ମାନବ ସମାଜକୁ ଯେଉଁ ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ଶିକ୍ଷାପ୍ରଦାନ କରିଛନ୍ତି, ତାହାକୁ ପାଥେୟ କରି ବିଷୟାସକ୍ତ ଅଜ୍ଞାନ ଜୀବ ନିଜର ସାଧାରଣ ଜୀବନରେ ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ନିଜକୁ ଉଦ୍ଧାର କରୁଛନ୍ତି । ଏହା ଭଗବତ ଗୀତା ନାମରେ ବିଶ୍ୱ ବିଖ୍ୟାତ । ଭଗବତ ଗୀତା ବିଶ୍ୱ ସାହିତ୍ୟ ଭଣ୍ଡାରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଏଥିରେ ରଚିତ ହେଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଦିବ୍ୟ ଓ ସନାତନ ।

**ପୌରାଣିକ:**

ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ । ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର । କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଦ୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ । ବନ୍ଦିଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ । ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ । ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳୀ କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା ।ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ । ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ଢାଙ୍କି ଚାଲିଲେ ।ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ ।

**ଓଡ଼ିଶାରେ:**



ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ମହା ସମାରୋହରେ ପାଳନ କରାଯାଏ । ଏହିଦିନ ଲୋକେ ଉପବାସ ରଖିଥାନ୍ତି, ଓ ରାତ୍ରି ୧୨ ଘଟିକାକୁ କୃଷ୍ଣଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି। ଏହିଦିନ ଗାଁର ଭାଗବତ ଟୁଙ୍ଗୀମାନଙ୍କରେ ଅଥବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ । ହରିବଂଶ ପୁରାଣ ଅତି ଦୀର୍ଘ ହୋଇଥିବାରୁ କେଉଁଠି କେଉଁଠି ଖଣ୍ଡିକିଆ ହରିବଂଶ ପଢ଼ିଥାନ୍ତି । ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣିମାନଙ୍କ ଭିତରେ ଜନ୍ମାଷ୍ଟମୀ ଅନ୍ୟତମ। ଓଡ଼ିଶାରେ ବୈଷ୍ଣବ ମତବାଦର ବହୁଳ ପ୍ରଭାବ ରହିଥିବାରୁ ଏହି ପର୍ବ ଓଡ଼ିଆ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଲୋକମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ବହି ପାଠ କରିଥାନ୍ତି ଜନ୍ମାଷ୍ଟମୀର ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବାପାଇଁ ଏହି ଦିନ ଲୋକେ ଗାୟନ କୀର୍ତ୍ତନ କରିଥାନ୍ତି ଓ ନିଜର ଉପବାସ ଭାଙ୍ଗି ବଡ଼ି ସକାଳୁ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି ଓ ସେବନ କରିଥାନ୍ତି ।

# ଶ୍ରୀକୃଷ୍ଣଙ୍କ ମହାନତାର ଆଧାର



ଯଦି ଶ୍ରୀକୃଷ୍ଣଙ୍କୁ ଜନ୍ମରୁ ହିଁ ମହାନରେ ଗଣାଯାଏ ତା'ହେଲେ ଗୋଟିଏ ସ୍ୱାଭାବିକ ପ୍ରଶ୍ନ ଉଠିଥାଏ କି ତାଙ୍କର ଏହି ମହାନତାର ପଛରେ କେଉଁ ପୁରୁଷାର୍ଥ ରହିଛି ? ଆଧ୍ୟାତ୍ମିକ ଦୃଷ୍ଟିରେ ପ୍ରତ୍ୟେକ ଆତ୍ମା ନିଜର କର୍ମ ଆଉ ପୁରୁଷାର୍ଥର ଆଧାର ଉପରେ ନିଜର ଭବିଷ୍ୟର ନିର୍ମାଣ କରିଥାଏ । କୌଣସି ବିଶେଷ ଉପଲବ୍ଧି ଅଚାନକ ପ୍ରାପ୍ତ ହେଇ ନଥାଏ । ଆଜି ମଧ୍ୟ କୌଣସି ଛୁଆର ଜନ୍ମର ପରେ ଲୋକେ କହିଥାନ୍ତି କି ସେ ନିଜ ଭାଗ୍ୟ ସାଙ୍ଗରେ ନେଇକରି ଆସିଛି । ଏହି ପ୍ରକାର ଶ୍ରୀକୃଷ୍ଣ ଦିବ୍ୟ ଭାଗ୍ୟକୁ ମଧ୍ୟ କୌଣସି ପୂର୍ବ ପୁରୁଷାର୍ଥର ପରିଣାମ ବୋଲି ମାନି ପାରିବା । ଶ୍ରୀକୃଷ୍ଣଙ୍କର ପୂଜା କରିବା ସରଳ ଅଟେ,କିନ୍ତୁ ତାଙ୍କର ଗୁଣକୁ ନିଜ ଜୀବନରେ ଉତାରିବା ବହୁତ କଠିନ ଅଟେ । ତାଙ୍କର ଷୋହଳ କଳାର ସମ୍ପୂର୍ଣ୍ଣତା, ଆତ୍ମିକ ଶକ୍ତି,ପବିତ୍ରତା ଆଉ ଦେବତ୍ୱ ଏହି କଥା ଆମକୁ ସଂକେତ କରିଥାଏ କି ଏହାର ପଛରେ ଗହୀର ସାଧନ ରହିଥିବ । ଶ୍ରୀମଦଭଗବତ୍‌ରେ ଶ୍ରୀକୃଷ୍ଣଙ୍କୁ ଯୋଗୀରାଜ କୁହାଯାଇଛି । ଏହି କଥା ବିଚାର କରିବା ଯୋଗ୍ୟ ଅଟେ କି ଯେତେବେଳେ ତାଙ୍କୁ ଜୀବନରେ ଶ୍ରେଷ୍ଠତମ ଉପଲବ୍ଧି ପ୍ରାପ୍ତ ଥିଲା,ସେତେବେଳେ ସେ ଯୋଗଭ୍ୟାସ କାହିଁକି କରୁଥିଲେ ? ଏହାର ଉତ୍ତର ଏହି ସଂକେତ ଦେଇଥାଏ କି ଯୋଗ-ଜ୍ଞାନ ତାଙ୍କ ଜୀବନର ମୂଳ ଆଧାର ଥିଲା । ସେ ନିଜ ଭିତରେ ଏମିତି ଶକ୍ତି ବିକଶିତ କରିଥିଲେ,ଯେଉଁଥିରୁ ତାଙ୍କୁ ବିକାରରୁ ଉପରକୁ ଉଠେଇ ଦେଇଥିଲା । ଶ୍ରୀକୃଷ୍ଣଙ୍କ ନାମ ନେଲା ପରେ ମନରେ ଗୋଟିଏ ମନମୋହକ ଛବି ଉଠିଥାଏ । ତାଙ୍କୁ ମନମୋହନ,ଯୋଗୀରାଜ ମଧ୍ୟ କୁହାଯାଏ । ତାଙ୍କର ବ୍ୟକ୍ତିତ୍ୱରେ ଏମିତି ଆଧ୍ୟାତ୍ମିକ ଆଭା ଥିଲା,ଯାହା ମନୁଷ୍ୟର ଭିତରର ପର୍ଯ୍ୟନ୍ତ ପ୍ରଭାବିତ କରୁଥିଲା । ଯେପରି ମନ୍ଦିରରେ ରହିଥବା ମୂର୍ତ୍ତିକୁ ଦେଖିକରି ମନରେ ଶ୍ରଦ୍ଧା ଜାଗ୍ରତ ହୋଇଥାଏ,ସେହି ପ୍ରକାର ଶ୍ରୀକୃଷ୍ଣଙ୍କ ସ୍ମୃତି ମନରେ ପବିତ୍ରତା ଆଉ ଶ୍ରେଷ୍ଠତା ଜଗେଇ ଥାଏ । ଆଜି ମନୁଷ୍ୟ ନିଜ ଭିତରେ କ୍ରୋଧ,ଅହଂକାର,ଲୋଭ ଆଉ ମୋହରେ ଚିନ୍ତିତ ଅଛି । ଏମିତି ସମୟରେ ଶ୍ରୀକୃଷ୍ଣଙ୍କ ନିର୍ବିକାରୀ ବ୍ୟକ୍ତିତ୍ୱ ଗୋଟିଏ ଆଦର୍ଶ ପାଲଟି ଯାଏ । ତାଙ୍କ ଜୀବନ ଏହି ପ୍ରଶ୍ନ ସାମନାରେ ରଖିଥାଏ କି ଶେଷରେ ଏମିତି ଅବସ୍ଥା ପ୍ରାପ୍ତ କେମିତି ହେଇଛି,ଯେଉଁଠି ମନ ବିକାରରୁ ଉପରକୁ ଉଠିଯାଏ ।

*ମନୋଜ କୁମାର ବେହେରା*
*ଫୋନ୍-୭୯୭୮୮୩୦୬୧୧*

# ପ୍ରକୃତ କର୍ମଯୋଗ




ମାତା ଦେବକୀଙ୍କ ଗର୍ଭରୁ ସ୍ୱୟଂ ବିଷ୍ଣୁ ଭଗବାନଙ୍କ ଅଂଶ, ଶ୍ରୀକୃଷ୍ଣ ରୂପେ ଧରାପୃଷ୍ଠରେ ଜନ୍ମ ନେଇଥିଲେ ଏହି ପୁଣ୍ୟ ଦିବସକୁ ଜନ୍ମାଷ୍ଟମୀ କୁହଯାଏ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ହିନ୍ଦୁମାନେ ଜନ୍ମାଷ୍ଟମୀ ରୂପେ ପାଳନ କରିଥାନ୍ତି । ଏହା ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ । ଏଇ ଦିନ ଲଗ୍ନରେ ରୋହିଣୀ ନକ୍ଷତ୍ର ରହିଥାନ୍ତି । ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଗଣନା ପଦ୍ଧତିର ବୈଷମ୍ୟ ଯୋଗୁଁ ଏହାର ପାଳନ ଗୋଟିଏ ଦିନ ଆଗପଛ ହୋଇଥାଏ । ଭାଦ୍ର କୃଷ୍ଣାଷ୍ଟମୀ ଅର୍ଦ୍ଧରାତ୍ର ସମୟରେ ଜନ୍ମାଷ୍ଟମୀ ସନାତନ ଧର୍ମରେ ପାଳିତ ହୋଇଥାଏ। ଶ୍ରୀକୃଷ୍ଣ ମାନବ ସମାଜକୁ କର୍ମଯୋଗର ଶିକ୍ଷା ଦେଇଛନ୍ତି । ଶ୍ରୀମଭଗବଦଗୀତାରେ କର୍ମ ଅନୁସାରେ ଫଳ ମିଳିବ ବୋଲି ସେ ଉଲ୍ଲେଖ କରିଛନ୍ତି। ତେଣୁ ଜନ୍ମାଷ୍ଟମୀର ପାଳନ ଅବସରରେ ଜଣେ ପ୍ରକୃତ କର୍ମଯୋଗୀ ହେବାପାଇଁ ଶପଥ ନିଆଯାଏ। ଫଳର ଆଶା ନ ରଖି ବିଶ୍ୱର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ । ଗୀତାରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ଯେ କେହି ସ୍ଥିତପ୍ରଜ୍ଞ ହୋଇପାରେ । ମହାପୁରୁଷମାନେ ଦେଖାଇଦେଇଥିବା ପଥରେ ଯାଇ ଇତର ଲୋକେ ସୁଖ, ଶାନ୍ତି ଓ ସମୃଦ୍ଧିକୁ ସହଜରେ ହାସଲ କରିପାରିବେ । ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହେଇଥିଲେ । ତାଙ୍କର ଲୀଳା ଅବଧି ଥିଲା ୧୨୫ ବର୍ଷ ୭ ମାସ । ଯେଉଁ ଦିନ କୃଷ୍ଣଙ୍କର ପରଲୋକ ହେଲା ସେଦିନଠାରୁ କଳି ଯୁଗ ଆରମ୍ଭ ହେଇଛି ବୋଲି କୁହଯାଏ । ତେଣୁ ଆଜକୁ ୫୨୩୮ ବର୍ଷ ପୂର୍ବେ ଲୀଳା ପୁରୁଷୋତ୍ତମ ଏହି ଧରାଧାମରେ ଅବତରଣ କରିଥିଲେ ।ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୨୨୭ ପୂର୍ଣ୍ଣମାନ୍ତ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହେଇଥିଲା ।

## କୃଷ୍ଣଜନ୍ମ ଉତ୍ସବ
### ଓଡ଼ିଆ ଜନମାନସରେ ସ୍ୱତନ୍ତ୍ର ସ୍ଥାନ

ଭାରତ ତଥା ଓଡ଼ିଶାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ତଥା ପୁରପଲ୍ଲୀରେ ଏହି ଉତ୍ସବ ମହା ସମାରୋହରେ ପାଳନ କରାଯାଏ । ଏହିଦିନ ଲୋକେ ଉପବାସ ରଖିଥାନ୍ତି, ଓ ରାତ୍ରି ୧୨ ଘଟିକାକୁ କୃଷ୍ଣଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି। ଏହିଦିନ ଗାଁର ଭାଗବତ ଟୁଙ୍ଗିମାନଙ୍କରେ ଅଥବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ । ହରିବଂଶ ପୁରାଣ ଅତି ଦୀର୍ଘ ହୋଇଥିବାରୁ କେଉଁଠି କେଉଁଠି ଖଣ୍ଡିକିଆ ହରିବଂଶ ପଢ଼ିଥାନ୍ତି । ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣି ଭିତରେ ଜନ୍ମାଷ୍ଟମୀ ଅନ୍ୟତମ। ଓଡ଼ିଶାରେ ବୈଷ୍ଣବ ମତବାଦର ବହୁଳ ପ୍ରଭାବ ରହିଥିବାରୁ ଏହି ପର୍ବ ଓଡ଼ିଆ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଲୋକମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ବହି ପାଠ କରିଥାନ୍ତି। ଜନ୍ମାଷ୍ଟମୀର ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବାପାଇଁ ଏହି ଦିନ ଲୋକେ ଗାୟନ କୀର୍ତ୍ତନ କରିଥାନ୍ତି ଓ ନିଜର ଉପବାସ ଭାଙ୍ଗି ବଡ଼ି ସକାଳୁ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି ଓ ସେବନ କରିଥାନ୍ତି ।



# ଶ୍ରୀକୃଷ୍ଣଙ୍କ ଲୀଳା ଅବଧି ଥିଲା
# ୧୨୫ବର୍ଷ ୭ ମାସ !

ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହେଇଥିଲେ । ତାଙ୍କର ଲୀଳା ଅବଧି ଥିଲା ୧୨୫ ବର୍ଷ ୭ ମାସ । ଯେଉଁ ଦିନ କୃଷ୍ଣଙ୍କର ପରଲୋକ ହେଲା ସେଦିନଠାରୁ କଳି ଯୁଗ ଆରମ୍ଭ ହେଇଛି ଏବଂ ବର୍ତ୍ତମାନ କଳିଭୋଗାବ୍ଦ ୫୧୧୩ ଚାଲିଛି । ତେଣୁ ଆଜକୁ ୫୨୩୮ ବର୍ଷ ପୂର୍ବେ ଲୀଳା ପୁରୁଷୋତ୍ତମ ଏହି ଧରାଧାମରେ ଅବତରଣ କରିଥିଲେ । ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୨୨୭ ପୂର୍ଣ୍ଣମାନ୍ତ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହେଇଥିଲା । ଅବତାର ଅର୍ଥ ଅବତୀର୍ଣ୍ଣ ହେବା, ଭକ୍ତମାନଙ୍କୁ ଦିବ୍ୟାନନ୍ଦ ପ୍ରଦାନ ନିମିତ୍ତ ଓ ଭଗବତ ଧର୍ମ ଠିକ ସ୍ଥାନରେ ଲାଗି ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ସ୍ୱରୂପରେ ମାତାପିତାଙ୍କୁ ଦର୍ଶନ ଦେଇଥିଲେ । ବାଳକ ରୂପରେ ଲୀଳା ଛଳରେ ଦୈତ୍ୟମାନଙ୍କୁ ସ୍ୱଧାମକୁ ପଠେଇ ପୃଥିବୀର ପାପ ଭାର ଲାଘବ କରିଥିଲେ । ବ୍ରହ୍ମା, ଶଙ୍କର ସନକାଦି ମୂନିଋଷିଙ୍କର ପୂଜ୍ୟ ହୋଇମଧ ସାଧାରଣ ବାଳକ ପରି ଲୀଳା କରୁଥିଲେ । ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇ ଲୀଳା କରିଥିଲେ । ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ। ଏଠାରେ ପରଂବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ । ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ । ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ । ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ ।କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ । ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ନିମିତ୍ତମାତ୍ର କରି ମାନବ ସମାଜକୁ ଯେଉଁ ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ଶିକ୍ଷାପ୍ରଦାନ କରିଛନ୍ତି,ତାହାକୁ ପାଥେୟ କରି ବିଷୟାସକ୍ତ ଅଜ୍ଞାନ ଜୀବ ନିଜର ସାଧାରଣ ଜୀବନରେ ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ନିଜକୁ ଉଦ୍ଧାର କରୁଛନ୍ତି । ଏହା ଭଗବତ୍ ଗୀତା ନାମରେ ବିଶ୍ୱ ବିଖ୍ୟାତ । ଭଗବତ ଗୀତା ବିଶ୍ୱ ସାହିତ୍ୟ ଭଣ୍ଡାରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଏଥିରେ ରଚିତ ହେଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଦିବ୍ୟ ଓ ସନାତନ ।



## ଦୁର୍ନୀତିର ଗନ୍ତାଘର ପାଲଟିଛି ଡାବୁଗାଁ ଲ୍ୟାମ୍ପସ !

### ସାର ଥାଇ ପାଇପାରୁନାହାନ୍ତି ଚାଷୀ, ମଣ୍ଡିକାର୍ଡରେ ମଧ୍ୟ ଦୁର୍ନୀତିର ଅଭିଯୋଗ



ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକର ୧୨ ଗୋଟି ଗ୍ରାମ ପଞ୍ଚାୟତର ଚାଷୀ ସାର ପାଇଁ ଡାବୁଗାଁ ଲ୍ୟାମ୍ପ ଉପରେ ନିର୍ଭର କରି ନିଜ ନିଜ ଜମିରେ ଚାଷ କରି ଜୀବନ ନିର୍ବାହ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଏହିକି ଯେ, ଏଠାରେ ଲ୍ୟାମ୍ପରେ ସାର ଥିବା ସତ୍ତ୍ୱେ ଚାଷୀ ପାଉନାହାନ୍ତି ସାର। ଲ୍ୟାମ୍ପରେ ଟଙ୍କା ବାନ୍ଧି କେତେ ଚାଷୀ ପାଇଛନ୍ତି ରସିଦ୍ ତ ଆଉ କେତେ ଚାଷୀ ପାଇନାହାନ୍ତି ରସିଦ୍ । ଆଜି ବହୁ ସଂଖ୍ୟାରେ ଚାଷୀ ସାର ନିମନ୍ତେ ଲ୍ୟାମ୍ପକୁ ଆସି ଥିବାବେଳେ ଲ୍ୟାମ୍ପ ଖୋଲା ଥିଲା, କିନ୍ତୁ ଏମ୍ ଡି ନଥିବା ଅଭିଯୋଗ କରିଛନ୍ତି। ଏଭଳି ଲ୍ୟାମ୍ପସରେ ମଣ୍ଡିକାର୍ଡରେ ମଧ ମହାଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ପ୍ରକୃତ ଚାଷୀ ମଣ୍ଡିକାର୍ଡ ପାଇପାରିନାହାନ୍ତି ଏହା ବାଦେ କିଛି ନକଲି ଚାଷୀ ଲ୍ୟାମ୍ପସ ଏମଡିକୁ ହାତପଉଣା ଦେଇ କାର୍ଡ ହାତେଇଥିବା ଅଭିଯୋଗ ହେଉଛି। ଏହାର ବିଭାଗୀୟ ଏବଂ ଭିଜିଲାନ୍ସ ତଦନ୍ତ ହେବା ଦରକାର ବୋଲି ସ୍ଥାନେ ସ୍ଥାନେ ଆଲୋଚନା ହେଉଛି। ଏହି ସବୁ ଘଟଣା ବିଷୟରେ ଲ୍ୟାମ୍ପ ଏମ୍ ଡିଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ଫୋନ ସୁଇଚ୍ ଅଫ ରହି ଥିବାରୁ ଯୋଗ ଯୋଗ ହୋଇପାରି ନାହିଁ । ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇବାରୁ ଗଣମାଧ୍ୟମ ପ୍ରତିନିଧି ଡାବୁଗାଁ ସହକାରୀ କୃଷି ଅଧିକାରୀଙ୍କୁ ପଚାରିବାରୁ ଏଇ ଦଶ ଦିନ ଆଗରୁ ୪୫୦୦ କୁଇଣ୍ଟାଲ ସାର ମହଜୁଦ ଥିଲା । ଚାଷୀ ନେଇଥିଲେ ବି ଆଉ ସାର ମହଜୁଦ ଥିବା ଆସନ୍ତା କାଲି ଲ୍ୟାମ୍ପକୁ ଆସି ଅନୁଧାନ କରିବା ପରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସମସ୍ୟାର ସମାଧାନ କରିବା ପାଇଁ ସୂଚନା ଦେଇଥିଲେ।

## ଜିଲା ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ

ଜଟଣୀ,(ନି.ପ୍ର) : ଜଟଣୀ ସହରରେ ବିଭିନ୍ନ ବଜାରରେ ଜଳଖିଆ ଓ ହୋଟେଲ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଆଜି ଚଢ଼ଉ କରିଥିବା ଜଣାପଡ଼ିଛି । ଆଗକୁ ଗଣେଶ ପୂଜା ମହୋତ୍ସବ । ଜଟଣୀ ସହରରେ ଏଗାର ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଗଣେଶ ପୂଜାରେ ହଜାର ହଜାର ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବାସି ଅପମିଶ୍ରିତ ଓ ରାସାୟନିକ ପ୍ରୟୋଗ ଖାଦ୍ୟ ସାମଗ୍ରୀ ବିକ୍ରୀ ରୋକିବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ଭଳି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି । ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ୪ ଜଣିଆ ପ୍ରତିନିଧି ମଣ୍ଡଳୀ ଜଟଣୀ ସହରରେ ବିଭିନ୍ନ ଜଳଖିଆ,ହୋଟେଲ ଏବଂ ଚଟପଟି ଓ ବଜାର ଘାଟରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରିଥିଲେ । ପୂଜା ସମୟରେ ନିୟମିତ ଖାଦ୍ୟ ସାମଗ୍ରୀର ଯାଞ୍ଚ ଏବଂ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସତର୍କ କରାଇ ଦେଇଥିଲା ।

## ପ୍ରେସ କ୍ଲବର ବାର୍ଷିକ ଉତ୍ସବରେ ଚାରାରୋପଣ

କାକଟପୁର,(ନିପ୍ର): ପ୍ରକୃତି ସୁରକ୍ଷା ଓ ପରିବେଶ ସନ୍ତୁଳନର ମହତ୍ତ୍ୱକୁ ସମାଜ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ କାକଟପୁର ପ୍ରେସ କ୍ଲବର ୨ୟ ବାର୍ଷିକୀ ଉତ୍ସବ ଅବସରରେ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ପବିତ୍ର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅତ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ଏବଂ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଯୋଗଦେଇ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଗୌରବାନ୍ୱିତ କରିଥିଲେ। କାକଟପୁର ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ,ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ,



କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ, ସହ ସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ, ମାନସ ଦୀକ୍ଷିତ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ପତି, ପ୍ରଦୀପ୍ତ ଦୀକ୍ଷିତ, ଶୁଭଦର୍ଶନ ମିଶ୍ର, ନିରଞ୍ଜନ ଦାସ, ଲୋକନାଥ ସ୍ୱାଇଁ ଆର୍ଯ୍ୟ ବିଶ୍ୱାଳ ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ଜେନାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିବେଶ ସୁରକ୍ଷା ପାଇଁ ନିଜର ସଚେତନତା ଓ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଗଛ ଲଗାଇବା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ଭବିଷ୍ୟତର ପ୍ରତିଶ୍ରୁତି।

## ଜ୍ଞାନ ବିଜ୍ଞାନ ମେଳା: ୧୧୮ ପ୍ରକଳ୍ପ ପ୍ରଦର୍ଶିତ

ହିଞ୍ଜିଳିକାଟୁ, (ନିପ୍ର): ହିଞ୍ଜିଳିକାଟୁ ବ୍ଲକ୍ ସୋମପୁର ସ୍ଥିତ ଓମ୍ ଶ୍ରୀ ଇଣ୍ଟରନ୍ୟାସନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ଅଧ୍ୟକ୍ଷ ଡଃ. ଏଲ୍. ରାମେଶ୍ୱର ରାଓଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ହରିହର ମୁନି ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପତିତପାବନ ଆଚାରୀ ଯୋଗ ଦେଇଥିଲେ। ବିଚାରକ ଭାବେ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ଗଣିତ ବିଭାଗୀୟ ପ୍ରାଧ୍ୟାପକ ଡଃ ପ୍ରଭାସ ଦାଶ, ପ୍ରାଣୀ ବିଜ୍ଞାନ ବିଭାଗୀୟ ମୁଖ୍ୟ ଜିତୁନ କୁମାର ମହାରଣା, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଅର୍ଚ୍ଚନା ସାହୁ, ଭୌତିକ ବିଜ୍ଞାନ ବିଭାଗୀୟ ଅଧ୍ୟାପିକା ଝୁମୁରି ପାଢ଼ି ଓ ସୋରଡା ମହାବିଦ୍ୟାଳୟ ଭୌତିକ ବିଜ୍ଞାନ ବିଭାଗୀୟ ଅଧ୍ୟାପକ ରିଷିକେଶ ନାୟକ ଯୋଗ ଦେଇଥିଲେ। ଆୟୋଜିତ ମେଳାରେ ୧୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟେକ ଶ୍ରେଣୀର ଗୋଟିଏ ଲେଖାଏଁ ପ୍ରକଳ୍ପକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ବିଭାଗୀୟ ଅଧ୍ୟାପିକା ସନ୍ଧ୍ୟାରାଣୀ ସାବତ, ପ୍ରିୟାଶୁସ୍ମ ଶେଖର ସାହୁ ଓ ସମାଧାନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କନକା କ୍ଲଷ୍ଟର ପକ୍ଷରୁ ୟୁଡାଇସ ୟୁଏଏସ ତାଲିମ ଶିବିର

ରମ୍ଭା(ନିପ୍ର): ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଲ୍ଲିକୋଟ ବ୍ଲକଙ୍କ ତତ୍ତ୍ୱାବଧାନରେ କନକା କ୍ଲଷ୍ଟର ଅଧୀନସ୍ଥ ସମସ୍ତ ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଧାର କରି ଏକ ଦିବସୀୟ ତାଲିମ ଶିବିର ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡିମ୍ବିରିଆ ଠାରେ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ତ୍ରିପାଠୀ ଶ୍ରୀଜଗନ୍ନାଥ ଅଷ୍ଟକ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିରାମ ବେହେରା ତାଲିମ ବିଷୟରେ ପ୍ରାକ ସୂଚନା, ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ଅଭିନନ୍ଦନ ଜଣାଇଥିଲେ । ଆଭାସ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପରିଡା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସାମ୍ପ୍ରତିକ ସମୟରେ ୟୁଡାଇସ, ୟୁଏଏସର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବୁଝାଇଥିଲେ ।

## ‘ଆଦର୍ଶ ସଡ଼କ ସୁରକ୍ଷା ସହର’ ଗଢ଼ି ତୋଳିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ




କଟକ,(ନିପ୍ର): ରାଜ୍ୟରେ ଘଟୁଥିବା ସଡ଼କ ଦୁର୍ଘଟଣା ଏବଂ ଏହା ଦ୍ୱାରା ଘଟୁଥିବା ଧନଜୀବନ ହାନିକୁ ରୋକିବା ପାଇଁ କ୍ରାଇମ୍ ବ୍ରାଞ୍ଚ, ରାଜ୍ୟ ପରିବହନ ପ୍ରାଧିକରଣ ବା ଏସଟିଏ, କମନ ଆକ୍ସନ ଫର ରୋଡ଼ ସେଫଟି, ଟ୍ରାକ୍ସ, ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ଼ର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା ବୈଠକ କଟକ ସ୍ଥିତ କ୍ରାଇମ ବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରକୁ ‘ଆଦର୍ଶ ସଡ଼କ ସୁରକ୍ଷା ସହର’ ଭାବେ ଗଢ଼ି ତୋଳିବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରାଯାଇଛି। ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୧୮ ରୁ ୪୫ ବର୍ଷ ବୟସ ମଧ୍ୟରେ ୬୬ ପ୍ରତିଶତରୁ ଅଧିକ ବ୍ୟକ୍ତିଙ୍କ ମୃତ୍ୟୁବରଣ କରୁଛନ୍ତି। ହେଲମେଟ୍ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନକରିବା ଏବଂ ଦ୍ରୁତଗତିରେ ଗାଡି ଚାଳନା ଯୋଗୁଁ ମୃତ୍ୟୁସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ ‘ଆଦର୍ଶ ସଡ଼କ ସୁରକ୍ଷା ସହର’ ଭାବେ ଗଢ଼ି ତୋଳିବା ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଏହି ଯୋଜନାକୁ ବାସ୍ତବରୂପ ଦେବା ପାଇଁ ସଡ଼କ ସୁରକ୍ଷାର ‘୪ ଇ’ ସୂତ୍ର ଅର୍ଥାତ୍ ସଚେତନତା, ସଡ଼କ ନିର୍ମାଣ ଓ ସୁରକ୍ଷା ଡିଜାଇନ୍, କଡ଼ାକଡ଼ି ନିୟମ ପାଳନ, ଏବଂ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସଚେତନତା ସୃଷ୍ଟି ପାଇଁ ସ୍କୁଲ୍ ଓ କଲେଜ ସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଦେବା, ଡିଜିଟାଲ୍ ପ୍ରଚାର କରିବା ଏବଂ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ପାଇଁ କମ୍ପ୍ୟୁଟର ସାହାଯ୍ୟରେ ବାସ୍ତବ ଗାଡ଼ି ଚଳାଇବାର କୃତ୍ରିମ ଅନୁଭୂତି ପ୍ରଶିକ୍ଷଣର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଇଞ୍ଜିନିୟରିଂ କ୍ଷେତ୍ରରେ ଦୁର୍ଘଟଣାପ୍ରବଣ ସ୍ଥାନ ବା ବ୍ଲାକସ୍ପଟ ଚିହ୍ନଟ କରିବା, ରାସ୍ତାର ଉନ୍ନତ ଡିଜାଇନ୍ ଏବଂ ସ୍ମାର୍ଟ ସାଇନେଜ୍ ସ୍ଥାପନ ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ହେଲମେଟ୍ ଓ ସିଟ୍‌ବେଲ୍ଟ ନିୟମର କଡ଼ାକଡ଼ି ଅନୁପାଳନ, ସ୍ପିଡ୍ କ୍ୟାମେରା ବ୍ୟବହାର ଏବଂ ଟ୍ରାଫିକ୍ ଛକମାନଙ୍କରେ ଚେକିଂ ଜୋରଦାର କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## କୋଣାର୍କ ଏକ୍ସପ୍ରେସରେ ଦ୍ୱିତୀୟ ଶ୍ରେଣୀ ଏସି ବଗି ସଂଯୋଗ ଦାବି

ଜଟଣୀ,(ନି.ପ୍ର): ରେଳଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ କୋଣାର୍କ ଏକ୍ସପ୍ରେସରେ ଏକ ଦ୍ୱିତୀୟ ଶ୍ରେଣୀ ଶୀତତାପ ନିୟନ୍ତ୍ରିତ ବଗି ସଂଯୋଗ କରିବା ଲାଗି ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ଦାବି କରିଛି । ଆଜି ଏହି ମର୍ମରେ ଶ୍ରମିକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଡ଼ିଆରଏମଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ରାଜଧାନୀ ଭୁବନେଶ୍ୱରରୁ ବାହାରୁଥିବା କୋଣାର୍କ ଏକ୍ସପ୍ରେସ ଦେଶର ମୁଖ୍ୟ ବାଣିଜ୍ୟ କେନ୍ଦ୍ର ମୁମ୍ବାଇକୁ ଚଳାଚଳ କରୁଛି । ଆଇଟି ହବ ପୁନେ ଏବଂ ମୁମ୍ବାଇ ଉପରେ ଯୁବ ବର୍ଗ,ବ୍ୟବସାୟୀ,କର୍କଟ ପୀଡ଼ିତ ରୋଗୀ,ଜାତୀୟ ଶିକ୍ଷାନୁଷ୍ଠାନ ଏବଂ ରେଳ ମୁଖ୍ୟାଳୟର କର୍ମଚାରୀ ଓ ଅଧିକାରୀ ବିଭିନ୍ନ କ୍ଷେତ୍ରରେ ନିର୍ଭର କରୁଛନ୍ତି । ଆରାମ ଦାୟକ ରେଳଯାତ୍ରା ଏବଂ ରେଳଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ କୋଣାର୍କ ଏକ୍ସପ୍ରେସରେ ଆଉ ଏକ ଶୀତତାପ ନିୟନ୍ତ୍ରିତ ବଗି ସଂଯୋଗ କରିବା ନିମନ୍ତେ ଖୋରଧା ରୋଡ଼ ରେଳ ମଣ୍ଡଳ ଶ୍ରମକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ନିରନ ମିଶ୍ର,ଶାଖା ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି,କେନ୍ଦ୍ରୀୟ ପଦାଧିକାରୀ ସୁବ୍ରତ କୁମାର ପଣ୍ଡା,ପ୍ରମୋଦ କୁମାର ସାହାଣୀ ପ୍ରମୁଖ ଅନୁରୋଧ କରିଛନ୍ତି । ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡ଼ିଆରଏମଙ୍କ ଜରିଆରେ ଏହି ମର୍ମରେ ଏକ ଦାବି ପତ୍ର ପ୍ରଦାନ କରା ଯାଇଥିବା ରେଳ ଶ୍ରମିକ କଂଗ୍ରେସ ସୂଚନା ଦେଇଛି ।

## ନର୍ସିଂ କଲେଜରେ ଶିଶୁ ସୁରକ୍ଷା ସଚେତନତା




ପୁରୀ(ନିପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନ୍, ପୁରୀର ମିଳିତ ପ୍ରୟାସରେ ପ୍ରିୟଙ୍କା ଦେବୀ କଲେଜ ଅଫ୍ ନର୍ସିଂ, ବାଲିଘାଟଠାରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଏକ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ନର୍ସିଂ କଲେଜର ସମ୍ପାଦକ ବାବୁଲା ବେହେରା ଓ ଅଧ୍ୟକ୍ଷା କମଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଚାଇଲ୍ଡ ହେଲ୍ପଲାଇନ୍ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ର ଓ ଦେବଗଡ଼ ଜିଲ୍ଲାର ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ଶତପଥୀ ଯୋଗଦେଇ ଶିଶୁ ସୁରକ୍ଷା ଓ ଅଧିକାର, ଯୁବକମାନଙ୍କ ଭୂମିକା ସମ୍ପର୍କରେ ସଚେତନ କରିଥିଲେ ।ଶ୍ରୀ ସାହୁ କିଶୋର ନ୍ୟାୟ ଆଇନ, ୨୦୧୫ ଓ ପୋକ୍ସୋ ଆଇନ, ୨୦୧୨ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀ ତ୍ରିପାଠୀ ଶିଶୁ ଅଧିକାର, ଶିଶୁ ସୁରକ୍ଷା ଓ ଶିଶୁ ବିବାହ ନିରୋଧ ଆଇନ, ୨୦୦୬ ଉପରେ ସୂଚନା ଦେଇଥିଲେ। ଶ୍ରୀ ଶତପଥୀ ଶିଶୁ ଶ୍ରମ ନିଷେଧ ଅଧିନିୟମ ଓ ମିଶନ ବାତ୍ସଲ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ମିଶ୍ର ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ର କାର୍ଯ୍ୟ ଓ ସେବା ସମ୍ପର୍କରେ ସଚେତନ କରିଥିଲେ। ମୁଖ୍ୟ ଅତିଥି କମଳା ପଣ୍ଡା ଛାତ୍ରଛାତ୍ରୀଙ୍କୁ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର ସହ ସାଇବର ଅପରାଧରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ସଭାରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ୨୦ରୁ ଅଧିକ ଶିକ୍ଷକ ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ଶତପଥୀ ସଭା ପରିଚାଳନା କରିଥିଲେ।

## ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ

ରେଢାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ଓ ୩୩ତମ ଭୀମଭୋଇ ବକ୍ତୃତାମାଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ତେବେ ନିମନ୍ତ୍ରଣ କାର୍ଡରେ ଦେଖାଦେଇଥିବା ବିବାଦ ଏବଂ ଅତିଥିଙ୍କ ଅନୁପସ୍ଥିତି ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉତ୍ସବ ବେଶ୍ ଧୁମଧାମରେ ସମ୍ପନ୍ନ ହୋଇଛି। ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ନିମନ୍ତ୍ରଣ କାର୍ଡରେ ମୁଖ୍ୟ ଅତିଥିଙ୍କ ନାମକୁ ନେଇ ଦ୍ୱନ୍ଦ୍ୱ ଓ ଅସନ୍ତୋଷ ଦେଖାଦେଇଥିଲା। ଗୋଟିଏ ନିମନ୍ତ୍ରଣ କାର୍ଡରେ ସ୍ଥାନୀୟ ବିଧାୟକଙ୍କ ନାମ ଥିବାବେଳେ ଅନ୍ୟ ଏକ କାର୍ଡରେ ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତିଙ୍କ ନାମ ରହିଥିଲା। ଏହି ତ୍ରୁଟିକୁ ନେଇ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ କଲେଜ କମିଟି, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଦ୍ୱନ୍ଦ୍ୱ କାରଣରୁ ଶେଷରେ ଉଭୟ ଅତିଥି କାର୍ଯ୍ୟକ୍ରମକୁ ଆସି ନଥିବା ଶୁଣିବାକୁ ମିଳିଥିଲା । ସମସ୍ତ ବିବାଦକୁ ପଛରେ ପକାଇ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ପ୍ରତିଷ୍ଠା ଦିବସ ପାଳନ କରିଥିଲେ । ଏହି ଅବସରରେ କଦଳୀଗଡ଼ ଅରବିନ୍ଦ ସ୍କୁଲର ଚତୁର୍ଥ ଶ୍ରେଣୀର ମାତ୍ର ୯ ବର୍ଷର ଛାତ୍ର ମନିଷ ମହାକୁଡ଼ଙ୍କ ସମେତ ମହାବିଦ୍ୟାଳୟ ଛାତ୍ର ଶୁଶିଲ ଟୋପ, ପ୍ରତିରାଜ ଦେହୁରୀ, ବାଦଲ ପ୍ରଧାନ, ଦୀପକ ସାହୁ, ସାହିଲ କୁମାର ପ୍ରଧାନ, ଜଲଜେସ ଜୋଜୋ ଏବଂ ବିମଲ କୁମାର ପ୍ରମୁଖ କନ୍ଧରା ଭୀମଭୋଇ ସ୍ମୃତି ପୀଠଠାରୁ ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଦୀର୍ଘ ୧୮ କିମି ମଶାଲ ଧରି ଗଣଦୌଡ଼ରେ ଆସିଥିଲେ। କଲେଜରେ ପହଞ୍ଚିବା ପରେ ସେମାନଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା ।ସ୍ୱାଗତ ସମ୍ବର୍ଦ୍ଧନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ୨୦୦୮-୨୦୧୮ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବି




କେନ୍ଦ୍ରାପଡ଼ା,(ନିପ୍ର): ରାଜ୍ୟରେ ୨୦୦୮ରୁ ୨୦୧୮ ମଧ୍ୟରେ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ତୁରନ୍ତ ସରକାରୀ ଅନୁଦାନ ପ୍ରଦାନ ଦାବି ଜୋରଦାର ହୋଇଛି। ଏହି ଦାବିକୁ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଆନୁକୂଲ୍ୟରେ ତୁଳସୀ ମହିଳା ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକମାନଙ୍କ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟାଲ ଜରିଆରେ ଏକ ଦାବିପତ୍ର ପଠାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅନେକ ଅଧ୍ୟାପକ ଓ କର୍ମଚାରୀ ଦୀର୍ଘବର୍ଷ ଧରି ସରକାରୀ ଅନୁଦାନରୁ ବଞ୍ଚିତ ହୋଇଆସୁଛନ୍ତି। ଏହାଦ୍ୱାରା ସେମାନେ ଆର୍ଥିକ ଓ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘ ଦାବି କରିଛି। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଅଧ୍ୟାପକ ଓ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇଁ ୨୦୦୮-୨୦୧୮ ମଧ୍ୟରେ ନିଯୁକ୍ତ ଯୋଗ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅତିଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରିବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପଠାଇବା କାର୍ଯ୍ୟକ୍ରମରେ ଅନୁରାଧା ବେହେରା, ରଞ୍ଜିତ ଦାସ, ପ୍ରଭାକର ମଲ୍ଲିକ ଓ ହରେକୃଷ୍ଣ ପଣ୍ଡାଙ୍କ ସମେତ ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସରକାର ଏହି ଦାବି ଉପରେ ଶୀଘ୍ର ସକାରାତ୍ମକ ପଦକ୍ଷେପ ନେଇ ଯୋଗ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ କରିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

## ଭୀମଭୋଇ ସାମର୍ଥ୍ୟ ଶିବିରରେ ପ୍ରମାଣପତ୍ରକୁ ନେଇ ପ୍ରଶ୍ନବାଚୀ

ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଅନୁଷ୍ଠିତ ପ୍ରତିମାସ ୧ ଓ ୧୫ ତାରିଖ ଭୀମଭୋଇ ସାମର୍ଥ୍ୟ ଶିବିରରେ ଆବେଦନକାରୀଙ୍କର ଯେଉଁ ଭିଡ଼ ପରିଲକ୍ଷିତ ହେଉଛି , ତାହା ତୁଳନାରେ ବ୍ଲକସ୍ତରୀୟ ଶିବିରରେ ଭିଡ଼ ରହୁନାହିଁ । ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିରରେ ଆବେଦନ ପତ୍ରଗୁଡିକ ମାସମାସ ଧରି ଜିଲ୍ଲା ସ୍ତରରେ ପଡି ରହୁଥିବାରୁ ଲୋକଙ୍କର ଆସ୍ଥା ତୁଟିଯାଉଛି । ବ୍ଲକ ସ୍ତରୀୟ ଶିବିରରେ କିଛି ମୁହୂର୍ତ୍ତରେ କ୍ୱାଲିଟି ଆସେସମେଣ୍ଟ ନ ହୋଇ ହିତାଧିକାରୀଙ୍କର ଡିଜାବିଲିଟି ପ୍ରତିଶତ ମାର୍କ ଦିଆଯାଉଛି । ଆଖି ପରୀକ୍ଷା ନ ହୋଇ ମୁହଁ ଦେଖି ପ୍ରତିଶତ ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ମାନସିକ ବିଭାଗରେ ଆସେସମେଣ୍ଟ ରିପୋର୍ଟ ପ୍ରସ୍ତୁତ ହେଉନି।ବିନା ମେଡିକାଲ ଟ୍ରିଟମେଣ୍ଟ ହିଷ୍ଟ୍ରିରେ ମନ ଇଚ୍ଛା ପ୍ରତିଶତ ଦିଆଯାଉଛି।କାନ ବିଭାଗରେ ଆବେଦନକାରୀ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି । ବିଗତ ବର୍ଷ ଶିବିରମାନଙ୍କରେ ପ୍ରାୟ ସମସ୍ତ ଆବେଦନକାରୀଙ୍କୁ ଆସ୍ଥାୟୀ ପ୍ରମାଣପତ୍ର ମିଳିଥିଲା ଓ ଅର୍ଦ୍ଧେକ ଲୋକଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପଠାଇ ଦିଆଯାଇଥିଲା । ଶ୍ରବଣ ବିଭାଗରେ ଆସ୍ଥାୟୀ ପ୍ରମାଣପତ୍ର ମିଳିବା ନିୟମ ନ ଥିବାବେଳେ ଭାପୁର ବ୍ଲକରେ ଦିଆଯାଉଛି ଯାହା କୌଣସି କାର୍ଯ୍ୟରେ ଲାଗୁ ନାହିଁ।ଗତ ଥର ଆବେଦନକାରୀ ବ୍ଲକରୁ ଯାଇ ପୁଣିଥରେ ଜିଲ୍ଲା ମୁଖ୍ୟାଳୟ ମେଡିକାଲ ବୋର୍ଡ଼ରେ ଦେଖାଇ ପ୍ରମାଣପତ୍ର ପାଇଥିଲେ। ଚଳିତ ଥର ପୁଣି ସେହି ସ୍ପେସିଆଲିଷ୍ଟ ଆସିଥିଲେ । ତାଙ୍କର ହିତାଧିକାରୀମାନଙ୍କୁ ଏହିଭଳି ହଇରାଣ ହରକତ କଳାନୈପୁଣ୍ୟକୁ ଭାପୁର ବ୍ଲକର ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି । ନୟାଗଡ଼ ଜନମିଲଟନ ମୂକବଧିର ସ୍କୁଲର ଜନୈକ ଶିକ୍ଷୟିତ୍ରୀ ବିନା ଡିଗ୍ରୀରେ ଅଡିଓଲୋଜିଷ୍ଟ ଭାବେ ଅଡିଓମେଟ୍ରି କରୁଥିବାର ଅଭିଯୋଗ ହୋଇଛି ଯାହାକି ସମସ୍ତ ପ୍ରମାଣ ପତ୍ର ପ୍ରଦାନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଯୁବକ-ଯୁବତୀଙ୍କ ନିଯୁକ୍ତି ଦାବି: ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ପ୍ରଶାନ୍ତ ପାଇକରାୟ



ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲାରେ ଗଢ଼ିଉଠିଥିବା ବିଭିନ୍ନ ଶିଳ୍ପାନୁଷ୍ଠାନଗୁଡ଼ିକରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ପ୍ରାଥମିକତା ଭିତ୍ତିରେ ଅଧିକ ନିଯୁକ୍ତି ସୁଯୋଗ ଯୋଗାଇଦେବା ନେଇ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଛନ୍ତି ଖୋର୍ଦ୍ଧାର ଯୁବନେତା ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ପ୍ରଶାନ୍ତ ପାଇକରାୟ। ଖୋର୍ଦ୍ଧା ଜିଲ୍ଲାରେ ଏକାଧିକ ଶିଳ୍ପ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ସ୍ଥାନୀୟ ଦକ୍ଷ ଓ ଶିକ୍ଷିତ ଯୁବପିଢ଼ିଙ୍କୁ ଆଶାନୁରୂପ ନିଯୁକ୍ତି ସୁଯୋଗ ମିଳୁନଥିବା ନେଇ ଶ୍ରୀ ପାଇକରାୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ ବିଜେଡି ସରକାରଙ୍କ ସମୟରେ ଖୋର୍ଦ୍ଧାର ସ୍ଥାନୀୟ ନିଯୁକ୍ତି ଓ ରୋଜଗାର ପ୍ରସଙ୍ଗକୁ ଚରମ ଅବହେଳା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏହି କାରଣରୁ ଜିଲ୍ଲାର ଅନେକ ଯୁବକ-ଯୁବତୀ ବାଧ୍ୟ ହୋଇ ଜୀବିକା ସନ୍ଧାନରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ ।ତେଣୁ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେଇ ଜିଲ୍ଲା ଭିତରେ ହିଁ ଯୁବପିଢ଼ିଙ୍କ ପାଇଁ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ଶ୍ରୀ ପାଇକରାୟ ଦାବିପତ୍ର ମାଧ୍ୟମରେ ଦାବି କରିଥିଲେ। ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏହି ସଂବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହ ସ୍ଥାନୀୟ ନିଯୁକ୍ତି ନିଶ୍ଚିତ କରିବା ପାଇଁ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ।ଏହି ସାକ୍ଷାତ ଆଲୋଚନା ସମୟରେ ସ୍ଥାନୀୟ ବିଜେପି ଯୁବନେତା ଜିତେନ୍ଦ୍ର ମଙ୍ଗରାଜ, ତପନ ବଳିୟାରସିଂହ ଓ ଚିତ୍ତରଞ୍ଜନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା




କୃଷ୍ଣପ୍ରସାଦ,(ନି ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଡ଼ଝାଡ଼ ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଜେନାଙ୍କ ପୁତ୍ର ଉପେନ୍ଦ୍ର କୁମାର ଜେନା ଭାରତୀୟ ସେନାରେ କାର୍ଯ୍ୟ କରି ନିକଟରେ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଅନେକ ଘାତ ପ୍ରତିଘାତର ସାମନା କରି ଦେଶ ମାତୃକାର ସେବାରେ ନିୟୋଜିତ ଥିଲେ। ଯୁଦ୍ଧ କ୍ଷେତ୍ରରେ ଶତ୍ରୁତା ଏବଂ ଅନେକ ଥର ସନ୍ତ୍ରାସବାଦୀଙ୍କ ମୁକାବିଲା କରି ଦେଶବାସୀଙ୍କୁ ସୁରକ୍ଷା ଯୋଗାଇଛନ୍ତି । ଅବସର ନେବା ପରେ ସେ ନିଜ ଗ୍ରାମକୁ ଫେରି ଆସିଛନ୍ତି । ଏହି ଅବସରରେ ବଡ଼ଝାଡ଼ ଗ୍ରାମବାସୀଙ୍କ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ତିତିପ ପଞ୍ଚାୟତର ଚଢ଼େୟା ଛକ ଠାରୁ ବାଜା ବାଣ ଫୁଟାଇ ପାଇକ ଆଖଡ଼ା ସହିତ ପାଟୁଆରରେ ଚାରିଛକ ବଜାର ଦେଇ ନିଜ ଗ୍ରାମ ଯବାନ ଶ୍ରୀ ଜେନାଙ୍କୁ ପରିକ୍ରମା କରାଯାଇଥିଲା । ପରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ୍ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ଼ଃ ଅଭିମନ୍ୟୁ ଜେନା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ୩୫ ମୌଜା ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ମାଝୀ, ବୁଦ୍ଧିଜୀବି ଯୋଗେନ୍ଦ୍ର ଜେନା, ଅବସର ସେନା ଅଧିକାରୀ ଆର୍ତ୍ତତ୍ରାଣ ମହାରଣା, ଅବସର ସେନା ଅଧିକାରୀ ବିଦ୍ୟାଧର ଜେନା, ବଡ଼ଝାଡ଼ ଗ୍ରାମ୍ୟ କମିଟି ସଭାପତି ବରିଷ୍ଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ସମ୍ପାଦକ ପ୍ରଭାତ କୁମାର ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବସନ୍ତ କୁମାର ତରେଇ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ଶ୍ରୀ ଜେନା ସମେତ ସମସ୍ତ ସେନା ଅଧିକାରୀଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବ ସମାଜସେବୀ ଅଭୟ କୁମାର ମହାପାତ୍ର, ସୁଶାନ୍ତ କୁମାର ତରେଇ,ବରିଷ୍ଠ ଶିକ୍ଷକ ଦିବାକର ଜେନା, ନବୀନ ଜେନା, ଚିନ୍ମୟ କୁମାର ଜେନା, ସୌଭାଗ୍ୟ କୁମାର ମହାପାତ୍ରଙ୍କ ସମେତ ସପରିବାର ଏବଂ ବଡ଼ଝାଡ଼ ଗ୍ରାମବାସୀ ଉପସ୍ଥିତ ଥିଲେ।

## କୋଚିଲା ଖୁଣ୍ଟା ହାଇସ୍କୁଲରେ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ

ବଡ଼ସାହି (ନିପ୍ର): ଜାତୀୟ ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧି ମୟୂରଭଞ୍ଜ ଏବଂ ଇକୋ କ୍ଲବ ସରକାରୀ ଉଚ୍ଚବିଦ୍ୟାଳୟ କୋଚିଲା ଖୁଣ୍ଟା ହାଇସ୍କୁଲର ମିଳିତ ସହଯୋଗରେ ପରିବେଶ ସୁରକ୍ଷା ପାଇଁ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାମଦେ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ପର୍ଯ୍ୟାବରଣ ସଂରକ୍ଷଣ ଗତିବିଧିର ସଂଯୋଜକ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବୃକ୍ଷର ସୁରକ୍ଷା ପାଇଁ ରାଜସ୍ଥାନ ରାଜ୍ୟର ଯୋଧପୁର ନିକଟସ୍ଥ ଖେଜୁରୀ ଠାରେ ଅମୃତା ଦେବୀଙ୍କ ସମେତ ୩୬୩ ଜଣ ସହିଦ ହୋଇଥିବା କଥା ଉଲ୍ଲେଖ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ କୁମୁଦିନୀ ସିଂହ, ମୁଖ୍ୟବକ୍ତା ଭାବରେ କୋଚିଲା ଖୁଣ୍ଟା ଗ୍ରାମ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ତଥା ବିଦ୍ୟାଳୟ ସୁରକ୍ଷା କମିଟିର ସଦସ୍ୟ ନରେନ୍ଦ୍ର କୁମାର ସିଂ ଯୋଗଦାନ କରି ପରିବେଶକୁ ସୁରକ୍ଷା କରିବା ପାଇଁ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମନରେ ପରିବେଶ ସୁରକ୍ଷାର ବାର୍ତ୍ତା ଏକ ଅତି ସୁନ୍ଦର ପରି କଳ୍ପନା ବୋଲି କହିଥିଲେ।

ତିଥି :(ଅଷ୍ଟମୀ): (ରୋହିଣୀ ବୃଷ)
ଅମୃତ ବେଳା: ଦିବା ଘ ୭।୧୧ ମଧ୍ୟେ ଘ୭।୫୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଆପଣ ଅଧ୍ୟାତ୍ମ ବିଷୟକ ଯେଉଁ ପରମ ଗୋପନୀୟ ବଚନ କହିଲେ ତାହାଦ୍ୱାରା ମୋର ଏହି ମୋହ ନଷ୍ଟ ହୋଇଯାଇଛି ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ନେପାଳ ଭୁଲିଯାଉଛି ?

ଅଗଷ୍ଟ ୨୬ରେ ନେପାଳରେ ସଂଘଟିତ ଜଳପ୍ରଳୟରେ ୧୧ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି । ବହୁ ସଂଖ୍ୟକ ନିଖୋଜ ଅଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ଭୂତାତ୍ତ୍ୱିକ ସର୍ଭେ ମୁତାବକ ହିମବାହ ସ୍ଖଳନ ହେତୁ ଲାଙ୍ଗଟାଙ୍ଗ ଅଞ୍ଚଳରେ ବର୍ଜ୍ୟସ୍ରୋତ କାଦୁଅ ଭାବରେ ପ୍ରବାହିତ ହେଲା । ପରେ ତାହା ଲେହେଙ୍ଗରେ ପ୍ରବେଶ କରି ଭୋଟକୋଶୀ ଓ ତ୍ରିଶୂଳୀ ନଦୀ ଭିତରକୁ ଗଲା । ମାତ୍ର ୩୦ ମିନିଟରେ ଏହି ସ୍ରୋତର ଉଚ୍ଚତା ଥିଲା ୯ ମିଟର । ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ପ୍ରାଥମିକ ଭାବରେ ଏହି ବନ୍ୟାର ସ୍ରୋତ ଘଣ୍ଟାପ୍ରତି ଥିଲା ୧୯୩ କି.ମି ଓ ମାତ୍ର ୭ ମିନିଟରେ ପ୍ରାୟ ୧୪ ମାଇଲ ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଥିଲା । ଜଳପ୍ରଳୟ ପରେ ଉକ୍ତ ଦେଶକୁ ରିଲିଫ ଓ ଅନ୍ୟାନ୍ୟ ସହାୟତା ଯୋଗାଇଥିଲେ ଭାରତ, ଚୀନ, ଆମେରିକା ଓ ଅନ୍ୟାନ୍ୟ ଦେଶ । ତେବେ ସହାୟତା ଯୋଗାଇଥିବା ଏସବୁ ଦେଶ ମଧ୍ୟରୁ ଭାରତ,ଚୀନ ଓ ଆମେରିକାକୁ ଏବେ ନେପାଳ କହୁଛି ଆମକୁ ବଦାନ୍ୟତା ଦେଖାନ୍ତୁ ନାହିଁ । କ୍ଷତିପୂରଣ ଦିଅନ୍ତୁ । ଏଥିଲାଗି ଏହା ଦାୟୀ କରିଛି ଚୀନକୁ ସବୁଠୁ । କାରଣ ଉକ୍ତ ଦେଶ ଅଧିକ କାର୍ବନ ନିର୍ଗମନ କରୁଛି । ଏହା ପଛକୁ ଆମେରିକା ଓ ତୃତୀୟରେ ଭାରତ । କିନ୍ତୁ ନେପାଳର ଏବାବଦ କାର୍ବନ ନିର୍ଗମନ ହିସାବକୁ ନେଇନାହିଁ । ମନେ ହୁଏ ଯେପରି ଏହା କାର୍ବନ ନିର୍ଗମନ ଶୂନ୍ୟ ଦେଶ ।

ନେପାଳ ପ୍ରଥମେ ବୁଝିବା ଉଚିତ ବୈଶ୍ୱିକ ପାଣିପାଗ ପରିବର୍ତ୍ତନ ଅର୍ଥାତ୍ ସମଗ୍ର ବିଶ୍ୱରେ ପାଣିପାଗଜନିତ ବିଭ୍ରାଟରୁ କେବଳ ହିମବାହ ସ୍ଖଳନ ନୁହେଁ, ଅଧିକନ୍ତୁ ଅନ୍ୟାନ୍ୟ ବିପର୍ଯ୍ୟୟ ମଧ୍ୟ ଘଟୁଛି । ନେପାଳ ଜଳପ୍ରଳୟ ଦେଶର ୩ଟି ଜିଲ୍ଲାର ଘରଦ୍ୱାର, ସେତୁ, ରାସ୍ତା, ଭସାଇ ନେଇଛି । ବ୍ୟାପକ ଭାବରେ କ୍ଷତିସାଧନ କରିଛି । ଏବେ ବି ଏହା ଉଦ୍ଧାର ଓ ଆନୁଷଙ୍ଗିକ କାର୍ଯ୍ୟରେ ସଂପୃକ୍ତ ରହିଛି । ଏକଥା ସତ ଯେ ପୁନଃନିର୍ମାଣ ନିମନ୍ତେ ବିପୁଳ ଅର୍ଥ ଆବଶ୍ୟକତା । କିନ୍ତୁ ସହାୟତା ନୁହେଁ, ବରଂ ନ୍ୟାୟ ଓ କ୍ଷତିପୂରଣ ଲୋଡ଼ା ବୋଲି ନେପାଳ ଅଡ଼ିବସିବା ଏ ସମୟରେ ଠିକ୍ ନୁହେଁ । ରିଲିଫ ଓ ସହାୟତା ପାଇଥିବା ରାଷ୍ଟ୍ରମାନଙ୍କୁ କୃତଜ୍ଞତା ଜଣାଇବା ଅପେକ୍ଷା ଏବେ ଧମକଚମକ ଦେବା ପରି ଅନୁଭୂତ ହେଉଛି । ଅବଶ୍ୟ ଏ କଥା ସତ ଯେ କାର୍ବନ ନିର୍ଗମନ ସମଗ୍ର ବିଶ୍ୱ ପାଇଁ ବଡ଼ ସମସ୍ୟା ପାଲଟିଛି । ନେପାଳ ନିର୍ଦ୍ଧାରିତ ଭାବରେ ଏ ବାବଦେ ବୈଜ୍ଞାନିକ ଆଧାରିତ ପ୍ରମାଣ ରଖିବା ଦରକାର । ମନକୁ ମନ ଏଭଳି କହିବା ଅପେକ୍ଷା ଜାତିସଂଘ ଠାରେ ଏ ସ୍ଥିତି ପାଇଁ କ'ଣ କରାଯିବା ଦରକାର ସେ ସଂପର୍କିତ ପ୍ରସ୍ତାବ ଉଠାଇ ଆପତ୍ତି ଉଠାଇଥିଲେ ବରଂ ଭଲ ହୋଇଥାନ୍ତା । କ୍ଷତିପୂରଣ ଶବ୍ଦ ପରିଭାଷିତ ହୋଇନାହିଁ ନିର୍ଦ୍ଦିଷ୍ଟ ଅର୍ଥ ଆକାରରେ । ଯଦିଓ କ୍ଷତିପୂରଣ କେହି ଦିଏ ତାହାଦ୍ୱାରା ହିମବାହ ସ୍ଖଳନଜନିତ ଜଳପ୍ରଳୟକୁ ରୋକାଯାଇପାରିବ କି ? ବରଂ ଏ ବାବଦେ ନେପାଳ ବିଶ୍ୱ ସମୁଦାୟକୁ ଆହ୍ୱାନ କରିବା ସମୟୋଚିତ ହେବ । ମୂଳ ସମସ୍ୟା ଦୂର କରିବା ଆବଶ୍ୟକ । ଏଥିରେ ଦ୍ୱିଧା ନାହିଁ ଯେ ବିଶ୍ୱତାପନ ଓ ପାଣିପାଗ ପରିବର୍ତ୍ତନ ସମସ୍ୟା ପ୍ରଭାବରୁ କେବଳ ନେପାଳ ନୁହେଁ, ଭାରତ, ଚୀନ, ଆମେରିକା ସମେତ ବିଶ୍ୱର ଅନ୍ୟାନ୍ୟ ଦେଶ ପ୍ରଭାବିତ ହେଉଛନ୍ତି । ସେମାନେ ତ କ୍ଷତିପୂରଣ ଲୋଡୁନାହାନ୍ତି । ବିଭିନ୍ନ ବିପର୍ଯ୍ୟୟ ସମଗ୍ର ବିଶ୍ୱ ସାମ୍ନା କରିବା ନିତ୍ୟ ନୈମିତ୍ତିକ ଘଟଣାରେ ପରିଣତ ହେଲାଣି । ଏକାଧିକ ଯୁଦ୍ଧ ଚାଲିଛି । ତାହାର ପ୍ରଭାବ ମଧ୍ୟ ସମଗ୍ର ବିଶ୍ୱ ପରିବେଶ ଉପରେ ପଡୁଥିବା କଥାକୁ କେହି ଅସ୍ୱୀକାର କରିପାରିବେନାହିଁ । ସୁତରାଂ ଏ ବାବଦେ ନିର୍ଦ୍ଦିଷ୍ଟ ଭାବରେ ତିନି ରାଷ୍ଟ୍ରକୁ ଦାୟୀ କରି କ୍ଷତିପୂରଣ ଦାବି କରିବା କେତେ ଦୂର ଯଥାର୍ଥ ? ଔଷଧ ଦେଇ ରୋଗରୁ ମୁକ୍ତି ଅପେକ୍ଷା ନିରାକରଣ ହେଉଛି ଉଚିତ ପନ୍ଥା । ଆଲୋଚ୍ୟ ସମସ୍ୟାର ନିରାକରଣ ସମଗ୍ର ବିଶ୍ୱର ଦାୟିତ୍ୱ । ବରଂ ନେପାଳ ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ମଞ୍ଚକୁ ଆହ୍ୱାନ କରି ଏହାର ଅଧ୍ୟକ୍ଷତା କରି ଆଗକୁ ବଢ଼ିବା ଭଲ ହେବ ।

# ଅମୃତ କାଳରେ ଅସହାୟତାର ଦୌଡ଼

### ଅଖିଳ ତରାଇ

ଜୀବନର ଦୌଡ଼ରେ ସମସ୍ତଙ୍କ ପାଖରେ ସମାନ ସୁଯୋଗ ନଥାଏ । କାହା ପାଖରେ ଦାମୀ ଜୋତା ଥାଏ, କାହା ପାଖରେ ଆଧୁନିକ ପୋଷାକ ଓ ପ୍ରଶିକ୍ଷଣର ସୁବିଧା ଥାଏ । ଆଉ କେହି କେହି ଅଭାବ, ଦାରିଦ୍ର୍ୟ ଓ ପ୍ରତିକୂଳତାକୁ ସାଥୀ କରି ଆଗକୁ ବଢ଼ନ୍ତି । କିନ୍ତୁ ଜୀବନର ସବୁଠାରୁ ବଡ଼ ଶକ୍ତି ଯେତେବେଳେ ଦୃଢ଼ ମନୋବଳ ଓ ଏକ ମା'ର ସନ୍ତାନ ପାଇଁ ସ୍ୱପ୍ନ ସହ ଯୋଡ଼ି ହୋଇଯାଏ, ସେତେବେଳେ ଖାଲି ପାଦ ମଧ୍ୟ ବିଜୟର ପଥ ଅତିକ୍ରମ କରିପାରେ । ମହାରାଷ୍ଟ୍ରର ବିଡ୍ ଜିଲ୍ଲା ଅନ୍ତର୍ଗତ ଅମ୍ବାଜୋଗାଇରୁ ଆସିଥିବା ଏକ ଖବର ସମଗ୍ର ଦେଶର ବିବେକକୁ ଆନ୍ଦୋଳିତ କରିଛି । ଜଣେ ୪୭ ବର୍ଷୀୟା ମହିଳା ରମାବାଇ ରଣବୀର, କେବଳ ନିଜ ଝିଅର ପାଠପଢ଼ା ଫି' ଦେବା ପାଇଁ ଶାଢ଼ି ପିନ୍ଧି, ଖାଲି ପାଦରେ ଏକ ମାରାଥନ୍ ଦୌଡ଼ି ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଏହି ଘଟଣା କେବଳ କ୍ରୀଡ଼ା କ୍ଷେତ୍ରର କୌଣସି ଚମତ୍କାର ନୁହେଁ, ବରଂ ଏହା ମାତୃତ୍ୱର ଅସୀମ ତ୍ୟାଗ, ଦାରିଦ୍ର୍ୟ ବିରୋଧରେ ନିରନ୍ତର ସଂଗ୍ରାମ ଏବଂ କନ୍ୟା ଶିକ୍ଷା ପ୍ରତି ଜଣେ ମା'ର ଅତୁଟ ପ୍ରତିବଦ୍ଧତାର ଏକ ଅନନ୍ୟ ଉଦାହରଣ । ଯେଉଁଠାରେ ଲକ୍ଷ୍ୟ ପବିତ୍ର ଓ ନିଷ୍ଠା ଅଦମ୍ୟ ଥାଏ, ସେଠାରେ ଅଭାବ ଅନଟନ କିମ୍ବା ପରିସ୍ଥିତି କଦାପି ପ୍ରତିବନ୍ଧକ ସାଜିପାରେ ନାହିଁ, ରମାବାଇ ତାହା ପ୍ରମାଣ କରି ଦେଖାଇଛନ୍ତି ।

ଅମ୍ବାଜୋଗାଇ ଠାରେ ଭାରତୀୟ ଶିକ୍ଷଣ ପ୍ରସାରକ ସଂସ୍ଥାର ଖୋଲେଶ୍ୱର ଶିକ୍ଷା ସଙ୍କୁଳ ପକ୍ଷରୁ ଅମୃତ ମହୋତ୍ସବ ଅବସରରେ 'ଅମୃତ ଦୌଡ଼' ନାମକ ଏକ ମାରାଥନ୍ ଆୟୋଜିତ ହୋଇଥିଲା । ଛତ୍ରପତି ଶିବାଜୀ ମହାରାଜ ଛକରୁ ଆରମ୍ଭ ହୋଇ ଭାଗ୍ୟନଗର ଛକ ପର୍ଯ୍ୟନ୍ତ ବିସ୍ତୃତ ଥିବା ଏହି ଦୌଡ଼ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଅତ୍ୟାଧୁନିକ ସ୍ପୋର୍ଟ୍ସ ଜୋତା ଓ ଟ୍ରାକ୍ ସୁଟ୍ ପିନ୍ଧି ଅବତୀର୍ଣ୍ଣ ହୋଇଥିଲେ । ସେହି ଭିଡ଼ ଭିତରେ ଏକ ସାଧାରଣ ଶାଢ଼ି ଓ ଚପଲ ପିନ୍ଧି ରମାବାଇ ପ୍ରତିଯୋଗୀ ଭାବେ ଠିଆ ହୋଇଥିଲେ । ତାଙ୍କ ବେଶଭୂଷା ଦେଖି କେହି କଳ୍ପନା ସୁଦ୍ଧା କରିନଥିଲେ ଯେ ଏହି ମହିଳା ଜଣକ ବିଜେତା ହେବେ । ତାଙ୍କ ପାଇଁ ଏହି ଦୌଡ଼ କୌଣସି ଖେଳ କିମ୍ବା ଖ୍ୟାତି ପାଇଁ ନ ଥିଲା, ତାଙ୍କ ଆଖି ଆଗରେ ନାଚୁଥିଲା କେବଳ ପୁରସ୍କାର ରାଶି ୩,୦୦୦ ଟଙ୍କା, ଯାହା ତାଙ୍କ ଝିଅର ବନ୍ଦ ହେବାକୁ ବସିଥିବା ପାଠପଢ଼ାକୁ ପୁଣି ଥରେ ଆଗକୁ ନେଇପାରିବ ।

ଦୌଡ଼ ଆରମ୍ଭ ହେବା ମାତ୍ରେ ସେ ପୂର୍ଣ୍ଣ ମନୋବଳ ସହିତ ଦୌଡ଼ିବା ଆରମ୍ଭ କଲେ । କିନ୍ତୁ କିଛି ବାଟ ଯିବା ପରେ ତାଙ୍କ ପାଦରୁ ଚପଲ ଖସିଯିବାକୁ ଲାଗିଲା, ଯାହା ତାଙ୍କ ଗତିକୁ ମନ୍ଥର କରୁଥିଲା । ସାଧାରଣ ଲୋକ ଏଭଳି ସ୍ଥିତିରେ ହାର୍ ମାନିଥାନ୍ତେ, କିନ୍ତୁ ରମାବାଇ ଥିଲେ ଏକ ଭିନ୍ନ ଧାତୁରେ ଗଢ଼ା । ସେ ବିନା ଦ୍ୱିଧାରେ ଚପଲ ଦୁଇଟିକୁ ଖୋଲି ହାତରେ ଧରିନେଲେ ଏବଂ ଖାଲି ପାଦରେ ପିଚୁ ରାସ୍ତା ଉପରେ ଦୌଡ଼ିବା ଆରମ୍ଭ କଲେ । ରାସ୍ତାର ଖସଖସିଆ ପଥର, ଖରା ଏବଂ ଶାଢ଼ି ସମ୍ଭାଳିବାର ଆହ୍ୱାନ, କିଏ ବି ତାଙ୍କୁ ଅଟକାଇ ପାରିନଥିଲା । ପାଦର ଯନ୍ତ୍ରଣା ଅପେକ୍ଷା ଝିଅର ଅନ୍ଧକାରମୟ ଭବିଷ୍ୟତର ଭୟ ତାଙ୍କୁ ଅଧିକ ଦ୍ରୁତଗତିରେ ଆଗକୁ ଟାଣି ନେଉଥିଲା । ଶେଷରେ ସମସ୍ତ ତରୁଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ବିଜୟୀ ହୋଇ ଲକ୍ଷ୍ୟସ୍ଥଳ ଅତିକ୍ରମ କଲେ । ଦର୍ଶକ ଓ ଆୟୋଜକମାନେ ଏହି ଅଭୂତପୂର୍ବ ଦୃଶ୍ୟ ଦେଖି ଭାବବିହ୍ୱଳ ହୋଇ କରତାଳିରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଜିର ଉପଭୋକ୍ତାବାଦୀ ସମାଜରେ ୩,୦୦୦ ଟଙ୍କା ହୁଏତ ଜଣେ ସହରୀ ମଣିଷ ପାଇଁ ଏକ ସାଧାରଣ ଖର୍ଚ୍ଚ କିମ୍ବା ଗୋଟିଏ ବ୍ରାଣ୍ଡେଡ୍ ଜୋତାର ମୂଲ୍ୟ ହୋଇନପାରେ । ମାତ୍ର ଭାରତର ଗ୍ରାମାଞ୍ଚଳରେ ଏହି ରାଶି ଏକ ଗରିବ ପରିବାର ପାଇଁ ଶିକ୍ଷା ଓ ନିରକ୍ଷରତା ମଧ୍ୟରେ ଥିବା ବ୍ୟବଧାନକୁ ସୂଚାଏ । ଏହି ଘଟଣା ଆମ ସମାଜ ତଥା ଶିକ୍ଷା ବ୍ୟବସ୍ଥା ଆଗରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ୱାଧୀନତାର ଅମୃତ କାଳରେ ମଧ୍ୟ ଜଣେ ମା'କୁ ନିଜ ସନ୍ତାନର ସ୍କୁଲ ଫି' ଭରିବା ପାଇଁ ଖାଲି ପାଦରେ ରକ୍ତାକ୍ତ ହୋଇ ରାସ୍ତାରେ ଦୌଡ଼ିବାକୁ ପଡୁଛି, ଏହା ଶିକ୍ଷା ଅଧିକାର ଓ ସରକାରୀ ଯୋଜନାଗୁଡ଼ିକର ବାସ୍ତବ ରୂପକୁ ଉନ୍ମୋଚିତ କରୁନାହିଁ କି ?

ରମାବାଇ ରଣବୀରଙ୍କ ଏହି ସଫଳତା କେବଳ ଏକ କ୍ରୀଡ଼ା ପୁରସ୍କାରରେ ସୀମିତ ନୁହେଁ । ଏହା ସେହି ସମସ୍ତ ନିଃସ୍ୱାର୍ଥପର ମା'ମାନଙ୍କର ପ୍ରତୀକ, ଯେଉଁମାନେ ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ନିଜ ସୁଖ-ଶାନ୍ତିକୁ ଜଳାଞ୍ଜଳି ଦେଇଦିଅନ୍ତି । ଭାରତୀୟ ନାରୀ କେବଳ ସହନଶୀଳା ନୁହେଁ, ସମୟ ଆସିଲେ ସେ ସାହସ ଓ ସଂକଳ୍ପର ଅଜେୟ ପ୍ରାଚୀର ହୋଇ ଠିଆ ହୋଇପାରେ । ରମାବାଇଙ୍କ ଏହି ଐତିହାସିକ ଦୌଡ଼ ପ୍ରମାଣ କରେ ଯେ, ମନୋବଳ ଏବଂ ସଚ୍ଚୋଟ ଉଦ୍ଦେଶ୍ୟ ଆଗରେ ସମ୍ବଳର ଅଭାବ କେବେ ବି ହାର୍ ମାନିବାକୁ ବାଧ୍ୟ । ସମାଜ ତଥା ପ୍ରଶାସନ ଏଭଳି ପରିବାରଗୁଡ଼ିକର ଦୁଃଖ ବୁଝି ପ୍ରତ୍ୟେକ କନ୍ୟାର ଶିକ୍ଷା ସୁନିଶ୍ଚିତ କରିବା ହିଁ ରମାବାଇଙ୍କ ଏହି ଅସାଧାରଣ ସଂଗ୍ରାମ ପ୍ରତି ପ୍ରକୃତ ସମ୍ମାନ ହେବ ।

# ମାନବିକତାର ଉଲ୍ଲଂଘନ

### ବିଷ୍ଣୁ ପ୍ରସାଦ ଦାସ

**"ବର୍ତ୍ତମାନ ସମୟରେ ମାନବିକତାର ସବୁଠାରୁ ଅନ୍ଧକାର ଦିଗ ହେଉଛି ଅନ୍ୟାୟ ହେଲେ ଆମ ମାନଙ୍କର ନୀରବ ରହିବାର ପ୍ରବୃତ୍ତି । ଅନ୍ୟାୟକୁ ବିରୋଧ କରିବାର ଶକ୍ତି ଲୋକଙ୍କ ପାଖରେ ପ୍ରାୟତଃ ନାହିଁ, କେହି ଝାମେଲାକୁ ଯିବାକୁ ପସନ୍ଦ କରନ୍ତି ନାହିଁ । ' ଆପେ ବଞ୍ଚିଲେ ବାପର ନାଁ ' ନୀତିରେ ସମାଜ ଚାଲିଛି । ଜ୍ଞାନୀ,ଗୁଣୀ ବ୍ୟକ୍ତିମାନେ ଯଦି ଉଦାସୀନତାର ପଥ ବାଛି ନେବେ ତେବେ ଅନ୍ୟାୟ, ଅନୀତି, ଦୁର୍ନୀତି ଶକ୍ତିଶାଳୀ ହୋଇଯିବ ଏଥିରେ ସନ୍ଦେହ ନାହିଁ ।**

ପ୍ରାଚୀନ ଜ୍ଞାନ, ବିବିଧ ସଂସ୍କୃତି ଏବଂ ଆଧ୍ୟାତ୍ମିକ ପରମ୍ପରାର ଦେଶ ଭାରତ । ଆମେ ପ୍ରାୟତଃ ଗର୍ବର ସହିତ ବସୁଧୈବ କୁଟୁମ୍ବକମ୍ (ବିଶ୍ୱ ଗୋଟିଏ ପରିବାର) ଏବଂ କରୁଣା, ସହନଶୀଳତା ଏବଂ ମାନବିକତାର କଥା କହୁ । ତଥାପି, ଏହି ସୁନ୍ଦର ପ୍ରତିଛବି ତଳେ ଆଉ ଏକ ବାସ୍ତବତା ଲୁଚି ରହିଛି: ଆମ ଆଚରଣର ଅନ୍ଧକାର ପାର୍ଶ୍ୱକୁ ମଧ୍ୟକୁ ଆମେ ଅଣଦେଖା କରିପାରିବା ନାହିଁ ।

ଆମ ସମାଜର ସବୁଠାରୁ ଉଦ୍‌ବେଗଜନକ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଅନ୍ୟମାନଙ୍କ ଦୁଃଖ ପ୍ରତି ବଢୁଥିବା ଉଦାସୀନତା । ଅନେକ କ୍ଷେତ୍ରରେ ଆମେ ଦୁର୍ଘଟଣା ଦେଖିବା ପାଇଁ ଅଟକି ଯାଇ ପାରୁଛୁ, ଏହାକୁ ମୋବାଇଲ୍ ଫୋନ୍‌ରେ ରେକର୍ଡ କରି ସୋସିଆଲ ମିଡିଆରେ ଭିଡିଓ ସେୟାର କରି ପାରୁଛୁ, କିନ୍ତୁ ଆମ ମଧ୍ୟରୁ କେତେ ଜଣ ପ୍ରକୃତରେ ଆହତମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି ? ପ୍ରଯୁକ୍ତିବିଦ୍ୟା ଆମକୁ ଡିଜିଟାଲ୍ ଭାବରେ ଯୋଡ଼ି ପାରିଛି, ତଥାପି ଅନେକ ପରିସ୍ଥିତିରେ ଏହା ଆମକୁ ଭାବପ୍ରବଣ ଠାରୁ ଦୂରେଇ ଦେଉଛି । ମୋବାଇଲ ଧରିଥିବା ଶତାଧିକ ହାତ ମଧ୍ୟରୁ ସହାନୁଭୂତି ଦେଖାଇ ସାହାଯ୍ୟ ପାଇଁ କେତେ ଜଣ ହାତ ବଢାନ୍ତି ? ପ୍ରାୟତଃ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଦାରିଦ୍ର୍ୟ ଏବଂ ଅସମାନତା ସମାଜର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସମାଜରେ ଗୋଟିଏ ପଟେ, ଧନ ଅତ୍ୟଧିକ ଭାବରେ ପ୍ରଦର୍ଶିତ ହେଉଥିବା ସମୟରେ ; ଅନ୍ୟପଟେ, ଲକ୍ଷ ଲକ୍ଷ ଲୋକ ଖାଦ୍ୟ, ଆଶ୍ରୟ, ଶିକ୍ଷା ଏବଂ ମୌଳିକ ଅଧିକାର ପାଇଁ ସଂଘର୍ଷ କରିବାର କାରଣ କ'ଣ ? ପ୍ରାୟ ସମସ୍ତେ ଦେଖିଥିବେ ଅନେକ ଶିଶୁ, ଅସହାୟ ମହିଳା ଟ୍ରାଫିକ୍ ସିଗନାଲ୍ ପାଖରେ ଭିକ୍ଷା ବୃତ୍ତିରେ ଲିପ୍ତ ଥାନ୍ତି । ସେମାନେ ସେଠାରେ କାହିଁକି ଭିକ୍ଷା ମାଗୁଛନ୍ତି ତାହା ନ'ପଚାରି କିଛି ଦୟାଳୁ ବ୍ୟକ୍ତି ପ୍ରତିଦିନ ସେମାନଙ୍କୁ କିଛି କିଛି ଭିକ୍ଷା ଦେଇଯାଆନ୍ତି । ଏହି ବ୍ୟକ୍ତିମାନଙ୍କୁ ଭିକ୍ଷା ନ ଦେଇ କ'ଣ ସ୍ଥାୟୀ ଭାବେ ଥଇଥାନ କରି ହେବ ନାହିଁ ? ଏହାଦ୍ୱାରା ବିଚ୍ ରାସ୍ତା ଉପରେ ମାନବିକ ଅଧିକାରର ଉଲ୍ଲଂଘନ ହେଉ ନାହିଁକି ? ଦାରିଦ୍ର୍ୟ କେବଳ ଏକ ଆର୍ଥିକ ସମସ୍ୟା ନୁହେଁ, ଏହା ଆମର ମାନବିକତାର ଏକ ପରୀକ୍ଷା କହିଲେ ଚଳେ । ରାଜ୍ୟର ଏପରି ଉପାନ୍ତ ଅଞ୍ଚଳ ଅଛି ଯେଉଁଠାକୁ ଯିବାକୁ ରାସ୍ତା ନାହିଁ, ପାନୀୟ ଜଳ ପାଇଁ ମା, ଭଉଣୀ ମାନେ ମାଇଲ ମାଇଲ ବାଟ ଯାଉଛନ୍ତି, ବିଜୁଳି ନାହିଁ, ଖାଦ୍ୟ ନାହିଁ, ସ୍କୁଲ୍ ନାହିଁ, ଡାକ୍ତରଖାନା ନାହିଁ । କିନ୍ତୁ ବାବୁମାନଙ୍କ ବାତାନୁକୂଳିତ ଅଫିସ୍‌ରେ ଫାଇଲ୍ ଗୁଡ଼ିକ କହୁଛି ସବୁ ଠିକ୍ ଚାଲିଛି ।

ବର୍ତ୍ତମାନ ସମୟରେ ମହିଳା ଏବଂ ଶିଶୁମାନଙ୍କ ପ୍ରତି ହେଉଥିବା ହିଂସା ଆଚରଣ ଖୁବ୍ ସାଙ୍ଘାତିକ ରୂପ ନେଇଛି । ଆଇନ ଏବଂ ସଚେତନତା ଅଭିଯାନ ସତ୍ତ୍ୱେ ହିଂସା, ଯୌନ ନିର୍ଯାତନା, ଘରୋଇ ନିଷ୍ଠୁରତା, ଶିଶୁ ଶ୍ରମିକ ଚାଲାଣ ଏବଂ ଭେଦଭାବ ଦିନକୁଦିନ ବଢ଼ି ଚାଲିଛି । ସମାଜରେ ଯଦି ମହିଳା ଏବଂ ଶିଶୁମାନେ ଅସୁରକ୍ଷିତ ରୁହନ୍ତି, ସମ୍ମାନ ଏବଂ ସମାନ ସୁଯୋଗରୁ ବଞ୍ଚିତ ହୁଅନ୍ତି, ତେବେ ସେହି ସମାଜକୁ ଆମେ କେବେ ବି ବିକଶିତ ବୋଲି କହି ପାରିବା ନାହିଁ ।

ଆଉ ଏକ ଚିନ୍ତାଜନକ ବିଷୟ ହେଉଛି ଘୃଣା ଏବଂ ଅସହିଷ୍ଣୁତା ବୃଦ୍ଧି । ଧର୍ମ, ଜାତି, ଭାଷା, ଅଞ୍ଚଳ ଏବଂ ରାଜନୈତିକ ଚିନ୍ତାଧାରା ସହଜରେ ବିଭାଜନର କାରଣ ହୋଇପାରେ । ଆମେ କେତେକ ସମୟରେ ଭୁଲି ଯାଉ ଯେ ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ, ଶିଖ, ବୌଦ୍ଧ କିମ୍ବା ଅନ୍ୟ କୌଣସି ସମ୍ପ୍ରଦାୟର ବ୍ୟକ୍ତି ଭାବରେ ଚିହ୍ନଟ ହେବା ପୂର୍ବରୁ ବୁଝିବାକୁ ପଡ଼ିବ ଯେ, ଆମେ ସମସ୍ତେ ମଣିଷ । ଏହି ଚିନ୍ତାଧାରା ଆଧାରରେ ଆମ ସମାଜକୁ



ମାନବିକତାର ବନ୍ଧନରେ ବାନ୍ଧି ରଖିବା ଉଚିତ । ଧର୍ମକୁ ପାଥେୟ କରି ପରସ୍ପର ବିରୋଧରେ ବିଷୋଦ୍‌ଗାର କରିବା ସମାଜ ପାଇଁ ମଙ୍ଗଳକର ନୁହେଁ । ଧର୍ମକୁ ଦ୍ୱାହି ଦେଇ ଲକ୍ଷ ଲକ୍ଷ ନିରୀହ ଜନତା ବଳି ପଡୁଛନ୍ତି , ତଥାପି ଆମ ଚେତା ପଶୁନାହିଁ ।

ବର୍ତ୍ତମାନ ସମୟରେ ମାନବିକତାର ସବୁଠାରୁ ଅନ୍ଧକାର ଦିଗ ହେଉଛି ଅନ୍ୟାୟ ହେଲେ ଆମ ମାନଙ୍କର ନୀରବ ରହିବାର ପ୍ରବୃତ୍ତି । ଅନ୍ୟାୟକୁ ବିରୋଧ କରିବାର ଶକ୍ତି ଲୋକଙ୍କ ପାଖରେ ପ୍ରାୟତଃ ନାହିଁ, କେହି ଝାମେଲାକୁ ଯିବାକୁ ପସନ୍ଦ କରନ୍ତି ନାହିଁ । ' ଆପେ ବଞ୍ଚିଲେ ବାପର ନାଁ ' ନୀତିରେ ସମାଜ ଚାଲିଛି । ଜ୍ଞାନୀ ଗୁଣୀ ବ୍ୟକ୍ତିମାନେ ଯଦି ଉଦାସୀନତାର ପଥ ବାଛି ନେବେ ତେବେ ଅନ୍ୟାୟ, ଅନୀତି, ଦୁର୍ନୀତି ଶକ୍ତିଶାଳୀ ହୋଇଯିବ ଏଥିରେ ସନ୍ଦେହ ନାହିଁ ।

ଅନ୍ଧକାରମୟ ମାନବିକତା ମଧ୍ୟରେ ଅନେକ ଆଲୋକିତ ତଥା ସକାରାତ୍ମକ ଦିଗ ମଧ୍ୟ ରହିଛି । ସାରା ଦେଶରେ, ଅଗଣିତ ଲୋକ ନୀରବରେ ଅସହାୟଙ୍କ ପାଇଁ ଅସାଧାରଣ ଦୟା ପ୍ରଦର୍ଶନ କରନ୍ତି । ଅପରିଚିତ ଲୋକଙ୍କୁ ସାହାଯ୍ୟ କରିବା, ଭୋକିଲା ବ୍ୟକ୍ତିଙ୍କୁ ଖାଦ୍ୟ ଦେବା, ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷା ଦେବା, ପଶୁମାନଙ୍କୁ ସୁରକ୍ଷା ଦେବା, ବିପର୍ଯ୍ୟୟ ସମୟରେ ଜୀବନକୁ ବାଜି ଲଗାଇ ଧନ ଜୀବନ ରକ୍ଷା କରିବା ଏବଂ ଅନ୍ୟାୟର ଶିକାର ହୋଇଥିବା ଲୋକଙ୍କ ପାଖରେ ଠିଆ ହେବା ଦେଖିବାକୁ ମିଳେ । ସେମାନଙ୍କର ଏହି ସକାରାତ୍ମକ କାର୍ଯ୍ୟ ଆମକୁ ମନେ ପକାଇ ଦିଏ ଯେ ମାନବିକତା ବର୍ତ୍ତମାନ ମଧ୍ୟ ଜୀବିତ ରହିଛି । ଭାରତ ସମ୍ମୁଖରେ ପ୍ରକୃତ ଆହ୍ୱାନ କେବଳ ଆର୍ଥିକ ବିକାଶ କିମ୍ବା ପ୍ରଯୁକ୍ତିବିଦ୍ୟା ପ୍ରଗତି ନୁହେଁ । ନୈତିକ ଏବଂ ସାମାଜିକ ବିକାଶ ମଧ୍ୟ ଅପରିହାର୍ଯ୍ୟ । ଆମକୁ ଆମର ଦୈନନ୍ଦିନ ଜୀବନରେ ଅଧିକ ସହାନୁଭୂତି, ସଚ୍ଚୋଟତା, ଦାୟିତ୍ୱ ଏବଂ ସାହସର ଆବଶ୍ୟକତା ରହିଛି ।

ରାଷ୍ଟ୍ରର ଉଚ୍ଚତମ କୋଠା/ ମୂର୍ତ୍ତି ଯେତେବେଳ ଆକାଶ ଛୁଇଁବ ସେତେବେଳେ କ'ଣ ରାଷ୍ଟ୍ର ଉନ୍ନତ ବୋଲି ବିବେଚିତ ହେବ ? ନା, ବରଂ ଯେତେବେଳେ ରାଷ୍ଟ୍ରର ସବୁଠାରୁ ଦୁର୍ବଳ ବ୍ୟକ୍ତି ସମ୍ମାନର ସହିତ ବଞ୍ଚିବାର ଅଧିକାର ପାଇବ । ଜଣେ ମଣିଷର ଦୁଃଖ ଅନ୍ୟ ଜଣଙ୍କ ବିବେକକୁ ସ୍ପର୍ଶ କରିବ ସେତେବେଳେ ପ୍ରକୃତରେ ରାଷ୍ଟ୍ର ମହାନ ହୁଏ । ରାଜନୈତିକ ଚାପ, ତଥା ଦଳ ଗୁଡିକର ବର୍ଷ ବର୍ଷର ଶାସନ ବ୍ୟବସ୍ଥା କ'ଣ ପ୍ରକୃତରେ ଆମକୁ ମଣିଷ ପରି ମଣିଷ ଭାବେ ଗଢି ତୋଳିଛି ? ନିମ୍ନତମ ମାନବ ଅଧିକାର ପାଇବା ପାଇଁ କ'ଣ ଆମକୁ ମାନବ ଅଧିକାର କମିଶନଙ୍କ ଅଫିସକୁ ବାରମ୍ବାର ଦୌଡିବାକୁ ପଡୁ ନାହିଁ କି ? ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ଲାଞ୍ଚ ବିନା କ'ଣ ସରକାରୀ / ବେସରକାରୀ କାର୍ଯ୍ୟ ହୋଇ ପାରୁଛି କି ? ସରକାର ନୀରବଦ୍ରଷ୍ଟା ସାଜିଛନ୍ତି, ଦାରୁବ୍ରହ୍ମ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ । ନିଜ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରି ପାରୁନଥିବା ଅଧିକାରୀମାନଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରିବାରେ ସରକାର ଏତେ ଉଦାସୀନ କାହିଁକି ? ଦୁର୍ନୀତିଖୋର କର୍ମଚାରୀମାନଙ୍କୁ ହଟାଇ ତାଙ୍କ ସ୍ଥାନରେ ଉଦୀୟମାନ ଯୁବ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ଉଚିତ ।

ବର୍ଷ ବର୍ଷ ଧରି ବଦଳି ନ ହୋଇ ବଟବୃକ୍ଷ ପରି ଆସ୍ଥାନ ଜମାଇ ବସିଥିବା ଦୁର୍ନୀତିଖୋର ସରକାରୀ ବାବୁମାନଙ୍କୁ ତୁରନ୍ତ ବଦଳି କରାଯିବା ସମାଜ ପାଇଁ ଶୁଭଙ୍କର । ସରକାର ଦୁର୍ନୀତିବିହୀନ ନିର୍ମଳ ଶାସନର ଦ୍ୱାହି ଦେଇ ମାନବାଧିକାରକୁ ଅଣଦେଖା କରୁଛନ୍ତି । ମାନବାଧିକାର ଦୀପ ତଳ ଅନ୍ଧାର ପରି ଫାଇଲ୍ ତଳେ ଚାପି ହୋଇ ଅଣନିଶ୍ୱାସୀ ହୋଇ ଯାଉଛି ।

ଜୀବନ ଯୁଦ୍ଧରେ ପ୍ରତିଦିନ ମରି ମରି ଜୀଉଁଥିବା ସଂଗ୍ରାମୀ ମଣିଷଟିଏ ହୁଏତ ମାନବାଧିକାର କ'ଣ ଜାଣି ନାହିଁ । ଆଜି ଗରିବ ଶ୍ରେଣୀର ଲୋକଙ୍କ ସମସ୍ୟାକୁ ପାଠୁଆ, ନେତା, ମନ୍ତ୍ରୀ, ଯନ୍ତ୍ରୀ ତଥା ସମାଜର ବଡ଼ ପଣ୍ଡାମାନେ ୯୦ % ପ୍ରତିଶତ ଅଣଦେଖା କରି ଚାଲିଛନ୍ତି, ତାଙ୍କୁ ଶୋଷଣ କରୁଛନ୍ତି , ତାଙ୍କ ମାନବାଧିକାର ଉଲ୍ଲଂଘନ ହେଉଛି । ଦେଶର ମାନବାଧିକାର ଆୟୋଗ ଏକ କାଗଜ ବାଘ ସଦୃଶ , ତାଙ୍କର କ୍ଷମତାକୁ ସଙ୍କୁଚିତ କରାଯାଇଛି, ସେ ନାଚାର । ଏହାହିଁ ଭାଗ୍ୟର ବିଡ଼ମ୍ବନା ତଥା ମାନବିକ ଅଧିକାରର ଉଲ୍ଲଂଘନ ଛଡ଼ା ଆଉ କିଛି ନୁହେଁ ।

ଝାଞ୍ଜିରୀ ମଙ୍ଗଳା, କଟକ
ମୋ:୯୯୩୭୧୭୪୦୯୭

# ଖାଦ୍ୟ ପ୍ଲେଟରେ ଜହର ବୁନ୍ଦା !

### ଡ. ଲକ୍ଷ୍ମଣ ସାହୁ

**"ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ସମେତ ଅନେକ ସଂଗଠନ ଖାଦ୍ୟ ଉପରେ ନଜର ରଖନ୍ତି ଓ ପରୀକ୍ଷା କରନ୍ତି । ତଥାପି, ଭୂମି ସ୍ତରରେ ଦୁର୍ନୀତି, ଲାଞ୍ଚ, ଦୁର୍ବଳ ଯାଞ୍ଚ ବ୍ୟବସ୍ଥା ଓ ଧୀର ଆଇନଗତ ପ୍ରକ୍ରିୟା ମିଶ୍ରଣ ବିରୋଧରେ ଅଭିଯାନକୁ ପ୍ରଭାବଶାଳୀ ହେବାରେ ବାଧା ଦିଏ । ଅନେକ କ୍ଷେତ୍ରରେ, ଅପରାଧୀମାନଙ୍କୁ ଦଣ୍ଡିତ ହେବାକୁ ବର୍ଷ ବର୍ଷ ଲାଗିଯାଏ ।**

ଏବେ ଭାରତରେ ଶିଶୁ ଓ ଯୁବକମାନଙ୍କ ମଧ୍ୟରେ ସ୍ଥୁଳତା, ମଧୁମେହ ଓ ଜୀବନଶୈଳୀ ସମ୍ବନ୍ଧୀୟ ରୋଗର ବିପଦ ବୃଦ୍ଧି ପାଉଥିବାରୁ, ପ୍ୟାକେଜ୍ ହୋଇଥିବା ପ୍ରକ୍ରିୟାକୃତ ଖାଦ୍ୟର ପ୍ରକୃତ ପୁଷ୍ଟିକର ପରିମାଣ ବିଷୟରେ ସ୍ୱଷ୍ଟ ସୂଚନା ପ୍ରଦାନ କରିବା କେବଳ ଏକ ଗ୍ରାହକ ଅଧିକାର ନୁହେଁ, ବରଂ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀ ଅଟେ । ସମ୍ପ୍ରତି, ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଛନ୍ତି । ପ୍ରଶ୍ନ କରିଛନ୍ତି ଯେ ସରକାର ଚିନି, ଲୁଣ ଓ ସାଚୁରେଟେଡ୍ ଚର୍ବି ଥିବା ଖାଦ୍ୟର କ୍ଷତି ବିଷୟରେ ନାଗରିକମାନଙ୍କୁ, ବିଶେଷକରି ପିଲାମାନଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେବାକୁ କାହିଁକି କୁଣ୍ଠାବୋଧ କରୁଛନ୍ତି । ସ୍ୱଷ୍ଟ ଫ୍ରଣ୍ଟ-ଅଫ୍-ପ୍ୟାକ୍ ଚେତାବନୀ ଲେବଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି, କୋର୍ଟ କେନ୍ଦ୍ର ସରକାରଙ୍କୁ ଏହି ବିଷୟକୁ ଗମ୍ଭୀରତାର ସହିତ ବିଚାର କରି ଦୁଇ ସପ୍ତାହ ମଧ୍ୟରେ ଉତ୍ତର ଦେବା ପାଇଁ ଶେଷ ସୁଯୋଗ ଦେଇଛନ୍ତି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅତିରିକ୍ତ ସଲିସିଟର ଜେନେରାଲ ବ୍ରଜେନ୍ଦ୍ର ଚହର ସରକାରଙ୍କ ଚିନ୍ତା ପ୍ରକାଶ କରି କହିଛନ୍ତି , ' ଯଦି କଠୋର ଚେତାବନୀ ସ୍ତର କାର୍ଯ୍ୟକାରୀ କରାଯାଏ, ତେବେ ଅଧିକ ଚର୍ବି କିମ୍ବା ଲୁଣ ଯୋଗୁଁ ନମକିନ ଭଳି ପାରମ୍ପରିକ ଭାରତୀୟ ଖାଦ୍ୟ ଉପରେ ମଧ୍ୟ ଲାଲ ଚେତାବନୀ ଚିହ୍ନ ଲାଗିପାରେ । ସେମାନେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ ଭାରତୀୟ ଖାଦ୍ୟରେ ସିଧାସଳଖ ଅନ୍ତର୍ଜାତୀୟ ପୁଷ୍ଟିକର ମାନଦଣ୍ଡ ଲାଗୁ କରିବା ଉପଯୁକ୍ତ ହେବ ନାହିଁ ଓ ଦୁଇଟି ଅଣ୍ଡା ମଧ୍ୟ ଦୈନିକ ଚର୍ବି ସୀମା ଅତିକ୍ରମ କରିପାରେ ।

ତଥାପି, ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ଖାରଜ କରି କହିଛନ୍ତି ଯେ ଏପରି ଚିନ୍ତା ଗ୍ରାହକମାନଙ୍କୁ ସେମାନଙ୍କ ଖାଦ୍ୟର ପୁଷ୍ଟିକର ବିପଦ ବିଷୟରେ ସଚେତନ ହେବାରେ ବାଧା ଦେଇପାରିବ ନାହିଁ । ଖଣ୍ଡପୀଠ କହିଛନ୍ତି ଯେ ଗ୍ରାହକମାନେ ପୂର୍ବରୁ ଜାଣନ୍ତି ଯେ ପ୍ୟାକେଜ୍ ହୋଇଥିବା ଖାଦ୍ୟରେ ଚିନି, ଚର୍ବି ଓ କାର୍ବୋହାଇଡ୍ରେଟ୍ ଥାଏ । କିନ୍ତୁ ପ୍ୟାକ୍ ସାମ୍ନାରେ ଥିବା ଚେତାବନୀ ଲେବଲ୍ ସେମାନଙ୍କୁ ଉତ୍ପାଦ କିଣିବା ପୂର୍ବରୁ ପୁଷ୍ଟିକର ବିପଦ ବିଷୟରେ ସ୍ୱଷ୍ଟ ସୂଚନା ପ୍ରଦାନ କରିବ । ସୁପ୍ରିମକୋର୍ଟ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସୁରକ୍ଷା ଓ ମାନକ ପ୍ରାଧିକରଣ ଅନିଚ୍ଛା ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଛନ୍ତି ଯେ ନିର୍ମାତାଙ୍କ ବାଣିଜ୍ୟିକ ସ୍ୱାର୍ଥ ଜନସ୍ୱାସ୍ଥ୍ୟକୁ ପଛରେ ପକାଇପାରିବ ନାହିଁ ।

ଭାରତରେ ଏହି ଖାଦ୍ୟ ଅପମିଶ୍ରଣ ବ୍ୟଭିଚାରର ଜାଲ ଅନେକ ଦିନରୁ ଚାଲିଆସିଛି । ଭାରତରେ ଖାଦ୍ୟ ଅପମିଶ୍ରଣ ଏକ ଗୁରୁତର ଜନସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି । ଯାହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି ଓ ଖାଦ୍ୟ ଶିଳ୍ପ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ହ୍ରାସ କରୁଛି । ଏକ ଦୃଢ଼ ନିୟାମକ ଢାଞ୍ଚା ସତ୍ତ୍ୱେ, ମିଶ୍ରଣର ପରିମାଣ ବୃଦ୍ଧି ପାଇବାରେ ଲାଗିଛି । ଯାହା ଗ୍ରାହକ ସ୍ୱାସ୍ଥ୍ୟ, ଆର୍ଥିକ ସ୍ଥିରତା ଓ ଖାଦ୍ୟ ସୁରକ୍ଷା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଛି । ଦେଶବ୍ୟାପୀ ବର୍ଦ୍ଧିତ ଘଟଣା ଦେଖି, ଏହି ବିପଦର ମୁକାବିଲା କରିବା ପାଇଁ ସମନ୍ୱିତ, ବ୍ୟାପକ ଓ ସ୍ଥାୟୀ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ରହିଛି । ଖାଦ୍ୟ ମିଶ୍ରଣକୁ ଖାଦ୍ୟ ଉତ୍ପାଦରେ ନିମ୍ନମାନର, କ୍ଷତିକାରକ କିମ୍ବା ନିଷିଦ୍ଧ ପଦାର୍ଥର ଜାଣିଶୁଣି କିମ୍ବା ଅନିଚ୍ଛାକୃତ ଯୋଡିବା କୁହାଯାଏ । ପ୍ରାୟତଃ ସୁରକ୍ଷା ଓ ପୁଷ୍ଟିକର ମୂଲ୍ୟକୁ ଖର୍ଚ୍ଚ କରି ପରିମାଣ ବୃଦ୍ଧି କରିବା, ଦୃଶ୍ୟ ବୃଦ୍ଧି କରିବା କିମ୍ବା ସେଲ୍ଫ ଲାଇଫ୍ ବୃଦ୍ଧି କରିବା ପାଇଁ ଅପମିଶ୍ରଣ କରାଯାଏ ।

ସାଧାରଣ ମିଶାଣକାରୀ ଦ୍ରବ୍ୟ ମଧ୍ୟରେ ଅଖାଦ୍ୟ ରଙ୍ଗ, ଷ୍ଟାର୍ଚ, ପଥର, ସାବୁନ ପଥର, ୟୁରିଆ ଓ ଫର୍ମାଲିନ୍ ତଥା କ୍ୟାଲସିୟମ୍ କାର୍ବାଇଡ୍ ଭଳି ବିପଜ୍ଜନକ ରାସାୟନିକ ପଦାର୍ଥ ଅନ୍ତର୍ଭୁକ୍ତ । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଖାଦ୍ୟ ମିଶାଣକୁ ଏପରି କୌଣସି ପଦାର୍ଥର ମିଶ୍ରଣ କିମ୍ବା ଅପସାରଣ ଭାବରେ ପରିଭାଷିତ କରେ ଯାହା ଖାଦ୍ୟକୁ ନିମ୍ନମାନର, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କିମ୍ବା ଉପସ୍ଥାପନାରେ ଭ୍ରାମକ କରିଥାଏ । ଭାରତରେ ମିଶାଣ ବ୍ୟବସାୟ ଆଜି ଏକ ସଂଗଠିତ ବ୍ୟବସାୟ । ଏହା ଏକ ଆର୍ଥିକ ଅପରାଧ ପାଲଟିଛି । କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଓ କୃତ୍ରିମ ରାସାୟନିକ ପଦାର୍ଥର ବ୍ୟବହାର, ଷ୍ଟାର୍ଚ ଓ ରାସାୟନିକ ପଦାର୍ଥ ସହିତ ମାଓ୍ୱାର ମିଶ୍ରଣ, ମସଲାରେ ରଙ୍ଗ ତଥା ଧୂଳି, ମହୁରେ ଚିନି ସିରପ, ଖାଦ୍ୟ ତେଲ ସହିତ ଶସ୍ତା ତେଲ ମିଶ୍ରଣ ଓ କୃତ୍ରିମ ରାସାୟନିକ ପଦାର୍ଥ ସହିତ ଫଳ ଓ ପନିପରିବା ରାନ୍ଧିବା ସାଧାରଣ କଥା ହୋଇଗଲାଣି । ବଜାରରେ ବିକ୍ରି ହେଉଥିବା ଅନେକ ଉତ୍ପାଦ ଆକର୍ଷଣୀୟ ଦେଖାଯାଏ, କିନ୍ତୁ ଭିତରେ ବିଷାକ୍ତ ପ୍ରମାଣିତ ହୁଏ । ଏପରି ଖାଦ୍ୟ ରୋଗ ସୃଷ୍ଟି କରିପାରେ । ଯେତେବେଳେ ଔଷଧ କିମ୍ବା ନକଲି ଔଷଧର ଭେଜାଲ ମାମଲା ସାମ୍ନାକୁ ଆସେ, ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଏ । ଖାଦ୍ୟରେ ଭେଜାଲର ଜନସ୍ୱାସ୍ଥ୍ୟ ଉପରେ ବଡ଼ ପ୍ରଭାବ ପଡ଼ିଥାଏ । ଦୀର୍ଘକାଳୀନ ସମ୍ପର୍କ ଯକୃତ ଓ ବୃକକ୍ କ୍ଷତି, କର୍କଟ, ବନ୍ଧ୍ୟାତ୍ୱ ଏବଂ ସ୍ନାୟୁତନ୍ତ୍ର ବିକାରର କାରଣ ହୋଇପାରେ । ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧମାନେ ବିଶେଷ ଭାବରେ ଭେଜାଲ ଖାଦ୍ୟର କ୍ଷତିକାରକ ପ୍ରଭାବ ଯୋଗୁଁ ଦୁର୍ବଳ ହୋଇଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, କ୍ଷତିକାରକ ଜୀବାଣୁ, ଭାଇରସ, ପରଜୀବୀ କିମ୍ବା ରାସାୟନିକ ପଦାର୍ଥ ଦ୍ୱାରା ଦୂଷିତ ଖାଦ୍ୟ ଡାଇରିଆ, ବାନ୍ତି ଓ ପେଟ ସଂକ୍ରମଣଠାରୁ ଆରମ୍ଭ କରି କର୍କଟ ପର୍ଯ୍ୟନ୍ତ ଦୁଇ ଶହରୁ ଅଧିକ ରୋଗର କାରଣ ହୋଇପାରେ ।

ବିଶ୍ୱ ସ୍ୱାସ୍ଥ୍ୟର ୨୦୨୬ ଆକଳନ ଅନୁଯାୟୀ, ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୮୬୬ ନିୟୁତ ଲୋକଙ୍କ ଅସୁସ୍ଥତା ଓ ୧.୫୨ ନିୟୁତ ଲୋକଙ୍କ ମୃତ୍ୟୁ ପାଇଁ ଅସୁରକ୍ଷିତ ଖାଦ୍ୟ ଦାୟୀ । ପାଞ୍ଚ ବର୍ଷରୁ କମ୍ ବୟସର ପିଲାମାନେ ବିଶେଷ ଭାବରେ ବିପଦରେ ଅଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ୨୦୨୩-୨୪ ରିପୋର୍ଟ ଅନୁଯାୟୀ, ସାରା ଭାରତରେ ପରୀକ୍ଷିତ ହୋଇଥିବା ଖାଦ୍ୟ ନମୁନା ମଧ୍ୟରୁ ପ୍ରାୟ ୨୮% ମିଶାଣ କିମ୍ବା ଭୁଲ ଲେବଲ୍ ହୋଇଥିବା ଜଣାପଡିଥିଲା । ଯାହା ୨୦୧୮-୧୯ରେ ୨୩% ରୁ ଚିନ୍ତାଜନକ ବୃଦ୍ଧି । କ୍ଷୀର ଉତ୍ପାଦ, ଖାଦ୍ୟ ତେଲ ଏବଂ ମସଲା ବିଶେଷ ଭାବରେ ସବୁଠାରୁ ମିଶାଣ ବର୍ଗ ଥିଲା । କ୍ଷୀର, ମସଲା, ତେଲ ଓ ମିଠାରେ ମିଶାଣ ମାମଲା ଏହି ସମସ୍ୟାର ଗମ୍ଭୀରତାକୁ ଦର୍ଶାଏ । ଦୁର୍ନୀତି, ଦୁର୍ବଳ ତଦାରଖ ଓ ଗ୍ରାହକ ସଚେତନତାର ଅଭାବ ମଧ୍ୟ ମିଶାଣ ପଛରେ ପ୍ରମୁଖ କାରଣ । ଗ୍ରାହକମାନଙ୍କୁ, ଅତି କମ୍‌ରେ, ଏହି ପ୍ରସଙ୍ଗରେ ଅତ୍ୟନ୍ତ ସତର୍କ ରହିବାକୁ ପଡିବ ।

ଆଇନ କାହିଁକି ପ୍ରଭାବହୀନ ?

ପାଲଟିଛି । ସରକାରମାନେ ସମୟ ସମୟରେ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ପ୍ରଣୟନ କରିଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ସମେତ ଅନେକ ସଂଗଠନ ଖାଦ୍ୟ ଉପରେ ନଜର ରଖନ୍ତି ଓ ପରୀକ୍ଷା କରନ୍ତି । ତଥାପି, ଭୂମି ସ୍ତରରେ ଦୁର୍ନୀତି, ଲାଞ୍ଚ, ଦୁର୍ବଳ ଯାଞ୍ଚ ବ୍ୟବସ୍ଥା ଓ ଧୀର ଆଇନଗତ ପ୍ରକ୍ରିୟା ମିଶ୍ରଣ ବିରୋଧରେ ଅଭିଯାନକୁ ପ୍ରଭାବଶାଳୀ ହେବାରେ ବାଧା ଦିଏ । ଅନେକ କ୍ଷେତ୍ରରେ, ଅପରାଧୀମାନଙ୍କୁ ଦଣ୍ଡିତ ହେବାକୁ ବର୍ଷ ବର୍ଷ ଲାଗିଯାଏ, ଯାହା ଅପରାଧୀଙ୍କୁ ସାହସ ଦିଏ । ଖାଦ୍ୟ ପରିଚାଳନାରେ ପରିଷ୍କାର ପରିଚ୍ଛନ୍ନତା ଓ ସଚେତନତାର ଅଭାବ ମଧ୍ୟ ସମସ୍ୟାକୁ ବଢ଼ାଇଥାଏ । କ୍ଷୁଦ୍ର ଚାଷୀ, ବିକ୍ରେତା ଓ ଷ୍ଟ୍ରିଟ୍ ଫୁଡ୍ ଅପରେଟରମାନେ ସୁରକ୍ଷା ମାନକ ବିଷୟରେ ପର୍ଯ୍ୟାପ୍ତ ଜ୍ଞାନର ଅଭାବ ରଖନ୍ତି । ଫଳରେ ସେମାନେ ସୁରକ୍ଷା ମାନକ ପୂରଣ କରୁନଥିବା ଖାଦ୍ୟ ବ୍ୟବହାର କରନ୍ତି ।

ଅନୌପଚାରିକ ବଜାରରେ ମୌଳିକ ସ୍ୱଚ୍ଛତା ମାନଦଣ୍ଡ ପାଳନ କରାଯାଏ ନାହିଁ । ଷ୍ଟ୍ରିଟ୍ ଫୁଡ୍ ଲୋକପ୍ରିୟ, କିନ୍ତୁ ଅନେକ ସ୍ଥାନରେ ଏହାର ପ୍ରସ୍ତୁତିରେ ଅସାବଧାନତା ଦେଖାଯାଏ । ଯାହା ଅନେକ ରୋଗର ଆଶଙ୍କା ବୃଦ୍ଧି କରେ । ଗ୍ରାହକମାନେ ମଧ୍ୟ ଏହି ବିପଦ ବିଷୟରେ ସମ୍ପୂର୍ଣ୍ଣ ସଚେତନ ନୁହଁନ୍ତି ଓ ଅଜାଣତରେ ଅସୁରକ୍ଷିତ ଖାଦ୍ୟ ଗ୍ରହଣ କରନ୍ତି । ଏହି ବ୍ୟାଧିର ମୁକାବିଲା ପାଇଁ, କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ । ଖାଦ୍ୟ ସାମଗ୍ରୀର ନିୟମିତ ପରୀକ୍ଷା, ଆଧୁନିକ ପ୍ରୟୋଗଶାଳାର ପ୍ରସାର, ଡିଜିଟାଲ୍ ଟ୍ରାକିଂ ସିଷ୍ଟମ୍, ଦ୍ରୁତ ନ୍ୟାୟ ବ୍ୟବସ୍ଥା ଓ ଦୋଷୀମାନଙ୍କ ପାଇଁ କଠୋର ଦଣ୍ଡ ଅତ୍ୟନ୍ତ ଜରୁରୀ । ଭେଜାଲକୁ ଏକ ସାଧାରଣ ଆର୍ଥିକ ଅପରାଧ ନୁହେଁ ବରଂ ଜନସ୍ୱାସ୍ଥ୍ୟ ବିରୁଦ୍ଧରେ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯିବା ଉଚିତ । ଆଇନର କାର୍ଯ୍ୟାନ୍ୱୟନ ସ୍ୱଚ୍ଛ ଓ ପ୍ରଭାବଶାଳୀ ହେବା ଆବଶ୍ୟକ । ରାଜନୈତିକ ଓ ଆର୍ଥିକ ଚାପ ମୁକ୍ତ । ଡିଜିଟାଲ୍ ଟ୍ରାକିଂ ସିଷ୍ଟମ୍ ଏକ ଉତ୍ପାଦ ଚାଷ କିମ୍ବା କାରଖାନାରୁ ବଜାର ପର୍ଯ୍ୟନ୍ତ ଅନୁସରଣ କରୁଥିବା ପ୍ରକ୍ରିୟାକୁ ଟ୍ରାକ୍ କରିପାରିବ । ସନ୍ଦିଗ୍ଧ ଖାଦ୍ୟ ସାମଗ୍ରୀ ପରୀକ୍ଷା ପାଇଁ ଆବଶ୍ୟକ ସମୟ ହ୍ରାସ କରିବା ଓ ଦାୟୀ ଲୋକଙ୍କ ବିରୋଧରେ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ଖାଦ୍ୟ ପରୀକ୍ଷାଗାରଗୁଡ଼ିକର ସଂଖ୍ୟା ଓ କ୍ଷମତା ବୃଦ୍ଧି କରିବା ମଧ୍ୟ ଅତ୍ୟନ୍ତ ଜରୁରୀ ଆବଶ୍ୟକ ।

ମୋ: ୯୦୪୦ ୧୫୧୪୭୫

## ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ

କଣ୍ଟିଲୋ ୩।୯ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟରେ ପୁଲିସ ପ୍ରଶାସନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ଥାନାଧିକାରୀ କୃତିବାସ ହରିଚନ୍ଦନ,କୋସକା ଫାଣ୍ଡି ଅଧିକାରୀ ଜୟଦେବ ରଣା, କୁମ୍ଭାରପଡା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା,ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ, କୁମ୍ଭାରପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ପୂଜା ମହାପାତ୍ର,ଆଲୁମିନି କମିଟି ସଭାପତି ଅଖିଳ କୁମାର ପଣ୍ଡା, ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରମାକାନ୍ତ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ନିଶା ସେବନର କୁପରିଣାମ ଓ ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହ ନିଶା ସେବନ ଠାରୁ ଦୁରେଇ ରହିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସଂପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।ଛାତ୍ରଛାତ୍ରୀମାନେ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ଜନସାଧାରଣଙ୍କୁ ସେ ସଂପର୍କରେ ସଚେତନ କରିବାକୁ ପୁଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

## ଆକାଶବାଣୀ କେନ୍ଦୁଝରର ବରିଷ୍ଠ ଉପସ୍ଥାପକଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୩।୯ (ନିପ୍ର); କେନ୍ଦୁଝର ଆକାଶବାଣୀ କେନ୍ଦ୍ରର ବରିଷ୍ଠ ଉପସ୍ଥାପକ ତୁଷାର ସାମନ୍ତଙ୍କୁ ଆକାଶବାଣୀ କେନ୍ଦୁଝର ପରିସରରେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଅନିତା ତୀର୍କି, ଯାନ୍ତ୍ରିକ ମୁଖ୍ୟ ସତୀଶ କୁମାର ଚାକି, ପ୍ରଶାସନିକ ବିଭାଗର ଅରବିନ୍ଦ ନାୟକ,ଯନ୍ତ୍ରୀ ରାଜେନ୍ଦ୍ର କୁମାର ବାରିକ,ଅବସରପ୍ରାପ୍ତ କର୍ମଚାରୀ ସୁପାଇ ମୁର୍ମୁ, ଅଧ୍ୟାପିକା ସ୍ମୃତି ବାନାର୍ଜୀ ମଧୁସୂଦନ ମୁର୍ମୁ, ଉପସ୍ଥାପକ ଓ ଘୋଷକ ସତ୍ୟଜିତ ସାମନ୍ତରାୟ,ଦେବାଶିଷ ମିଶ୍ର, ଗୋପୀନାଥ ସାହୁ, ପ୍ରଶାନ୍ତ ପଲେଇ, ସାଲେଗ୍ରାମ ପାତ୍ର,ସୁବ୍ରତ ଖୁଣ୍ଟିଆ, ସଞ୍ଜୁଶ୍ରୀ ବୃନ୍ଦାବନ, ପ୍ରଣତି ମହାନ୍ତି, ମିନାକ୍ଷୀ ମହାନ୍ତି,ଜ୍ୟୋତିରାଣୀ ପଣ୍ଡା, ମଞ୍ଜୁଳା ମହାନ୍ତ, କ୍ରିଷ୍ଣା ରାୟ,ଭାସ୍କର ଚନ୍ଦ୍ର ମିଶ୍ର,ବିଜ୍ଞାନ ଦର୍ଶିନୀ ନନ୍ଦ, କାହ୍ନୁପ୍ରିୟା ସାହୁ, ସସ୍ମିତା ବାରିକ,ପ୍ରସାରଣ ସହଯୋଗୀ କୃଷ୍ଣଚନ୍ଦ୍ର ମିଶ୍ର, ଶ୍ରାବଣୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମେଧାବୀ ଡାକ୍ତରୀ ଛାତ୍ରଙ୍କୁ ବିଧାୟକଙ୍କ ସହାୟତା

ପାରଳାଖେମୁଣ୍ଡି,୩।୯(ନିପ୍ର): ରାୟଗଡ଼ ବ୍ଲକ୍ ଚମ୍ପାସାହିର ଚାଷୀ ପରିବାରର ପୁଅ କାହ୍ନୁ ଭୂୟାଁ ନିଟ୍ ପରୀକ୍ଷାରେ ଏସ୍‌ଟି ବର୍ଗରେ ରାଜ୍ୟରେ ୨୧ତମ ର୍‍ୟାଙ୍କ ହାସଲ କରିଛନ୍ତି। ଡାକ୍ତର ହୋଇ ଗରିବ ଓ ଅସହାୟଙ୍କ ସେବା କରିବାର ସ୍ୱପ୍ନ ଦେଖୁଥିବା ଏହି ମେଧାବୀ ଛାତ୍ରଙ୍କ ସ୍ୱପ୍ନ ସାକାର ପାଇଁ ଏବେ ସହଯୋଗର ହାତ ବଢ଼ାଇଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ । ବୁଧବାର ହାଇଟେକ୍ ପ୍ଲାଜାସ୍ଥିତ ନିଜ କାର୍ଯ୍ୟାଳୟରେ କାହ୍ନୁଙ୍କୁ ସମ୍ବର୍ଦ୍ଧିତ କରି ବିଧାୟକ ତାଙ୍କ ପାଠପ ପାଇଁ ଆବଶ୍ୟକ ଫି' ବାନ୍ଧିବା ସହ ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା ଦେଇଥିଲେ। ଅର୍ଥ ଅଭାବ ଯେପରି ତାଙ୍କ



ପାଠପଢ଼ାରେ ବାଧକ ନହୁଏ, ସେଥିପାଇଁ ସହଯୋଗ କରିଥିବା ବିଧାୟକ କହିଥିଲେ । ଅଜିତ ଭୂୟାଁ ଓ ସବିତା ଭୂୟାଁଙ୍କ ପୁଅ କାହ୍ନୁ ରାୟଗଡ଼ ଆଦର୍ଶ ବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନ ପାସ୍ କରିଛନ୍ତି। ନିଟ୍‌ରେ ସଫଳତା ପରେ ସେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ଡାକ୍ତରୀ ପଢ଼ିବାକୁ ଯାଉଛନ୍ତି। ଗ୍ରାମାଞ୍ଚଳର ଗରିବ ଓ ଆର୍ଥିକ ଦୁର୍ବଳ ପରିବାରର ପ୍ରତିଭାବାନ ପିଲାଙ୍କୁ ଭଲ ଶିକ୍ଷାର ସୁଯୋଗ ଦେବା ଲକ୍ଷ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଏଭି ବ୍ୟବସ୍ଥା ଆରମ୍ଭ ହୋଇଥିବା ବିଧାୟକ କହିଥିଲେ । ରାୟଗଡ଼ ଭଳି ଅଞ୍ଚଳର ଜଣେ ଚାଷୀଙ୍କ ପୁଅ ଓଏଭିରୁ ପଢ଼ି ନିଟ୍‌ରେ ଏସ୍‌ଟି ବର୍ଗରେ ରାଜ୍ୟରେ ୨୧ତମ ର୍‍ୟାଙ୍କ୍ ପାଇବା ଏହାର ସୁଫଳର ଏକ ଉଦାହରଣ ବୋଲି ସେ କହିଥିଲେ ।

## କୁଚିଣ୍ଡା ଠିକାଦାର ସଂଘର ବୈଠକ

କୁଚିଣ୍ଡା,୩।୯ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବାଇପାସ ରୋଡରେ ଥିବା ଠିକାଦାର ସଂଘ କାର୍ଯ୍ୟାଳୟରେ ବୁଧବାର କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଶୀଳ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୁଚିଣ୍ଡା,ବାମରା,ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସି ଅଧିନସ୍ଥ ସଂଘ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ଜିଲ୍ଲା ଠିକାଦାର ସଂଘ ସଭାପତି ପ୍ରଦୀପ ପଣ୍ଡା, ଉପସଭାପତି ସୁଧାଂଶୁ ମହାନ୍ତି (ଟିନୁ)ଙ୍କ ସମେତ ବିଭିନ୍ନ ବ୍ଲକର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ସମ୍ବଲପୁର ଜିଲ୍ଲା ବାହାର ଠିକାଦାରଙ୍କୁ ପୂରାଇ ନ ଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟ ଜିଲ୍ଲାର ଠିକାଦାର କମ ମୂଲ୍ୟରେ ଟେଣ୍ଡର ପକାଇ ନିମ୍ନମାନର କାମ କରୁଥିବା ଯୋଗୁଁ ନିଜ ଜିଲ୍ଲା ଠିକାଦାରମାନେ ନିନ୍ଦିତ ହେଉଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଧାର୍ଯ୍ୟ ମୂଲ୍ୟରେ ଟେଣ୍ଡର ପକାଇ କାର୍ଯ୍ୟର ମାନ ରକ୍ଷାସହ ଭଲ କାମ କରିବା ନେଇ ଏଥିରେ ଆଲୋଚନା ହୋଇଥିଲା।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୮୦ରୁ ଅଧିକ ଲୋକ ଉପକୃତ

ରାଉରକେଲା,୩।୯ (ନିପ୍ର); ରାଉରକେଲା ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ ବଣାଇ ବୋଣାଇଗଡର ଆଦିତ୍ୟ ବିର୍ଲା ଗ୍ରୁପ, ଗୌରୀ ସ୍କୁଲ୍ ଅଫ୍ ନର୍ସିଂ ଏବଂ ଗୌରୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସର ମିଳିତ ସହଯୋଗରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହିତ କରିବା ସହ ସମ୍ପ୍ରଦାୟ ମଧ୍ୟରେ ସମୟୋଚିତ ଡାକ୍ତରୀ ପରାମର୍ଶ ପାଇବାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ବୋଣାଇଗଡର ଶିବଗୌରୀ ବିହାର ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ଉତ୍ସାହଜନକ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଏଥିରେ ୮୦ରୁ ଉର୍ଦ୍ଧ୍ୱ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଡାକ୍ତରୀ ପରାମର୍ଶ ପାଇ ଉପକୃତ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଲୋକଙ୍କ ରକ୍ତଚାପ, ଅନିୟମିତ ରକ୍ତ ଶର୍କରା ପରୀକ୍ଷା, ଉଚ୍ଚତା ଓ ଓଜନ ମାପ ସହ ଡାକ୍ତରଙ୍କ ପରାମର୍ଶ ଉପରେ ଆଧାରିତ ଇସିଜି ସମେତ ବିଭିନ୍ନ ପ୍ରକାରର ମାଗଣା ମୌଳିକ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ ପ୍ରଦାନ କରାଯାଇଥିଲା। ଶିବିରର ଏକ ଅଂଶ ଭାବରେ, ରାଉରକେଲା ଆପୋଲୋ ହସ୍ପିଟାଲ୍ସର ଆଭ୍ୟନ୍ତରୀଣ ଔଷଧର ବରିଷ୍ଠ ପରାମର୍ଶଦାତା ଡକ୍ଟର ମନୋଜ କୁମାର ଉପାଧ୍ୟାୟ ଅଂଶଗ୍ରହଣକାରୀମାନଙ୍କୁ ଡାକ୍ତରଙ୍କ ପରାମର୍ଶ ପ୍ରଦାନ କରିଥିଲେ।

### କାକଟପୁର ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ

## ସାମ୍ବାଦିକଙ୍କ ସମସ୍ୟା ସମାଧାନ ଓ ସାମାଜିକ ଦାୟିତ୍ୱ ଉପରେ ଗୁରୁତ୍ୱ

କାକଟପୁର,୩।୯(ନିପ୍ର):କାକଟପୁର ଅଞ୍ଚଳର ଅଗ୍ରଣୀ ସାମ୍ବାଦିକ ସଂଗଠନ କାକଟପୁର ପ୍ରେସ କ୍ଲବର ଦ୍ୱିତୀୟ ବାର୍ଷିକ ଉତ୍ସବ ସ୍ଥାନୀୟ ଖୁଣ୍ଟିଆ କନଭେନସନଠାରେ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସାମ୍ବାଦିକତାର ଦାୟିତ୍ୱ, ସାମ୍ବାଦିକଙ୍କ ସମସ୍ୟା ଓ ସମାଜ ପ୍ରତି ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱପୂର୍ଣ୍ଣ ମତବିନିମୟ ହୋଇଥିଲା। ଉତ୍ସବର ଆରମ୍ଭରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ସାମ୍ବାଦିକଙ୍କ ସୁରକ୍ଷା, ସାମ୍ବାଦିକତାର ମାନ ବଜାୟ ରଖିବା ଓ ସାମ୍ବାଦିକ ସଂଗଠନକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ କାକଟପୁର ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ କାକଟପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଇଂ. ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଭାବେ ଗଣମାଧ୍ୟମର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ ସାମ୍ବାଦିକମାନେ ସତ୍ୟ, ନିରପେକ୍ଷତା ଓ ନିଷ୍ଠାର ସହ ନିଜ ଦାୟିତ୍ୱ ତୁଲାଇବା ସହ ସମାଜର ଅବହେଳିତ ଓ ନିଷ୍ପେଷିତ ବର୍ଗର ସ୍ୱର ହେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲ୍ଲା



ପେଶାଦାର ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ପୁରୀ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ତଥା କାକଟପୁର ପ୍ରେସ କ୍ଲବର ସମ୍ପାଦକ ଆଦିତ୍ୟ କୁମାର ରାଉତ ମଧ୍ୟ ଉତ୍ସବରେ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ସାମ୍ବାଦିକ ସଂଗଠନର ଭୂମିକା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ କାକଟପୁର ପ୍ରେସ କ୍ଲବର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଅଞ୍ଚଳର ବିଭିନ୍ନ ସଂଗଠନର ମୁଖ୍ୟ, ରାଜନେତା, ସମାଜସେବୀ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଓ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପାଇଥିବା ପ୍ରତିଭାମାନଙ୍କୁ ଉତ୍ସାହିତ କରି ଅତିଥିମାନେ ଆଗାମୀ ଦିନରେ ନିଜ ନିଜ କ୍ଷେତ୍ରରେ ଅଧିକ ସଫଳତା ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ବକ୍ତାମାନେ କହିଥିଲେ, ସାମ୍ବାଦିକତା କେବଳ ଖବର ପରିବେଷଣରେ ସୀମିତ ନୁହେଁ; ଏହା ସମାଜର ଦର୍ପଣ ଓ ଜନସାଧାରଣଙ୍କ ଅଧିକାରର ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ନିରପେକ୍ଷ, ନିର୍ଭୀକ ଓ ଦାୟିତ୍ୱବାନ ସାମ୍ବାଦିକତା ମାଧ୍ୟମରେ ଅଞ୍ଚଳର ବିକାଶ ଓ ଜନସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଦିଗରେ କାକଟପୁର ପ୍ରେସ କ୍ଲବ ଆଗାମୀ ଦିନରେ ମଧ୍ୟ ନିଜର ଭୂମିକା ଜାରି ରଖିବ ବୋଲି ମତ ପ୍ରକାଶ ପାଇଥିଲା। ବାର୍ଷିକ ଉତ୍ସବକୁ ନେଇ ସାମ୍ବାଦିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନୈତିକ ବ୍ୟକ୍ତିବିଶେଷ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ଅତିଥି, ସମ୍ବର୍ଦ୍ଧିତ ପ୍ରତିଭା ଓ ସଦସ୍ୟମାନଙ୍କୁ ପ୍ରେସ କ୍ଲବ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପ୍ରେସ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ,କୋଷାଧକ୍ଷ ଭାଗବତ ସ୍ୱାଇଁ, ସହ ସମ୍ପାଦକ ପ୍ରଭାତ କୁମାର ଦୀକ୍ଷିତ, ସାଂସ୍କୃତିକ ସମ୍ପାଦକ ପ୍ରବାସ କୁମାର ପୃଷ୍ଟି, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାଶ, ନିରଞ୍ଜନ ଦାଶ,ମାନସ କୁମାର ଦୀକ୍ଷିତ, ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଶାନ୍ତ ଜେନା, ମହମ୍ମଦ ସାମସୁଲ ଆରିଫିନଙ୍କ ସମେତ ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

## ରାୟଗଡ଼ ସହରରେ ଆରମ୍ଭ ହେବାକୁ ଯାଉଛି ଯାନ୍ତ୍ରିକ ରାସ୍ତା ସଫେଇ ବ୍ୟବସ୍ଥା

ରାୟଗଡ,୩।୯ (ନିପ୍ର); ରାୟଗଡ଼ ପୌରପରିଷଦ ଅଞ୍ଚଳକୁ ଅଧିକ ସ୍ୱଚ୍ଛ, ସୁନ୍ଦର ତଥା ପ୍ରଦୂଷଣମୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ, ଜୟପୁର୍ ପୌରପରିଷଦ ଏବଂ ରାୟଗଡ଼ ପୌରପରିଷଦକୁ ଯାନ୍ତ୍ରିକ ସଫେଇ ପାଇଁ ଗ୍ରୀନ ଇନୋଭେଟିବ ପାୱାର ପ୍ରାଇଭେଟ୍ ଲିମିଟେଡ ସଂସ୍ଥାକୁ ନିୟୋଜିତ କରାଯାଇଛି । ଏହି ସଂସ୍ଥା ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସ୍ୱାୟତ ଶାସନ ଦିବସ ପାଳନ ଅବସରରେ ରାୟଗଡ଼ ଜିଲ୍ଲାର ବିଧାୟକ ଆପାଲା ସ୍ୱାମୀ କାଡ୍ରାକା ଏହି ଯାନ୍ତ୍ରିକ ସଫେଇ ଗାଡିକୁ ରାୟଗଡ଼ ପୌରପରିଷଦର ଅଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ପରିଷଦ ବୃନ୍ଦ ଏବଂ ପୌର କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍-ଘାଟନ କରିଥିଲେ। ରାୟଗଡ଼ ସହରରେ ଅତ୍ୟାଧୁନିକ ମେକାନିକାଲ ସ୍ୱିପିଂ ସେବା ଆରମ୍ଭ କରାଯାଉଛି। ଏହି ଯାନ୍ତ୍ରିକ ସଫେଇ ବ୍ୟବସ୍ଥା ଦ୍ୱାରା ପୌରାଞ୍ଚଳ ଅଧୀନରେ ଥିବା ସମସ୍ତ ମୁଖ୍ୟ ରାସ୍ତାଗୁଡ଼ିକର ସଫେଇ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହେବ। ଅତ୍ୟାଧୁନିକ ମେସିନ୍ ସାହାଯ୍ୟରେ ଧୂଳି, ବାଲି ଏବଂ ଅଳିଆ



ଆବର୍ଜନାକୁ ଖୁବ୍ କମ୍ ସମୟ ମଧ୍ୟରେ ସଫା କରାଯାଇ ପାରିବ, ଯାହା ପାରମ୍ପରିକ ସଫେଇ ତୁଳନାରେ ଯଥେଷ୍ଟ ଉନ୍ନତ ଓ ପ୍ରଭାବଶାଳୀ ହେବ। ସହରର ସମସ୍ତ ପ୍ରମୁଖ ତଥା ବ୍ୟସ୍ତବହୁଳ ରାଜପଥ ଓ ରାସ୍ତାଗୁଡ଼ିକ ଏହି ବ୍ୟବସ୍ଥା ଅଧୀନରେ ନିୟମିତ ଭାବେ ସଫେଇ କରାଯିବ।

ରାସ୍ତାରୁ ଉଡୁଥିବା ଧୂଳିକୁ ମେସିନ୍ ଦ୍ୱାରା ଟାଣି ନିଆଯିବା ଫଳରେ ସହରର ବାୟୁ ଗୁଣବତ୍ତାରେ ଉନ୍ନତି ଆସିବ ଏବଂ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ। ଏହି ସେବା ପରିଚାଳନା ପାଇଁ ସରକାରୀ ନିୟମାନୁଯାୟୀ ଯୋଗ୍ୟତା ହାସଲ କରିଥିବା ଗ୍ରୀନ ଇନୋଭେଟିବ୍ ପାୱାର ପ୍ରାଇଭେଟ୍ ଲିମିଟେଡ଼ ସଂସ୍ଥା ଦ୍ୱାରା ଉଚ୍ଚମାନର ମେସିନ୍ ନିୟୋଜିତ କରାଯାଉଛି। ରାୟଗଡ଼କୁ ଏକ ସ୍ୱଚ୍ଛ ଓ ସବୁଜ ସହର ଭାବେ ଗଢ଼ିତୋଳିବା ପାଇଁ ପୌର ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ।

## ନେପାଳ ବନ୍ୟା ପୀଡ଼ିତଙ୍କ ପାଇଁ ଦଶମ ଶ୍ରେଣୀ ଛାତ୍ରୀଙ୍କ ମହାନତା
## ରାକ୍ଷୀ ଉପହାର ଟଙ୍କା ଦାନ କରି ସାଜିଲେ ପ୍ରେରଣା

ରେଢ଼ାଖୋଲ,୩।୯ (ନିପ୍ର): ପଡ଼ୋଶୀ ରାଜ୍ୟ ନେପାଳର ଭୀଷଣ ବନ୍ୟା ଦୁର୍ଦ୍ଦଶା ସମୟରେ ମାନବିକତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶନୀ ରାଉତ। ନିଜ ଭାଇଠାରୁ ରାକ୍ଷୀ ବାବଦରେ ପାଇଥିବା ୨୧୦୦ ଟଙ୍କାକୁ ସେ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ବୁଧବାର ଆଦ୍ୟାଶା ନିଜ ମାଆ ରଶ୍ମିତା ରାଉତ ଓ ବାପା ସରୋଜ ରାଉତଙ୍କ ସହିତ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏହି



ଅର୍ଥ ରାଶିକୁ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତଙ୍କୁ ହସ୍ତାନ୍ତର କରିଛନ୍ତି । ଜଣେ କୁନି ଛାତ୍ରୀଙ୍କ ଏପରି ଦେଶପ୍ରେମ ଓ ସମବେଦନାପୂର୍ଣ୍ଣ ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛି । ଛାତ୍ରୀଙ୍କ ଏହି ମହତ କାର୍ଯ୍ୟକୁ ଉପଜିଲ୍ଲାପାଳ ଅତ୍ୟନ୍ତ ପ୍ରଶଂସା କରିବା ସହିତ ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ଏହି କାର୍ଯ୍ୟରୁ ପ୍ରେରିତ ହେବାକୁ ଅନୁରୋଧ କରିଛନ୍ତି । ଏହି ଅବସରରେ ଆଦ୍ୟାଶା ଦେଶର ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ପକେଟ୍ ମନି ରୁ କିଛି ଅର୍ଥ ବଞ୍ଚାଇ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିବାକୁ ଏବଂ ନେପାଳର ଦୁର୍ଦ୍ଦଶାଗ୍ରସ୍ତ ଜନସାଧାରଣଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ଆହ୍ୱାନ ଜଣାଇଛନ୍ତି ।

### ବିପଦରେ ବୁଲା ଗାଈଗୋରୁ

## ରାସ୍ତା ଉପରେ ବିତୁଛି ଜୀବନ, ନା ମାଲିକ ଖୋଜୁଛି ନା ପ୍ରଶାସନର ଚିନ୍ତା

ତରଭା, ୩/୯( ନିପ୍ର) ଦିନକୁ ଦିନ ଗୋ ସମ୍ପଦ ସଂଖ୍ୟା କମିବାରେ ଲାଗିଛି । ସମୟ ଥିଲା ଧନ ସମ୍ପତ୍ତି ମଧ୍ୟରେ ଗୋରୁଗାଈଙ୍କୁ ସମ୍ପଦ ବା ଧନ ବୋଲି ମନେ କରୁଥିଲେ। ଯୁଗ ବଦଳିଛି ଏବେ ଗୋ ସମ୍ପଦ ଅଲୋଡା ମନେ ହେଉଛି। ବିଶେଷ କରି ସହରୀ ଅଞ୍ଚଳରେ ଗୋରୁଗାଈଙ୍କ ଅବସ୍ଥା କହିଲେ ନ ସରେ। ଏମାନେ ଖରା ବର୍ଷା ଶୀତ ଖୋଲା ଆକାଶ ତଳେ ରାସ୍ତା ଘାଟ ଅଫିସ ସମ୍ମୁଖରେ ସବୁବେଳେ ଏମାନଙ୍କୁ ଦେଖିବାକୁ ମିଳେ । ନା ଏମାନଙ୍କୁ ମାଲିକ ଖୋଜୁଛି ନା ପ୍ରଶାସନ ଏଦିଗରେ ପଦକ୍ଷେପ ନେଉଛି। ପଲ ପଲ ଗାଈଗୋରୁ ରାସ୍ତାକୁ ଗୁହାଳ ମନେକରି ଆରାମରେ ଶୋଇ ଥାଆନ୍ତି ଯାହାକି ଅନେକ ସମୟରେ ଗାଡି ମଟର ଧକ୍କାରେ ଏମାନଙ୍କ ଜୀବନ ଯାଇଥାଏ ନଚେତ୍ ଦୁର୍ଘଟଣାରେ ଆହତ ହୋଇ ଖଣ୍ଡିଆ ଖାବରା ହେଉଥିବାର ଦୃଷ୍ଟାନ୍ତ ରହିଛି ।



ଏମାନେ ସହରରେ ରହୁ ଥିବାରୁ ଘାସ ପାଳ ନ ପାଇ ଅପ୍ରାକୃତିକ ଖାଦ୍ୟ ଯଥା କାଗଜ ପତ୍ର ପଲିଥିନ ଇତ୍ୟାଦି ଖାଇ ଅସୁସ୍ଥ ରୁଗ୍ଣ ହୋଇ ଜୀବନ ବିତାଇଥାନ୍ତି। ଗାଈ ଗୋରୁଙ୍କ ମାଲିକ ଯେହେତୁ ଏହାଙ୍କୁ ଆକଟ କରୁ ନ ଥିବା ଯୋଗୁଁ ଏମାନେ ଅନେକ ସମୟରେ ଅସାଧୁ ଚୋରା ଗୋରୁ ଚାଲାଣକାରୀଙ୍କ ଦ୍ୱାରା ଅପହୃତ ହେଉଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳୁଛି। ଏଣୁ ସ୍ଥାନୀୟ ପ୍ରଶାସନ ଏହାକୁ ଗୁରୁତ୍ୱ ମନେକରି ଗୋରୁ ମାଲିକଙ୍କୁ ତାଗିଦ କରୁ ନଚେତ୍ ପ୍ରଶାସନ ପକ୍ଷରୁ ଏମାନଙ୍କ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯାଉ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ବିଭିନ୍ନବର୍ଗରେ ସମ୍ବର୍ଦ୍ଧିତ ହେବ ବୌଦ୍ଧ ଜିଲ୍ଲା

ବୌଦ୍ଧ ,୩।୯ (ନିପ୍ର): ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଓ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ଓ ୨୦୨୫ରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ଆଲୁମନି କମିଟି, ଶିକ୍ଷକ ଓ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଏହି ସଫଳତା ଜିଲ୍ଲାର ଶିକ୍ଷା ମହଲରେ ଆନନ୍ଦ ଓ ଉତ୍ସାହର ପରିବେଶ ସୃଷ୍ଟି କରିଛି। ୨୦୨୪ ବର୍ଷ ପାଇଁ ଆଲୁମନି କମିଟି ବର୍ଗରେ ସମଲେଶ୍ୱରୀ ହାଇସ୍କୁଲ, ଘଣ୍ଟାପଡ଼ା ମନୋନୀତ ହୋଇଛି। ସେହିପରି ୨୦୨୫ ଶିକ୍ଷା ବର୍ଷ ପାଇଁ ଗ୍ରାମ ପଞ୍ଚାୟତ ପୁରସ୍କାର ପାଇଁ କଣ୍ଟାମାଳ ବ୍ଲକର ବରଗାଁ ଗ୍ରାମ ପଞ୍ଚାୟତ, ଆଲୁମିନି କମିଟି ପାଇଁ ଜନତା ହାଇସ୍କୁଲ ଆମ୍ବଗାଁ, ପ୍ରାଥମିକ ବିଦ୍ୟାଳୟ ବର୍ଗରେ ବୌଦ୍ଧ ବ୍ଲକର ବଲାସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ହରଭଙ୍ଗା ବ୍ଲକର ଧଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମନୋନୀତ ହୋଇଛନ୍ତି। ମାଧ୍ୟମିକ ବିଦ୍ୟାଳୟ ବର୍ଗରେ ସମଲେଶ୍ୱରୀ ହାଇସ୍କୁଲ, ଘଣ୍ଟାପଡ଼ା ଏବଂ ମାଧ୍ୟମିକ ସାମାଜିକ ବିଜ୍ଞାନ ଶିକ୍ଷକ ବର୍ଗରେ କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବନମାଳୀ ମେହେର ମନୋନୀତ ହୋଇଛନ୍ତି। ଏହାସହ ଛାତ୍ରବୃତ୍ତି ବର୍ଗରେ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟର ଇତିଶା ଦାସ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ,ସଂଗ୍ରାମପୁରର ମିଳନ ମେହେର ମନୋନୀତ ହୋଇଛନ୍ତି।

## ସାଇବର ସଚେତନତା ଓ ନିଶାମୁକ୍ତ ଭାରତ ଅଭିଯାନ

ନିରାକାରପୁର,୩।୯ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କଲେଜ ପରିସରରେ ନିରାକାରପୁର ପୋଲିସ ଆନୁକୂଲ୍ୟରେ ଏକ ସାଇବର ଠକେଇ ସଚେତନତା ଏବଂ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କଲେଜର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ରାଉତରାୟ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିରାକାରପୁର ଥାନା ଆଇଆଇସି ରୀନାରାଣୀ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧରୁ ବର୍ତ୍ତିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ବିଶେଷ କରି ନିଜର ଓଟିପି , ପିନ୍ , ବ୍ୟାଙ୍କ ବିବରଣୀ କାହା ସହ ଶେୟାର ନ କରିବା, ଅଜଣା ଲିଙ୍କ୍‌ରେ କ୍ଲିକ୍ ନ କରିବା, ଏବଂ କୌଣସି ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ ରେ ଯୋଗାଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ।ଏହା ସହିତ ନିଶାଦ୍ରବ୍ୟ ସେବନର କୁପ୍ରଭାବ ଓ ଏଥିରୁ ଦୂରେଇ ରହି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ 'ନିଶାମୁକ୍ତ ଭାରତ ଅଭିଯାନ' ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା।

## ନର୍ଲା ପୋଲିସକୁ ବଡ଼ ସଫଳତା : ୭ ଅଭିଯୁକ୍ତ ଗିରଫ, ନଗଦ ୩.୮୫ ଲକ୍ଷ ଟଙ୍କା ସହ ସୁନା ଓ ଗାଡ଼ି ଜବତ

କେସିଙ୍ଗା,୩।୯ (ନିପ୍ର): ନର୍ଲା ଥାନା ଅଧୀନରେ ଘଟିଥିବା ଏକ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିବାରେ ନର୍ଲା ପୋଲିସ ସଫଳତା ହାସଲ କରିଛି। ଏହି ମାମଲାରେ ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ହୋଇଥିବା ନଗଦ ଟଙ୍କା, ସୁନା ଅଳଙ୍କାର, ମୋଟରସାଇକେଲ, ମୋବାଇଲ ଫୋନ ଓ ଦୁଇଟି ଚାରିଚକିଆ ଗାଡ଼ି ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତ ୧୨ ଅଗଷ୍ଟ ୨୦୨୬ ତାରିଖରେ ଭବାନୀପାଟଣାର ଉପେନ୍ଦ୍ର ରାଉତ ଓ ସୀତାରାମ ସା ବ୍ୟବସାୟିକ ଟଙ୍କା ସଂଗ୍ରହ କରି ରୁପ୍ରା ଅଞ୍ଚଳରୁ ମୋଟରସାଇକେଲରେ ଫେରୁଥିବା ବେଳେ ଚିପୁଲ ନିକଟରେ ଏକ ଚାରିଚକିଆ ଗାଡ଼ିରେ ଆସିଥିବା ମୁଖା ପିନ୍ଧା ପ୍ରାୟ ୧୦ ଜଣ ଦୁର୍ବୃତ୍ତ ସେମାନଙ୍କୁ ଆକ୍ରମଣ କରିଥିଲେ। ଲାଠିରେ ମାଡ଼ ମାରି ଦୁଇଜଣଙ୍କୁ ରାସ୍ତାରେ ପକାଇ ଦେବା ପରେ ସେମାନଙ୍କ ନିକଟରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ନର୍ଲା ଥାନାରେ ମାମଲା ନମ୍ବର ୧୬୭/୨୦୨୬ ରୁଜୁ ହୋଇଥିଲା। ତଦନ୍ତ ସମୟରେ ପୋଲିସ ୭ ଜଣ ଅଭିଯୁକ୍ତଙ୍କ ସଂପୃକ୍ତି ପ୍ରମାଣିତ କରି ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୩ ଲକ୍ଷ ୮୫ ହଜାର ଟଙ୍କା ନଗଦ, ୭.୬୯୦ ଗ୍ରାମ ସୁନା, ଏକ ହିରୋ ସ୍ପ୍ଲେଣ୍ଡର ମୋଟରସାଇକେଲ, ୯ଟି ସ୍ମାର୍ଟ ମୋବାଇଲ ଫୋନ, ଏକ ହୁଣ୍ଡାଇ ୧୦ କାର, ଏକ ମହିନ୍ଦ୍ରା ଜାଇଲୋ ଓ ଏକ ୟେଜ୍‌ଦି ମୋଟରସାଇକେଲ ଜବତ କରାଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ମାମଲାର ତଦନ୍ତ ଜାରି ରହିଛି। ଏହି ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସଂପୃକ୍ତି ଥିବା ନେଇ ତଦନ୍ତ ଚାଲିଥିବା ବେଳେ ସମସ୍ତ ତଥ୍ୟ ସଂଗ୍ରହ ପରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ନୟାଗଡ଼ର ଷଷ୍ଠ ଜିଲ୍ଲା ପରିଷଦ ଦ୍ୱାଦଶ ସାଧାରଣ ଅଧିବେଶନ

## ରାଉତପଡ଼ା- ଡିମିରିଆ ଜଳାଶୟ ପାଇଁ ୧୫୨୧କୋଟି ଟଙ୍କା ଅନୁମୋଦନ

ନୟାଗଡ,୩।୯ (ନିପ୍ର): ଜିଲ୍ଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲ୍ଲା ପରିଷଦର ଦ୍ୱାଦଶ ସାଧାରଣ ଅଧିବେଶନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ବିଧାୟକ ଡ଼ଃ ଅରୁଣ କୁମାର ସାହୁ, ,ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲାପାଳ ମଧୁମିତା ରଥ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପାଧକ୍ଷା, ଜିଲ୍ଲା ପରିଷଦ ଓ ବିଷ୍ଣୁପ୍ରିୟା ବେହେରା, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବିପିନ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀମତୀ ରଥ ଉପସ୍ଥିତ ଥିବା ସମସ୍ତ ଜନ ପ୍ରତିନିଧି, ସରକାରୀ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଏକାଦଶ ସାଧାରଣ ଅଧିବେଶନର ବିବରଣୀ ପଠନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରାଉତ ପୂର୍ବ ବୈଠକର ବିବରଣୀ ପଠନ କରିବା ସହ ବିଭିନ୍ନ ବିଭାଗ ଯଥା ଗ୍ରାମ୍ୟ ଉନ୍ନୟନ ବିଭାଜନ -୧ ଓ ୨, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜଳ ସେଚନ ବିଭାଗ, ଉଠା ଜଳ ସେଚନ ବିଭାଗ,ସ୍ୱଚ୍ଛ ଭାରତ ମିଶନ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ଉପସ୍ଥିତ ଥିବା ଜିଲ୍ଲା ପରିଷଦର ସଭ୍ୟ /ସଭ୍ୟାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ବିଭିନ୍ନ ବିଭାଗର ବକେୟା କାମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ବିବରଣୀକୁ ଦୃଢ଼ୀକରଣ କରିବା ପାଇଁ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ରଖିଥିଲେ। ଏହାପରେ ଦ୍ୱାଦଶ ସାଧାରଣ ଅଧିବେଶନର କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ଜିଲ୍ଲା ମଙ୍ଗଳ ବିଭାଗର ଅଧିକାରୀଙ୍କ ସହ ଜିଲ୍ଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ନିମିତ୍ତ ସମସ୍ତ ପ୍ରକଳ୍ପର ସ୍ଥିତି ରିପୋର୍ଟ ପ୍ରଦାନ କରିବା ସହ ପ୍ରକଳ୍ପଗୁଡିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହାପରେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଜିଲାରେ ଥିବା ବିଭିନ୍ନ ନଦୀ ବନ୍ଧର ରକ୍ଷଣାବେକ୍ଷଣ ଓ ନୂତନ ନଦୀବନ୍ଧ ନିର୍ମାଣ ଏବଂ କେନାଲ ଓ ବିଭିନ୍ନ ଜଳସେଚନ ପ୍ରକଳ୍ପ ଯଥା ବୁଢ଼ା ବୁଢ଼ିଆଣୀ ଜଳସେଚନ ପ୍ରକଳ୍ପ, କୁଆଁରିଆ ପ୍ରକଳ୍ପର ରକ୍ଷଣାବେକ୍ଷଣ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା । ଏଥି ସହ ରାଉତପଡା - ଡ଼ିମିରିଆ ଓ ପଦ୍ମାବତୀ ନିକଟରେ ଦୁଇଟି ଆନ୍ତଃନଦୀ ଜଳାଶୟ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିବା ସହ ରାଉତପଡା - ଡ଼ିମିରିଆ ଜଳାଶୟ ପାଇଁ ୧୫୨୧କୋଟି ଟଙ୍କା ପ୍ରଶାସନିକ ଅନୁମୋଦନ ମିଳିସାରିଛି ବୋଲି ସମ୍ପୃକ୍ତ ଯନ୍ତ୍ରୀ ସୂଚନା ଦେଇଥିଲେ।

ପରେ କ୍ଷୁଦ୍ର ଜଳସେଚନ ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ଯଥା ରଘୁନାଥପୁର , ପାଣିପୋଇଲା, କୁସୁମା, ଗୁଣ୍ଡୁଣି, ପଥର ଗଣ୍ଡ, କେନ୍ଦୁଆ ଆଦି ଜାଗାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକ ଉପରେ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାମାନେ ସମୀକ୍ଷା କରିବା ସହ ଜିଲ୍ଲାରେ ଚାଲିଥିବା ସମସ୍ତ ପ୍ରକଳ୍ପର ରିପୋର୍ଟ ପ୍ରଦାନ କରିବାପାଇଁ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାପରେ ଉଠା ଜଳସେଚନ ବିଭାଗ ଅନ୍ତର୍ଗତ ସମସ୍ତ ଅଚଳ ହୋଇ ରହିଥିବା ପ୍ରକଳ୍ପ ଗୁଡିକୁ ୧୫ ଦିନ ଭିତରେ କାର୍ଯ୍ୟକ୍ଷମ କରାଇବା ସହ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମବାୟ ବିଭାଗର ଉପନିବନ୍ଧକଙ୍କ ସହ ଚାଷୀମାନଙ୍କର ପଞ୍ଜୀକରଣ ସମୟରେ ହେଉଥିବା ବିଭିନ୍ନ ଅସୁବିଧା ଏବଂ ଜିଲ୍ଲାରେ ଥିବା ଧାନ କ୍ରୟ କେନ୍ଦ୍ରର ଆବଶ୍ୟକ ମୌଳିକ ଭିତ୍ତିଭୂମି ଯୋଗାଇବା ସହ ନିର୍ମାଣ ହେଉଥିବା କ୍ରୟ କେନ୍ଦ୍ର ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବଂ ଅଦ୍ୟାବଧି ଜିଲ୍ଲାରେ ୬୧,୨୦୦ ଜଣ ଚାଷୀ ପଞ୍ଜୀକରଣ କରିସାରିଲେଣି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ ।

# ମୋଦିଙ୍କ ନେତୃତ୍ୱକୁ ବେଲଜିୟମ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

## ୨୦ ବର୍ଷ ଭିତରେ ବହୁତ କିଛି ବଦଳିଛି ଭାରତ



ନୂଆଦିଲ୍ଲୀ,୩।୯: ଭାରତ ୟୁରୋପୀୟ ସଂଘ ଏବଂ ୟୁରୋପ ସହିତ ତାର ସମ୍ପର୍କକୁ ମଜବୁତ କରୁଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭରଙ୍କୁ ଭେଟିଛନ୍ତି। ରାଜଧାନୀର ହାଇଦ୍ରାବାଦ ହାଉସରେ ଦୁଇ ନେତା ସାକ୍ଷାତ କରିଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଭାରତ-ବେଲଜିୟମ ସମ୍ପର୍କ ପାରମ୍ପରିକ ସହଯୋଗ କ୍ଷେତ୍ର ବାହାରେ ପ୍ରତିରକ୍ଷା ଏବଂ ସ୍ୱଚ୍ଛ ଶକ୍ତି ଭଳି ରଣନୈତିକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ସେ ଜୋରାୱାର ଟ୍ୟାଙ୍କ ଏବଂ ଆନ୍ଧ୍ର ପ୍ରଦେଶରେ ଏକ ପ୍ରମୁଖ ସବୁଜ ଆମୋନିଆ ପ୍ରକଳ୍ପ ଉପରେ ସହଯୋଗ ବିଷୟରେ ଉଲ୍ଲେଖ କରିଥିଲେ। ସେ ଜାତୀୟ ରାଜଧାନୀରେ ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭରଙ୍କ ସହିତ ଏକ ମିଳିତ ବିବୃତ୍ତି ପ୍ରଦାନ କରିବା ସମୟରେ ଏହି ବିବୃତ୍ତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଆଜି, ଆମର ସହଯୋଗର ପରିସର ପାରମ୍ପରିକ କ୍ଷେତ୍ର ବାହାରେ ପ୍ରତିରକ୍ଷା ଏବଂ ସ୍ୱଚ୍ଛ ଶକ୍ତି ଭଳି ରଣନୈତିକ କ୍ଷେତ୍ର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଆମେ ଜୋରାୱାର ଟ୍ୟାଙ୍କ ଭଳି ଆଧୁନିକ ପ୍ରତିରକ୍ଷା ଉପକରଣ ଉପରେ ଏକାଠି କାମ କରୁଛୁ। ଆମେ ଆନ୍ଧ୍ର ପ୍ରଦେଶର କାକିନାଡାରେ ବିଶ୍ୱର ସର୍ବବୃହତ ସବୁଜ ଆମୋନିଆ ପ୍ରକଳ୍ପ ମଧ୍ୟରୁ ଗୋଟିଏ ବିକଶିତ କରୁଛୁ।" ସେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ଐତିହାସିକ ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରି କହିଥିଲେ, "ଭାରତ ଏବଂ ବେଲଜିୟମର ସମ୍ପର୍କ ଇତିହାସରେ ଗଭୀର ଭାବରେ ଜଡିତ। ସେହିପରି ଭାରତକୁ ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବରେ ବର୍ଣ୍ଣନା କରିଛନ୍ତି ବେଲଜିୟମ ପ୍ରଧାନମନ୍ତ୍ରୀ ବାର୍ଟ ଡି ୱେଭର। ଅର୍ଥନୈତିକ ଏବଂ ରଣନୈତିକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଡି ୱେଭର ଭାରତକୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏବଂ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ବର୍ଣ୍ଣନା ମଧ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ବାର୍ଟ ଡି ୱେଭରଙ୍କୁ ଭେଟିଛନ୍ତି। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଥିଲା, କାରଣ ଏହା ୨୦ ବର୍ଷ ମଧ୍ୟରେ କୌଣସି ବେଲଜିୟମ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଭାରତ ଗସ୍ତ ଥିଲା। ବୈଠକ ସମୟରେ, ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କର ସମଗ୍ର କ୍ଷେତ୍ର, ଏବଂ ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା କରିଥିଲେ। ପୂର୍ବରୁ ବେଲଜିୟମ ପ୍ରଧାନମନ୍ତ୍ରୀ ରାଜଧାନୀର ରାଜଘାଟରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଏକ ମିଳିତ ବିବୃତ୍ତିରେ ବେଲଜିୟମ ପ୍ରଧାନମନ୍ତ୍ରୀ କହିଛନ୍ତି, '୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ବେଲଜିୟମର ପ୍ରଧାନମନ୍ତ୍ରୀ ଭାବରେ ଏଠାକୁ ଆସିବା ମୋ ପାଇଁ ଏକ ବିଶେଷ ସମୟ। ଏହା ବହୁତ ଲମ୍ବା ସମୟ। ଏହି ୨୦ ବର୍ଷ ମଧ୍ୟରେ ଭାରତରେ ଏକ ବଡ଼ ପରିବର୍ତ୍ତନ ଆସିଛି, ଏବଂ ନିଶ୍ଚିତ ଭାବରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ, ଭାରତରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇଛି। ଆଜି ଆପଣ କେବଳ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ନୁହଁନ୍ତି, ବରଂ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି। ଏହା ଏକ ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ଶକ୍ତି ଏବଂ ଏକ ପ୍ରମୁଖ ଭୂ-ରାଜନୈତିକ ଶକ୍ତି ପାଲଟିଛି, ଯାହାର ସ୍ୱର କ୍ଷେତ୍ର ବାହାରେ ବହୁ ଦୂରକୁ ପହଞ୍ଚିଛି।'

## ସପ୍ତାହକରେ ଚିନିଦର ୩.୮୫% କମିଲା



ନୂଆଦିଲ୍ଲୀ,୩।୯: ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବା ପରେ ସର୍ବଭାରତୀୟ ସ୍ତରରେ ଚିନିର ହାରାହାରି ଖୁଚୁରା ଦର ଗତ ସପ୍ତାହକ ମଧ୍ୟରେ ୩.୮୫ ପ୍ରତିଶତ ହ୍ରାସ ପାଇଛି। ଏବେ ଚିନିର ହାରାହାରି ଖୁଚୁରା ଦର କିଲୋଗ୍ରାମ ପିଛା ୬୨ ଟଙ୍କା ୫୭ ପଇସା ରହିଛି। ସପ୍ତାହକ ପୂର୍ବେ ଦେଶରେ ଚିନିର ହାରାହାରି ଖୁଚୁରା ଦର କିଲୋଗ୍ରାମ ପିଛା ୬୫ ଟଙ୍କା ୦୮ ପଇସା ରହିଥିଲା। ଅନ୍ୟପକ୍ଷରେ ଦେଶରେ ଚିନିର ହାରାହାରି ପାଇକାରୀ ଦର ସେପ୍ଟେମ୍ବର ୨ ତାରିଖ ବେଳକୁ କିଲୋଗ୍ରାମ ପିଛା ୫୭ ଟଙ୍କା ୬୨ ପଇସାକୁ ହ୍ରାସ ପାଇଛି। ସପ୍ତାହକ ତଳେ ପାଇକାରୀ ବଜାରରେ ଚିନି ଦର ୬୦ ଟଙ୍କା ୩୯ ପଇସା ରହିଥିଲା ବୋଲି ଖାଉଟି ବ୍ୟାପାର ମନ୍ତ୍ରାଳୟ ତଥ୍ୟରୁ ଜଣାଯାଇଛି। କିନ୍ତୁ ମାସକର ମୂଲ୍ୟ ଅନୁଧ୍ୟାନରୁ ଜଣାଯାଇଛି ଯେ ଏବେ ବି ଗ୍ରାହକ ୨୭ ପ୍ରତିଶତ ଅଧିକ ଦାମରେ ଚିନି କିଣୁଛନ୍ତି। ମାସକ ତଳେ ଚିନି ଦର କିଲୋଗ୍ରାମ ପିଛା ୪୯ ଟଙ୍କା ୩୩ ପଇସା ସ୍ତରରେ ରହିଥିଲା।

## କୋଲାଥୁରରେ ଟିଭିକେ ବିଧାୟକଙ୍କ ବିଜୟ ରଦ୍ଦ ଦାବି ଖାରଜ କଲେ ମାଡ୍ରାସ୍ ହାଇକୋର୍ଟ

ଚେନ୍ନାଇ,୩।୯: ୨୦୨୬ ତାମିଲନାଡ୍ର ବିଧାନସଭା ନିର୍ବାଚନରେ କୋଲାଥୁର ଆସନରୁ ଟିଭିକେ ବିଧାୟକ ଭି.ଏସ୍. ବାବୁଙ୍କ ବିଜୟକୁ ରଦ୍ଦ କରିବା ପାଇଁ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ୍ କରିଥିବା ଆବେଦନକୁ ଗୁରୁବାର ମାଡ୍ରାସ୍ ହାଇକୋର୍ଟ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ସୁଶ୍ରୁତ ଅରବିନ୍ଦ ଧର୍ମାଧିକାରୀ ଓ ବିଚାରପତି ଜି. ଅରୁଲ୍ ମୁରୁଗାନ୍ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଷ୍ଟାଲିନ୍ ତାଙ୍କ ଆବେଦନରେ ଇଭିଏମରେ ତ୍ରୁଟି, ମେଳ ନ ହେବା ଓ ବିଭିନ୍ନ ଅସଙ୍ଗତି ଥିବା ଅଭିଯୋଗ କରିଥିଲେ। ଏଥିସହ କୋଲାଥୁର ନିର୍ବାଚନମଣ୍ଡଳୀରେ ବ୍ୟବହୃତ ସମସ୍ତ ୨୮୬ଟି ଇଭିଏମର ଯାଞ୍ଚ ଓ ଭିଭିପାଟର ୧୦୦ ପ୍ରତିଶତ ଗଣନା କରିବାକୁ ମଧ୍ୟ ସେ ଦାବି କରିଥିଲେ। ଶୁଣାଣି ସମୟରେ ଷ୍ଟାଲିନ୍ଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ଯୁକ୍ତି ରଖିଥିଲେ। ସେ କହିଥିଲେ, ଷ୍ଟାଲିନ୍ ମେ ୭ରେ ଇଭିଏମର ଭୋଟ୍ ଗଣନା ପରବର୍ତ୍ତୀ ଯାଞ୍ଚ ପାଇଁ ଆବେଦନ କରିଥିଲେ। କିନ୍ତୁ ନିର୍ବାଚନ କମିସନ୍ ଜୁଲାଇ ୨୯ରୁ ଏହି ଯାଞ୍ଚ ଆରମ୍ଭ କରିଥିଲେ, ଅର୍ଥାତ୍ ୪୫ ଦିନ ବିଳମ୍ବରେ ଯାଞ୍ଚ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗୋଟିଏ ନିର୍ବାଚନମଣ୍ଡଳୀର ୫ ପ୍ରତିଶତ ଇଭିଏମର ଏଭଳି ଯାଞ୍ଚ କରାଯିବା କଥା ବୋଲି ସେ ଯୁକ୍ତି ଦେଇଥିଲେ। ୧୪ଟି ଇଭିଏମ୍ ଯାଞ୍ଚ କରାଯିବାର ଥିଲା। ପ୍ରଥମେ ଚୟନ ହୋଇଥିବା ୪ଟି ମେସିନ୍ ମଧ୍ୟରୁ ୩ଟି କାମ କରିନଥିଲା। ପରେ ଆଉ ୪ଟି ମେସିନ୍ ଚୟନ କରାଯାଇଥିଲା ଏବଂ ସେଥିରୁ ଗୋଟିଏ କାମ କରିନଥିଲା ବୋଲି ସିବଲ୍ କହିଥିଲେ। ୨୦୮ ନମ୍ବର ମତଦାନ କେନ୍ଦ୍ରରେ ବାଲଟ୍ ୟୁନିଟ୍ ଚିହ୍ନଟ ହୋଇ ନ ଥିବାରୁ କଣ୍ଟ୍ରୋଲ୍ ୟୁନିଟରେ ଷ୍ଟାଲିନ୍ଙ୍କ ନାମ ଦେଖାଯାଇ ନ ଥିଲା ବୋଲି ସେ ଦାବି କରିଥିଲେ। ଏହି ତ୍ରୁଟିର ତଦନ୍ତ ପାଇଁ ନିର୍ବାଚନ କମିସନକୁ ନିର୍ଦ୍ଦେଶ ଦେବାକୁ ସେ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ, ନିର୍ବାଚନ କମିସନ୍ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜି. ରାଜଗୋପାଳନ୍ ଓ ଦାମା ଶେଷାଦ୍ରି ନାଇଡୁ ଯୁକ୍ତି ରଖିଥିଲେ। ସେମାନେ କହିଥିଲେ, ଏଭଳି ମାମଲାର ସମାଧାନ ପାଇଁ ରିଟ୍ ଆବେଦନ ନୁହେଁ, ଲୋକପ୍ରତିନିଧି ଆଇନର ଧାରା ୮୦ ଅନୁସାରେ ନିର୍ବାଚନୀ ମାମଲା ଦାଏର କରିବାକୁ ପଡ଼ିବ। ସମ୍ବିଧାନର ଅନୁଚ୍ଛେଦ ୩୨୯(ବି) ଅନୁସାରେ ଏଭଳି ରିଟ୍ ଆବେଦନରେ ପ୍ରତିବନ୍ଧକ ରହିଛି ବୋଲି ସେମାନେ କହିଥିଲେ।

## ଡ୍ରୋନ୍ ଉପରେ ୧୦୦% ଶୁଳ୍କ ଲଗାଇଲା ଆମେରିକା

ନୂଆଦିଲ୍ଲୀ,୩।୯: ଡ୍ରୋନ କ୍ଷେତ୍ରରେ ଚୀନ ଉପରେ ନିର୍ଭରଶୀଳତା କମାଇବା ଓ ଘରୋଇ ଉତ୍ପାଦନକୁ ବଢାଇବା ଲକ୍ଷ୍ୟରେ ଆମେରିକା ବଡ ପଦକ୍ଷେପ ନେଇଛି। ଆମେରିକାରେ ଆମଦାନି ହେଉଥିବା କିଛି ଡ୍ରୋନ ଓ ଏହାର ନିର୍ଦ୍ଦିଷ୍ଟ ଉପକରଣ ଉପରେ ୧୦୦ ପ୍ରତିଶତ ଯାଏଁ ଆମଦାନି ଶୁଳ୍କ ଲାଗୁ ହୋଇଛି। ନୂଆ ଶୁଳ୍କ ଗୁରୁବାରଠୁ କାର୍ଯ୍ୟକାରୀ ହୋଇଛି । ବିଦେଶୀ ଡ୍ରୋନ ଓ ଏହାର ଉପକରଣ ଉପରେ ଅତ୍ୟଧିକ ନିର୍ଭରଶୀଳତା ଦେଶର ଜାତୀୟ ସୁରକ୍ଷା ପାଇଁ ଏକ ସମ୍ଭାବ୍ୟ ବିପଦ ବୋଲି ଆମେରିକା କହିଛି । ଏହି କାରଣରୁ ଆମେରିକା ନିଜ ଦେଶରେ ଡ୍ରୋନ ଉତ୍ପାଦନ ଓ ଏହାର ଯୋଗାଣ ଶୃଙ୍ଖଳକୁ ମଜବୁତ କରିବାକୁ ଚାହୁଁଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଗଷ୍ଟରେ ଏ ସମ୍ପର୍କିତ ଆଦେଶରେ ସ୍ୱାକ୍ଷର କରିଥିଲେ। ନୂଆ ବ୍ୟବସ୍ଥା ଅନୁସାରେ ୨୫ କିଲୋଗ୍ରାମରୁ ଅଧିକ ଓଜନର ଡ୍ରୋନ, ଥର୍ମାଲ ଅମେଜିଂ ସୁବିଧା ଥିବା ଡ୍ରୋନ ଓ ଡ୍ରୋନ ଡକିଂ ଷ୍ଟେସନ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗିବ। ଅନ୍ୟ ପକ୍ଷରେ ବିଶ୍ୱ ଡ୍ରୋନ୍ ବଜାରରେ ଚୀନର ପ୍ରଭାବ ବହୁତ ଅଧିକ। ଚୀନର ପ୍ରମୁଖ ଡ୍ରୋନ୍ କମ୍ପାନି ଡିଜେଆଇ ବିଶ୍ୱ ବଜାରର ଦୁଇ-ତୃତୀୟାଂଶରୁ ଅଧିକ ଅଂଶ ଦଖଲ କରିଥିବା ବିଭିନ୍ନ ଅଧ୍ୟୟନରୁ ଜଣାପଡ଼ିଛି।

## ଦିଲ୍ଲୀ ଜଳ ବୋର୍ଡ ମାମଲାରେ ସତ୍ୟେନ୍ଦ୍ର ଜୈନଙ୍କୁ ମିଳିଲା ଜାମିନ

ନୂଆଦିଲ୍ଲୀ,୩।୯ : ଦିଲ୍ଲୀ ଜଳ ବୋର୍ଡ ସହ ଜଡ଼ିତ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟି ନେତା ତଥା ପୂର୍ବତନ ଦିଲ୍ଲୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଗୁରୁବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଦିଲ୍ଲୀ ଜଳ ବୋର୍ଡର ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଓ କଥିତ ଟେଣ୍ଡରର ହେରଫେର ଅଭିଯୋଗରେ ଏହି ମାମଲା ଚାଲିଛି ।ବିଶେଷ ବିଚାରପତି ଡିଗ୍ ବିନୟ ସିଂହ ଜୈନଙ୍କ ଜାମିନ ଆବେଦନ ଉପରେ ରାୟ ଶୁଣାଇଥିଲେ । କୋର୍ଟ ୨ ଲକ୍ଷ ଟଙ୍କାର ବ୍ୟକ୍ତିଗତ ଏବଂ ଦୁଇଜଣ ଜାମିଦାରଙ୍କ ସର୍ତ୍ତରେ ତାଙ୍କୁ ଜାମିନ ଦେଇଛନ୍ତି । ଏହି ମାମଲାରେ ଦିଲ୍ଲୀ ସରକାରଙ୍କ ଆଣ୍ଟି କରପ୍ସନ୍ ବ୍ରାଞ୍ଚ୍ ଅଗଷ୍ଟ ୧୮ ତାରିଖରେ ସତ୍ୟେନ୍ଦ୍ର ଜୈନଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିଲା । ଗିରଫ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଦିଲ୍ଲୀ ଜଳ ବୋର୍ଡ ସିଇଓ ତଥା ଆଇଏଏସ ଅଧିକାରୀ ଉଦିତ ପ୍ରକାଶ ରାୟ ଏବଂ କିଛି ଠିକାଦାର ଓ ପରାମର୍ଶଦାତା ରହିଛନ୍ତି ।ଅଭିଯୋଗ ଅନୁସାରେ, ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସମ୍ପର୍କିତ ଟେଣ୍ଡରରେ ନିୟମ ପରିବର୍ତ୍ତନ ଓ ଅନିୟମିତତା ମାଧ୍ୟମରେ କିଛି ସଂସ୍ଥାକୁ ଅନୁଚିତ ଲାଭ ଦିଆଯାଇଥିଲା ।

## ଭାରତରେ କେବେ ହେବ ନାହିଁ ନେପାଳ ଭଳି ବିପର୍ଯ୍ୟୟ

## ଲଞ୍ଚ ହେଲା ସ୍ୱଦେଶୀ ସଫ୍ଟୱେର 'ଜିଓ ସରଳ'

ନୂଆଦିଲ୍ଲୀ,୩।୯: ନିକଟରେ ନେପାଳରେ ହୋଇଥିବା ଭୀଷଣ ପ୍ରାକୃତିକ ବିପର୍ଯ୍ୟୟ ବ୍ୟାପକ ଧନଜୀବନ ହାନୀର କାରଣ ପାଲଟିଛି। ଏହି ବିନାଶକାରୀ ଆପଦା ପରେ ବିଶେଷଜ୍ଞମାନେ ଭାରତର ହିମାଳୟ କ୍ଷେତ୍ରରେ ଏପରି ଘଟଣାର ପୁନରାବୃତ୍ତି ହୋଇପାରେ ବୋଲି ସତର୍କ କରିଛନ୍ତି। ତେବେ ସ୍ୱଦେଶୀ ଭୌଗଳିକ ସୂଚନା ପ୍ରଣାଳୀ (ଜିଆଇଏସ୍) ଆଧାରିତ ସଫ୍ଟୱେର 'ଜିଓ ସରଳ' ଉପଯୋଗରେ ଏଭଳି ବିପଦ ପାଇଁ ନା କେବଳ ସମୟପୂର୍ବରୁ ସତର୍କ କରାଯାଇ ପାରିବ ବରଂ ଯଦି ଏପରି ପରିସ୍ଥିତି ଉପୁଜେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ପ୍ରଭାବୀ ଢଙ୍ଗରେ ସଫଳ କରାଯାଇ ପାରିବ। ଏସରି ଇଣ୍ଡିଆ ଗୁରୁବାର ଏହି ଲିନକ୍ସ ଆଧାରିତ ଡେସ୍କଟପ ଜିଆଇଏସ ସଫ୍ଟୱେର ଲଞ୍ଚ କରିଛି। ଏହାକୁ ଭାରତରେ ଜିଆଇଏସ ସଫ୍ଟୱେର, ଲୋକେସନ ଇଣ୍ଟେଲିଜେନ୍ସ ଓ ମ୍ୟାପିଙ୍ଗ ସଲ୍ୟୁସନସ ଦେଉଥିବା ମୁଖ୍ୟ କମ୍ପାନୀ ଏସରି ଇଣ୍ଡିଆ ନିର୍ମାଣ କରିଛି। ଏହାକୁ ପ୍ରଥମ ଥର ଭାରତରେ ଲଞ୍ଚ କରାଯାଇଛି। ଖୁବ୍ ଶୀଘ୍ର ମୋବାଇଲ ଫୋନ ଲାଗି ଜିଓ ସରଳର ଏଣ୍ଡ୍ରଏଡ ଆଧାରିତ ସଫ୍ଟୱେର ମଧ୍ୟ ଲଞ୍ଚ ହେବ। ଏସରି ଇଣ୍ଡିଆର ପ୍ରବନ୍ଧ ନିର୍ଦ୍ଦେଶକ ଅଗେନ୍ଦ୍ର କୁମାର କହିଛନ୍ତି ଯେ ଗ୍ରାହକଙ୍କୁ ଆବଶ୍ୟକତା ସହିତ ନୂଆ ପ୍ରଯୁକ୍ତି ଉପସ୍ଥାପନା କରିବା ଉପରେ ଆମେ ଫୋକସ କରୁଛୁ। ଏଥିରେ ଜିଓ ସରଳର ଲଞ୍ଚିଂ ପ୍ରଯୁକ୍ତିରେ ଆତ୍ମ ନିର୍ଭର ହେବାରେ ଆମର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାଦ୍ୱାରା ଆମେ ଦୁର୍ଗମ ପର୍ବତ୍ୟାଞ୍ଚଳ ଉପରେ ନଜର ରଖି ପାରିବା ଓ ସେଠାରେ ହେଉଥିବା ପରିବର୍ତ୍ତନକୁ ଦେଖି ପାରିବା। ଆପଦାପୂର୍ଣ୍ଣ ପରିସ୍ଥିତିରେ ଲୋକଙ୍କୁ ସେଠାରୁ କାଢିବା ଓ ଏପରି ପରିସ୍ଥିତି ଉପୁଜି ସାରିଥିଲେ ଲୋକଙ୍କୁ ଉଦ୍ଧାର କରିବା, ରିଲିଫ ପହଞ୍ଚାଇବା ଓ ଏଥିପାଇଁ ଖୋଲା ରାସ୍ତାର ସଠିକ ସୂଚନା ମଧ୍ୟ ମିଳିପାରିବ। ଅଗେନ୍ଦ୍ର କୁମାର କହିଛନ୍ତି ଯେ ଜିଓ ସରଳ ହିମାଳୟ ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଭୂ-ସ୍ଖଳନ, ବନ୍ୟା ଓ ଅନ୍ୟ ପ୍ରାକୃତିକ ବିପଦର ମନିଟରିଂରେ ସହାୟକ ହେବ। ଏହାଦ୍ୱାରା ସମ୍ଭାବିତ କ୍ଷୟକ୍ଷତି ହ୍ରାସ କରିବା ସହ ଦ୍ରୁତ ଉଦ୍ଧାର କାର୍ଯ୍ୟ ପାଇଁ ମଧ୍ୟ ସହାୟତା ମିଳିପାରିବ, ଯାହା ଦ୍ୱାରା ନେପାଳ ଭଳି ଘଟଣାର ଯେପରି ଭାରତରେ ପୁନରାବୃତ୍ତି ନ ହେବା ସହ କ୍ଷୟକ୍ଷତି ଯେପରି ସର୍ବ ନିମ୍ନ ହୁଏ।

## ଝିଅ କଲେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଟିପ୍ପଣୀ

## ମା'ର ଗଲା ମନ୍ତ୍ରୀ ପଦ





ହାଇଦ୍ରାବାଦ,୩।୯: ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ନିଜ ମନ୍ତ୍ରିମଣ୍ଡଳର ସହଯୋଗୀ ତଥା ଜଙ୍ଗଲ ମନ୍ତ୍ରୀ କୋଣ୍ଡା ସୁରେଖାଙ୍କୁ ମନ୍ତ୍ରୀ ପରିଷଦରୁ ହଟାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଏହି ସମ୍ବନ୍ଧରେ ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଲାଙ୍କ ନିକଟକୁ ସୁପାରିସ ପଠାଯାଇଛି । ରାଜ୍ୟର ଜଙ୍ଗଲ ଓ ଦେବୋତ୍ତର ମନ୍ତ୍ରୀ ସୁରେଖାଙ୍କ ଝିଅ ମୁଖ୍ୟମନ୍ତ୍ରୀ ଏବଂ ଦଳର ଅନ୍ୟ ନେତାମାନଙ୍କ ବିରୋଧରେ କରିଥିବା ଟିପ୍ପଣୀ ପରେ ଏହି ବିବାଦ ସୃଷ୍ଟି ହୋଇଥିଲା । ଏହାକୁ ନେଇ ଶାସକ ଦଳର ବିଧାୟକ ଓ କର୍ମକର୍ତ୍ତାଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଅନ୍ୟପଟେ, କୋଣ୍ଡା ସୁରେଖା କ୍ୟାବିନେଟ୍ରୁ ହଟାଯିବା ଖବରକୁ ଖଣ୍ଡନ କରିଛନ୍ତି ଏବଂ କହିଛନ୍ତି ଯେ ଏ ସମ୍ପର୍କରେ ତାଙ୍କୁ କୌଣସି ଆନୁଷ୍ଠାନିକ ସୂଚନା ମିଳିନାହିଁ । ସୁରେଖା ଏକ ଗଣମାଧ୍ୟମକୁ କହିଛନ୍ତି, 'ମୋତେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ । କୌଣସି ଦସ୍ତଖତ ନାହିଁ, ଲେଟର ପ୍ୟାଡ୍ ନାହିଁ, କେବଳ ସାଦା କାଗଜ । ମୋତେ ଲାଗୁଛି ଏହା ଠିକ୍ ନୁହେଁ । ମୋତେ କୌଣସି ସୂଚନା ଦିଆଯାଇ ନାହିଁ।' ସେ ତାଙ୍କୁ ବହିଷ୍କାର କରାଯିବାର ପ୍ରକ୍ରିୟା ନେଇ ପ୍ରଶ୍ନ ଉଠାଇଛନ୍ତି । ସୁରେଖା କହିଛନ୍ତି ଯେ ସେ ଦଳ ପକ୍ଷରୁ ଜାରି 'କାରଣ ଦର୍ଶାଅ ନୋଟିସ୍'ର ଉତ୍ତର ଦେଇସାରିଥିଲେ । ତାଙ୍କ କହିବା କଥା ଯେ ଝିଅର ଟିପ୍ପଣୀ ମାମଲାରେ ତାଙ୍କ ପକ୍ଷକୁ ଭଲ ଭାବରେ ବିଚାରକୁ ନିଆଯାଇ ନାହିଁ । ସେ ଆହୁରି କହିଛନ୍ତି, 'ଦଳ ପକ୍ଷରୁ କେହି ମୋ ସହ ସମ୍ପର୍କ କରିନାହାନ୍ତି ।' କୋଣ୍ଡା ସୁରେଖା କହିଛନ୍ତି ଯେ ସେ ଅଧିକାରୀଙ୍କଠାରୁ ଆନୁଷ୍ଠାନିକ ବୟାନ ମିଳିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ସ୍ଥିର କରିବେ । ସେ କହିଛନ୍ତି, 'ଆନୁଷ୍ଠାନିକ ବୟାନ ମିଳିବା ପରେ ମୁଁ ଆଗାମୀ କାର୍ଯ୍ୟାନୁଷ୍ଠାନ ସ୍ଥିର କରିବି ।' ବିବାଦ ସହ ଜଡ଼ିତ ଅଭିଯୋଗ ଉପରେ ସୁରେଖା କହିଛନ୍ତି, 'ମୁଁ କୌଣସି ଦୁର୍ନୀତି କରିନାହିଁ କି କୌଣସି ଆପତ୍ତିଜନକ ଟିପ୍ପଣୀ ଦେଇନାହିଁ ।' ସୂଚନାନୁସାରେ କୋଣ୍ଡା ସୁରେଖାଙ୍କ ଝିଅ କୋଣ୍ଡା ସୁସ୍ମିତା ପଟେଲ ୱାରଙ୍ଗଲଠାରେ ଏକ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏବଂ ଦଳୀୟ ନେତୃତ୍ୱଙ୍କ ଉପରେ ତୀବ୍ର ଆକ୍ରମଣ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ ମୁଖ୍ୟମନ୍ତ୍ରୀ ଟିଡିପି ଏବଂ ବିଆରଏସରୁ ଆସିଥିବା ନେତାମାନଙ୍କୁ ପ୍ରାଥମିକତା ଦେଉଛନ୍ତି । ପୁରୁଣା କଂଗ୍ରେସ ବିଶ୍ୱସ୍ତମାନଙ୍କୁ ଓ ତାଙ୍କୁ ଅବହେଳା କରୁଛନ୍ତି । ଏହାସହ ସେ ପରକାଲ୍ ନିର୍ବାଚନ ମଣ୍ଡଳୀରୁ ଆଗାମୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ମଧ୍ୟ ଘୋଷଣା କରିଥିଲେ ।

## ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ ପାଇଁ ଭାରତ ସାହାଯ୍ୟ କରିବାକୁ ପ୍ରସ୍ତୁତ: ଜୟଶଙ୍କର



କିଭ୍/ନୂଆଦିଲ୍ଲୀ,୩।୯: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଦୀର୍ଘଦିନର ଯୁଦ୍ଧର ସମାପ୍ତ ପାଇଁ ଭାରତ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଅଛି ବୋଲି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ. ଜୟଶଙ୍କର କହିଛନ୍ତି। ୟୁକ୍ରେନ ଗସ୍ତ ସମୟରେ କିଭଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ସେ କହିଛନ୍ତି ଯେ, ଯଦି ଆବଶ୍ୟକ ପଡ଼େ, ତେବେ ଏହି ସଙ୍କଟର ସମାଧାନ ପାଇଁ ଭାରତ ମଧ୍ୟସ୍ଥତା କରିବାକୁ ମଧ୍ୟ ପ୍ରସ୍ତୁତ ରହିଛି । ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହାଙ୍କ ସହ ମିଳିତ ଭାବେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଜୟଶଙ୍କର କହିଛନ୍ତି, 'ଯଦି ଭାରତ କୌଣସି ବି ଉପାୟରେ ସାହାଯ୍ୟ କରିପାରିବ, ତେବେ ଆମେ ସବୁବେଳେ ସହଯୋଗ ପାଇଁ ପ୍ରସ୍ତୁତ ଅଛୁ।' ଏହା ସହିତ କୃଷ୍ଣସାଗର ଅଞ୍ଚଳରେ ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ହେଉଥିବା ଆକ୍ରମଣ ସମ୍ପର୍କରେ ମଧ୍ୟ ଦୁଇ ମନ୍ତ୍ରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବର୍ତ୍ତମାନ ୟୁକ୍ରେନ ଏବଂ ପୋଲାଣ୍ଡ ଗସ୍ତରେ ଅଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଗସ୍ତ କାଳରେ ସେ ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ଏବଂ ପୋଲାଣ୍ଡର ଉପ-ପ୍ରଧାନମନ୍ତ୍ରୀ ରାଡୋସ୍ଲୋ ସିକୋରସ୍କିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, 'ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ଆଞ୍ଚଳିକ ପରିସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିବାରେ ସାହାଯ୍ୟ କରିବ।' ବର୍ତ୍ତମାନ ସମୟରେ କୃଷ୍ଣସାଗର ଅଞ୍ଚଳରେ ରୁଷ-ୟୁକ୍ରେନ ସଂଘର୍ଷ ବୃଦ୍ଧି ପାଇବା ଯୋଗୁଁ କିଛି ଭାରତୀୟ ନାବିକ ପ୍ରାଣ ହରାଇବା ସହ ଅନେକ ଆହତ ହୋଇଥିଲେ। ଏହାକୁ ନଜରରେ ରଖି ଭାରତୀୟ ନାବିକଙ୍କ ନିରାପତ୍ତା ପ୍ରତି ଭାରତ ଗୁରୁତ୍ୱାରୋପ କରିଛି ଏବଂ ଆଲୋଚନା ଓ କୂଟନୀତି ମାଧ୍ୟମରେ ଯୁଦ୍ଧର ସ୍ଥାୟୀ ସମାଧାନ ପାଇଁ ପୁନର୍ବାର ଆହ୍ୱାନ ଦେଇଛି।

## ବିହାରର ୮ ଜିଲ୍ଲାରେ ବନ୍ୟା ଆଲର୍ଟ

ନୂଆଦିଲ୍ଲୀ,୩।୯ : ବିହାର ସରକାର ଗୁରୁବାର ୮ଟି ଜିଲ୍ଲାରେ ବନ୍ୟା ଆଲର୍ଟ ଜାରି କରିଛନ୍ତି । ଗଙ୍ଗା, ପୁନପୁନ୍ ଓ ଦରଧା ନଦୀର ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ ଏହି ସତର୍କ ସୂଚନା ଜାରି କରିଛି । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ପାଟନା, ନାଳନ୍ଦା, ଭୋଜପୁର, ବୈଶାଳୀ, ସାରଣ, ବେଗୁସରାଇ, ଲଖିସରାଇ ଏବଂ ଜାହାନାବାଦ ଆଦି ଅନ୍ତର୍ଭୁକ୍ତ । ବନ୍ୟା ଯୋଗୁଁ ଏହି ଜିଲ୍ଲାଗୁଡ଼ିକର ଅନେକ ଅଞ୍ଚଳ ଜଳମଗ୍ନ ହୋଇ ସାରିଛି । ପାଟନାର ଗ୍ରାମୀଣ ଦିୟାରା ଅଞ୍ଚଳ ପରେ ଏବେ ସହରାଞ୍ଚଳରେ ମଧ୍ୟ ବନ୍ୟା ପାଣି ପଶିବାରେ ଲାଗିଛି । ଜିଲ୍ଲାରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଶୁକ୍ରବାର ବନ୍ୟା ପ୍ରଭାବିତ ଅଞ୍ଚଳର ଆକାଶ ମାର୍ଗରୁ ସର୍ବେକ୍ଷଣ କରିବେ । ସେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ ଡକାଇଛନ୍ତି ।

## ଆକାଶଙ୍କୁ ସବୁ ଦାୟିତ୍ୱରୁ ମୁକ୍ତ କଲେ ମାୟାବତୀ

ନୂଆଦିଲ୍ଲୀ,୩/୯ : ବହୁଜନ ସମାଜ ପାର୍ଟିରେ ନୂଆ ଟ୍ୱିଷ୍ଟ । ସବୁ ଦାୟିତ୍ୱରୁ ହଟିଲେ ପାର୍ଟିର ଜାତୀୟ ସଂଯୋଜକ ଆକାଶ ଆନନ୍ଦ । ମାୟାବତୀ ନିଜେ ଏହି ଦାୟିତ୍ୱରୁ ତାଙ୍କୁ ମୁକ୍ତ କରିଛନ୍ତି । ଏହାପରେ ଆକାଶ ଆନନ୍ଦଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଥମେ ସବୁ ଦାୟିତ୍ୱ ପ୍ରଦାନ କରାଗଲା ପରେ ତାଙ୍କୁ ପୁଣି ମୁକ୍ତି କରାଗଲା । ଦଳରେ ତାଙ୍କର ସ୍ଥିତି କ'ଣ ତାହାକୁ ନେଇ ଏବେ ସାଧାରଣରେ ଅଙ୍ଗୁଳି ଉଠିବାରେ ଲାଗିଛି । ଲକ୍ଷ୍ନୌରେ ଡକାଯାଇଥିବା ରାଷ୍ଟ୍ରୀୟ ସ୍ତରର ବୈଠକରେ ମାୟାବତୀ କହିଛନ୍ତି କି ଆକାଶ ଆନନ୍ଦ ଏବେ ପରିପକ୍ୱ ହୋଇନାହାନ୍ତି ଏବଂ ତାଙ୍କୁ ଅଧିକ ପରିପକ୍ୱ ହେବା ଆବଶ୍ୟକ ଅଟେ ।

## ଆଲର୍ଟରେ ଜମ୍ମୁ-କାଶ୍ମୀର ସୁରକ୍ଷା ଏଜେନ୍ସି

ନୂଆଦିଲ୍ଲୀ,୩।୯: ଆଲର୍ଟରେ ଜାମ୍ମୁ-କାଶ୍ମୀରର ସୁରକ୍ଷା ଏଜେନ୍ସି । ସୀମା ପାରରୁ ଗୁପ୍ତଚର ସନ୍ଦେହରେ ଜୋରଦାର କରାଯାଇଛି ସୁରକ୍ଷା ବ୍ୟବସ୍ଥାକୁ। ସୂଚନା ଅନୁସାରେ , ଜାମ୍ମୁ-କାଶ୍ମୀରର ଅରନିଆ ସେକ୍ଟର ଅନ୍ତର୍ଗତ ମୋଲୁ ଚକ୍ ଅଞ୍ଚଳରେ, ପାକିସ୍ତାନୀ ମୋବାଇଲ ନମ୍ବର ଥିବା ମୁଦି ପିନ୍ଧା ଦୁଇଟି ସନ୍ଦିଗ୍ଧ ପାରା ମିଳିବା ପରେ, ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇ ଯାଇଛନ୍ତି। ସୂଚନା ଅନୁସାରେ, ମୋଲୁ ଚକ ସ୍ଥିତ ଜଣେ ସ୍ଥାନୀୟ ବାସିନ୍ଦା ନିଜ ଛାତ ଉପରେ ଦୁଇଟି ଅଜଣା ପାରା ଦେଖିଥିଲେ। ସେ ତୁରନ୍ତ ଏ ସମ୍ପର୍କରେ ସୁରକ୍ଷା ବାହିନୀକୁ ଖବର ଦେଇଥିଲେ। ଯାଞ୍ଚ ସମୟରେ ଗୋଟିଏ ପାରା ଗୋଡ଼ରେ ଏକ ରିଙ୍ଗ ବା ମୁଦି ମିଳିଥିଲା, ଯେଉଁଥିରେ ଦୁଇଟି ପାକିସ୍ତାନୀ ମୋବାଇଲ୍ ନମ୍ବର (୦୩୨୭-୫୬୧୩୨୫୭ ଓ ୦୩୨୫-୪୨୨୬୩୧୨ ) ଲେଖା ଯାଇଥିଲା ।

# ପ୍ରବଳ ବର୍ଷା ବଢ଼ାଇଲା ନେପାଳ ସଙ୍କଟ; ମୃତ୍ୟୁ ସଂଖ୍ୟା ୧୨୫୨କୁ ବୃଦ୍ଧି



କାଠମାଣ୍ଡୁ,୩।୯: ନେପାଳରେ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ଗୁରୁବାର ସୁଦ୍ଧା ୧୨୫୨କୁ ବୃଦ୍ଧି ପାଇଛି। ପ୍ରଭାବିତ ଅଞ୍ଚଳରୁ ଅଧିକ ଶବ ଉଦ୍ଧାର କରାଯାଉଥିବା ବେଳେ ଭୋଟେକୋଶୀ ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ପୁଣି ବଡ଼ ବନ୍ୟା ଆଶଙ୍କା ଦେଖାଦେଇଛି। ନେପାଳ ସେନା ନେତୃତ୍ୱରେ ମିଳିତ ଉଦ୍ଧାରକାରୀ ଦଳ ପକ୍ଷରୁ ନବମ ଦିନ ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି ଏବଂ ପ୍ରାୟ ୪୮୭୫ ଜଣ ଲୋକ ଏବେ ମଧ୍ୟ ନିଖୋଜ ଥିବା ଆଶଙ୍କା କରାଯାଉଛି। ଗତ ଅଗଷ୍ଟ ୨୬ ତାରିଖରେ ନେପାଳ-ତିବ୍ବତ ସୀମା ନିକଟରେ ହିମବାହ ସ୍ଖଳନ ଯୋଗୁଁ ଏହି ଆକସ୍ମିକ ବନ୍ୟା ସୃଷ୍ଟି ହୋଇଥିଲା, ଯାହା ଉତ୍ତର ଏବଂ କେନ୍ଦ୍ରୀୟ ନେପାଳର ଅନେକ ସହର ଓ ଗାଁକୁ ସମ୍ପୂର୍ଣ୍ଣ ଉଜାଡ଼ି ଦେଇଛି। ଚୀନ୍ ସୀମାବର୍ତ୍ତୀ ତିବ୍ବତର ଗିରୋଙ୍ଗ କାଉଣ୍ଟିରେ ମଧ୍ୟ ବନ୍ୟା ଯୋଗୁଁ ମୃତ୍ୟୁ ସଂଖ୍ୟା ୨୧ କୁ ବୃଦ୍ଧି ପାଇଛି ଏବଂ ବୁଧବାର ସୁଦ୍ଧା ୫୪୧ ଜଣ ନିଖୋଜ ଅଛନ୍ତି। ଜଳବିଜ୍ଞାନ ଏବଂ ପାଣିପାଗ ବିଭାଗର ବନ୍ୟା ପୂର୍ବାନୁମାନ ବିଭାଗର ଅଧିକାରୀ ସରସ୍ୱତୀ ବିଷ୍ଟ କହିଛନ୍ତି ଯେ ଭୋଟେକୋଶୀ ନଦୀର ଉପର ମୁଣ୍ଡରେ ଲଗାତାର ବର୍ଷା ଯୋଗୁଁ ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀ ସମେତ ରସୁୱା ଓ ନୁୱାକୋଟ୍ ଜିଲ୍ଲାରେ ପ୍ରବାହିତ ଅନ୍ୟ ଛୋଟ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇପାରେ। ସେଥିପାଇଁ ନଦୀକୂଳିଆ ଏବଂ ତଳିଆ ଅଂଚଳରେ ରହୁଥିବା ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାସହ ତାପ୍ଲେଜୁଙ୍ଗ, ତେହ୍ରାଥୁମ, ଧାନକୁଟା, ସାଙ୍ଖୁଆସଭା, ଓଖାଲଢୁଙ୍ଗା, ଉଦୟପୁର, ଚିତୱନ, ଗୋର୍ଖା, ତାନାହୁ, ଲାମଜୁଙ୍ଗ, ମାନାଙ୍ଗ, ମୁସ୍ତାଙ୍ଗ, ମ୍ୟାଗଦୀ, କାସ୍କି, ସ୍ୟାଙ୍ଗଜା, କାଠମାଣ୍ଡୁ, ଲଳିତପୁର ଏବଂ ଭକ୍ତପୁର ଭଳି ପାହାଡ଼ିଆ ଅଞ୍ଚଳର ନଦୀଗୁଡ଼ିକରେ ମଧ୍ୟ ମଧ୍ୟମ ଧରଣର ବନ୍ୟା ଆସିବାର ଆଶଙ୍କା ରହିଛି। ପାର୍ବତ୍ୟ ଅଞ୍ଚଳର କାଲିକୋଟ୍, ହୁମ୍ଲା, ଜୁମ୍ଲା, ଦାଇଲେଖ୍, ଦର୍ଚୁଲା ଏବଂ ବୈତଦୀ ନଦୀର ଜଳସ୍ତର ମଧ୍ୟ ବଢ଼ିବାରେ ଲାଗିଛି।

### ତିବ୍ବତରେ ଭୂକମ୍ପ ଝଟ୍କା

କାଠମାଣ୍ଡୁ,୩।୯: ତିବ୍ବତରେ ଗୁରୁବାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫ ରହିଛି। ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ପ୍ରଳୟଙ୍କାରୀ ବନ୍ୟା ଆସିବାର ଗୋଟିଏ ସପ୍ତାହ ପରେ ଏହି ଭୂମିକମ୍ପ ଆସିଛି। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ (ଜେଏଫ୍‌ଜ୍) ଅନୁଯାୟୀ, ଭୂକମ୍ପ ୧୦ କିଲୋମିଟର ଗଭୀରରେ ଅନୁଭୂତ ହୋଇଥିଲା। କୌଣସି କ୍ଷୟକ୍ଷତି କିମ୍ବା ଆହତ ହେବାର ରିପୋର୍ଟ ତୁରନ୍ତ ମିଳିନାହିଁ।

### ଏସିଏଫ ସୌମ୍ୟ ରଞ୍ଜନ ମୃତ୍ୟୁ ମାମଲା

# ବିଦ୍ୟାଭାରତୀଙ୍କ ଆବେଦନର ଶୁଣାଣି ଶେଷ

କଟକ(ନିପ୍ର): ବହୁ ଚର୍ଚ୍ଚିତ ଏସିଏଫ ସୌମ୍ୟ ରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ବିଦ୍ୟାଭାରତୀଙ୍କ ଆବେଦନର ଶୁଣାଣି ଶେଷ ହୋଇଛି। ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଦୁଇଟି ଆବେଦନର ଶୁଣାଣି ଶେଷ ହୋଇଛି । ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ମାନ୍ୟବର ହାଇକୋର୍ଟ । ନିମ୍ନ ଅଦାଲତରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପାଇଁ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆବେଦନ କରିଥିଲେ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ । ଗତ ୨୦୨୧ ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତା’ ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା। ମାମଲାର ତଦନ୍ତ କରି ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅଗ୍ନି ନିର୍ବାପନରେ ଅବହେଳା ଦଫାରେ ଚାର୍ଜସିଟ ଦାଖଲ କରିବା ସହ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏହାକୁ ଚ୍ୟାଲେଞ୍ଜ କରି ସୌମ୍ୟରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ମାମଲା ଦାଏର କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ଏସଡିଜେଏମ କୋର୍ଟ ପାରଳାଖେମୁଣ୍ଡି, ଏହି ୩ ଜଣଙ୍କ ବିରୋଧରେ ଆଇପିସିର ଦଫା ୩୦୨ (ହତ୍ୟା) ଏବଂ ୧୨୦- ବି (ଅପରାଧିକ ଷଡଯନ୍ତ୍ର ରଚିବା)ରେ ମୋକଦ୍ଦମା ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର ସମନ ସତ୍ତ୍ୱେ ହାଜର ନହେବାରୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ୨୦୨୩ ମସିହାରେ ଜାମିନ ବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ଯାହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ସାମୟିକ ଆଶ୍ୱସ୍ତି ପାଇଥିଲେ।

### ଦାମୀ କାର୍‌ରେ ଦେଶୀ ମଦ କାରବାରର ପର୍ଦ୍ଦାଫାସ

# ୭ ନିଶା ବେପାରୀ ଗିରଫ, ବନ୍ଧୁକ, ଗୁଳି ଓ କାର୍ ଜବତ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର ଅବକାରୀ ଟିମ୍‌କୁ ଗୁରୁବାର ଏକ ବଡଧରଣର ସଫଳତା ହାତରେ ଲାଗିଛି। ଗତ ୬ ମାସ ଧରି ବାଲିଅନ୍ତା ଥାନା ଅନ୍ତର୍ଗତ ସୁଆଁଳ ଗାଁରେ ଥିବା ଏକ ଭଡା ଘରେ ବେଆଇନ ଭାବେ ଦେଶୀ ମଦକୁ ପେକିଂ କରି ବିକ୍ରି କରୁଥିବା ଏକ ଗ୍ୟାଙ୍ଗର ୭ ଜଣ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ନିଶା ବେପାରୀମାନେ ହେଲେ କଟକ ସଦର ଥାନା ଅଞ୍ଚଳର ଦୀପକ ନାୟକ, ସୌମ୍ୟ ପ୍ରକାଶ ନାୟକ,କିଷନ କୁମାର ନାୟକ, ସୋନୁ ସାହୁ, କୃଷ୍ଣ ଦେହୁରୀ, ସୋନୁ ସାମଲଓ ଜିତେନ୍ଦ୍ର ବେହେରା। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଅବକାରୀ କର୍ମଚାରୀ ମାନେ ନଗଦ ୬ ଲକ୍ଷ ୪୦ ହଜାର ଟଙ୍କା, ଦୁଇଟି ଦାମୀ ଗାଡି ସମେତ ଏକାଧିକ ବାଇକ, ବନ୍ଧୁକ ଓ ୪ରାଉଣ୍ଡ ଜୀବନ୍ତ ଗୁଳିକୁ ଜବତ କରିଛି। ଏଥିସହ ଅବକାରୀ ଅଧିକାରୀମାନେ ଚ ?ଉ ବେଳେ ଉକ୍ତ ଘରୁ ୫ ହଜାର ୪୦୦ ଲିଟରେ ଦେଶୀ ମଦକୁ ମଧ୍ୟ ଜବତ କରିଛନ୍ତି। ଯାହାର ବଜାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ କିଶନ କୁମାର ମାଷ୍ଟରମାଇଣ୍ଡ ବୋଲି ଅବକାରୀ ସୁପରିଟେଣ୍ଡେଣ୍ଟ ଶ୍ରୀ ପଟେଲ କହିଛନ୍ତି। ଭୁବନେଶ୍ୱର ଅବକାରୀ ଟିମ୍ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲାରେ ଆହୁରି ମଧ୍ୟ ଅଭିଯୁକ୍ତ ରହିଛନ୍ତି ? ସେମାନଙ୍କୁ ଧରିବାକୁ ଅବକାରୀ ଟିମ୍ ପ୍ରୟାସ ଚଳାଇଛି ବୋଲି ଶ୍ରୀ ପଟେଲ ସୂଚନା ଦେଇଛନ୍ତି। ଭୁବନେଶ୍ୱର ଅବକାରୀ ଡିଏସପି ରାଜଶେଖର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତମାନେ କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରୁ ବିପୁଳ ପରିମାଣରେ ଦେଶୀ ମଦ ଆଣୁଥିଲେ। ଟ୍ରକ ଜରିଆରେ ମଦ ଆଣିବା ପରେ ଏଠାରୁ ଉକ୍ତ ମଦକୁ ଛୋଟ ଛୋଟ ବୋତଲରେ ପୁରାଉଥିଲେ। ଏଥିସହ ପାଉଚରେ ମଧ୍ୟ ପ୍ୟାକେଜିଂ କରୁଥିଲେ। ଏହାପରେ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ବିକ୍ରି କରୁଥିଲେ। ଏହି କାରବାର ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ଥିଲା। ବଡ଼ ଧରଣର ଚଢ଼ଉ ପାଇଁ ପୂର୍ବ ପ୍ରସ୍ତୁତି ହୋଇଥିଲା। ତେବେ ଏହି ଲିଙ୍କରେ ଗିରଫଦାରୀ ସଂଖ୍ୟା ବଢ଼ିପାରେ। ତେବେ ନିଜର ସୁରକ୍ଷା ପାଇଁ ସେମାନେ ବନ୍ଧୁକ ରଖିଥିଲେ ବୋଲି ଡିଏସପି ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଅପରାଧୀକ ମାମଲା ରହିଛି କି ନାହିଁ ତାହା ଜାଣିବା ନିମନ୍ତେ ଅବକାରୀ ବିଭାଗ ପକ୍ଷରୁ ଡିସିପି କଟକକୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ସେହିପରି ବନ୍ଧୁକକୁ ଅବକାରୀ ବିଭାଗ ପକ୍ଷରୁ ଜବତ କରାଯାଇଥିଲେ ମଧ୍ୟ ଏନେଇ ବାଲିଅନ୍ତା ଥାନାରେ ପୃଥକ ଭାବେ ଅଭିଯୋଗ କରାଯିବ ବୋଲି ଜଣାପଡିଛି।

# ଜଳିଗଲା କ୍ଷୀର ଫ୍ୟାକ୍ଟ୍ରି

## ମାଲମାଲ ଡିପ ଫ୍ରିଜର ସମେତ ୧୦ କୋଟି ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

କଟକ(ନିପ୍ର): ଜଳିଗଲା କ୍ଷୀର ଫ୍ୟାକ୍ଟ୍ରି। ଧୂଆଁରେ ଛାଇଗଲା ପୂରା ଅଞ୍ଚଳ। କଟକ ଜଗତପୁରରେ କ୍ଷୀର ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ବିପୁଳ ପରିମାଣର ଦୁଗ୍ଧଜାତ ସାମଗ୍ରୀ ଓ ମାଲମାଲ ଡିପ ଫ୍ରିଜର ପୋଡ଼ି ପାଉଁଶ ହୋଇଯାଇଛି। ସକାଳୁ ସକାଳୁ ଫ୍ୟାକ୍ଟ୍ରି ଭିତରୁ ଧୂଆଁ ବାହାରୁଥିବା ଦେଖି କର୍ମଚାରୀମାନେ ପ୍ରଥମେ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ନିଆଁ ଭୟଙ୍କର ଭାବେ ଲାଗିଥିବାରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ରୋବୋଟିକ ଏକଷ୍ଟିଙ୍ଗୁଇସର ସମେତ ଅଗ୍ନିଶମ ବାହିନୀର ୪ଟି ଟିମ୍ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିପଡ଼ିଥିଲା। ଫ୍ୟାକ୍ଟ୍ରି କୋଲଡ ଷ୍ଟୋରେଜ ଭିତରେ ଥିବା ଦହନୀୟ ସାମଗ୍ରୀ ଯୋଗୁଁ ନିଆଁ ଲିଭାଇବାରେ ଅଗ୍ନିଶମ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ତଳ ମହଲାର ଗୋଟିଏ ବଖରାରୁ ନିଆଁ ଲାଗିଥିବା ଜଣାପଡ଼ିଛି। ସେଠାରେ ଥିବା ଡିପ୍ ଫ୍ରିଜର୍ ଓ ଅନ୍ୟ ଦହନୀୟ ସାମଗ୍ରୀ ନିଆଁରେ ଜଳିଯାଇଥିଲା। ଏହାସହ ଫ୍ୟାକ୍ଟ୍ରିରେ



ମହଜୁଦ ଥିବା ବିପୁଳ ପରିମାଣର ଘିଅ, ବଟର କ୍ରିମ ମଧ୍ୟ ଜଳି ପାଉଁଶ ହୋଇଯାଇଛି। ନିଆଁରେ ବହୁ ପରିମାଣର ଦୁଗ୍ଧଜାତ ସାମଗ୍ରୀ ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀର ପ୍ରାୟ ୨ ଘଣ୍ଟାର ପ୍ରୟାସ ପରେ ଶେଷରେ ନିଆଁ ଓ ଧୂଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଛି। ନିଆଁ ଲିଭିବା ପରେ ଫ୍ୟାକ୍ଟ୍ରି ଭିତରୁ ପୋଡ଼ିଯାଇଥିବା ସାମଗ୍ରୀ ସହ ଭଲ ରହିଥିବା ଜିନିଷପତ୍ରକୁ ମଧ୍ୟ ବାହାରକୁ ଅଣାଯାଇଛି। ତେବେ କେଉଁ କାରଣରୁ ଲାଗିଲା ନିଆଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସର୍ଟ ସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଓ ସମ୍ପୂର୍ଣ୍ଣ କ୍ଷୟକ୍ଷତି ନେଇ ତଦନ୍ତ ପରେ ଜଣାପଡ଼ିବ। ତେବେ ୧୦ କୋଟି ଟଙ୍କାର ସାମଗ୍ରୀ ପୋଡି ଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ଫ୍ୟାକ୍ଟ୍ରିରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି । ଅପରପକ୍ଷେ ଫ୍ୟାକ୍ଟ୍ରିରେ ଆବଶ୍ୟକ ଫାୟାର୍ ସେଫ୍ଟି ବ୍ୟବସ୍ଥା ଥିବାରୁ ପ୍ରଥମେ ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରାଯାଇଥିଲା ବୋଲି କର୍ତ୍ତୃପକ୍ଷ କହିଛନ୍ତି।

---

# ସାପୁଆ ନଦୀରେ ବୁଡ଼ି ଦୁଇଭାଇ ମୃତ

ଆଠଗଡ଼(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ ଇଛାପୁର ଗ୍ରାମର ଦୁଇଭାଇ ଘର ନିକଟରେ ବହିଯାଉଥିବା ସାପୁଆ ନଦୀକୁ ମାଛ ମାରିବାକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି ବୋଲି ସ୍ଥାନୀୟ ଲୋକମାନଙ୍କ ସୂତ୍ରରୁ ଜଣାପଡ଼ିଛି। ବଡ଼ ଭାଇ ସୌମ୍ୟରଞ୍ଜନ ସାମଲ(୩୫)ଙ୍କୁ ଅଗ୍ନିଶମ ବାହିନୀ ଖୋଜାଖୋଜି ପରେ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୂର୍ବରୁ ସାନଭାଇ ଦିବ୍ୟ ରଞ୍ଜନ ସାମଲ (୩୦)ଙ୍କୁ ଉଦ୍ଧାର କରାଯାଇ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କ ପିତା ମହେଶ୍ୱର ସାମଲଙ୍କ କିଛି ବର୍ଷ ପୂର୍ବରୁ ଦେହାନ୍ତ ହୋଇଛି। ଆଠଗଡ଼ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରିଣୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି ।

# ଏସ୍‌ସିବିରେ ସ୍ୱାସ୍ଥ୍ୟ ବିଭାଗ ଅଡିଟ ଟିମ୍

କଟକ(ନିପ୍ର): ଏସସିବିରେ କୋଟିଏ ୪୦ ଲକ୍ଷ ଟଙ୍କା କେଲେଙ୍କାରୀ ମାମଲା। ଏସସିବି ଅଧିକ୍ଷକଙ୍କ ଚାମ୍ବରରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅଡିଟ ଟିମ୍ ପହଞ୍ଚିଛନ୍ତି । ଟିମରେ ଦୁଇଜଣିଆ ସଦସ୍ୟା ଥିବାର ସୂଚନା ମିଳିଛି । ଟିମ ପହଞ୍ଚି ସେଠାରେ ଜୋରଦାର ଖୋଳତାଡ ଆରମ୍ଭ କରିଛନ୍ତି । ଏହି ଘଟଣାରେ ପୂର୍ବରୁ ଡାଟା ଏଣ୍ଟ୍ରି ଅପରେଟର ଦିନେଶ ରାଉତ୍ ଗିରଫ ହୋଇଥିଲା। ଏପର୍ଯ୍ୟନ୍ତ ପ୍ରାୟ ୨୦୦ ଜଣ କର୍ମଚାରୀଙ୍କ ସାଲାରୀ ଆକାଉଣ୍ଟରେ ନିଜ ଆକାଉଣ୍ଟକୁ ଅଭିଯୁକ୍ତ ଦିନେଶ ବ୍ୟବହାର କରିଥିବାର କଥା ଏସସିବି କର୍ତ୍ତୃପକ୍ଷ ପୋଲିସକୁ କହିଛନ୍ତି।

---

# ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା: ପୁରୁଷ ବନ୍ଧୁଙ୍କୁ ଜାମିନ୍

କଟକ(ନିପ୍ର): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ମାମଲାରେ ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି । ୫୦ ହଜାର ଟଙ୍କାର ଦୁଇ ଜାମିନଦାରଙ୍କ ବଦଳରେ ଜାମିନ ମଞ୍ଜୁର ହୋଇଛି। ଗତ ଜୁନ ମାସରେ କାଠଯୋଡ଼ି ନଦୀରୁ ମିଳିଥିଲା ଚନ୍ଦ୍ରିକାଙ୍କ ମୃତଦେହ । କିଛି ଦିନ ପୂର୍ବରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ତାଙ୍କର ପୁରୁଷ ବନ୍ଧୁ ଭୀମସେନ ପ୍ରସାଦ ଟୁଡୁଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା । ଘଟଣାର ତଦନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା, ଜାମିନରେ ଛାଡ଼ ପାଇବା ପରେ ଅଭିଯୁକ୍ତ ତଦନ୍ତରେ ଅସହଯୋଗ କରିବାର ସମ୍ଭାବନା ଓ ସାକ୍ଷୀଙ୍କୁ ପ୍ରଭାବିତ କରିବାର ସମ୍ଭାବନାକୁ ବିଚାରକୁ ନେଇ କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ ଭୀମସେନଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ଗତ ଜୁନ ୪ରେ ଚନ୍ଦ୍ରିକାଙ୍କ ମୃତଦେହ କାଠଯୋଡ଼ିରୁ ମିଳିଥିଲା। ଏହା ପରେ ତାଙ୍କ ପରିବାର ଲୋକେ ବାରଙ୍ଗ ଥାନାରେ ଏତଲା ଦେଇଥିଲେ। ବାରଙ୍ଗ ଥାନା ପୁଲିସ ମାମଲା ରୁଜୁ କରିବା ସହିତ ଜୁନ ୧୩ରେ ଅଭିଯୁକ୍ତ ଭୀମସେନ ଟୁଡୁଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା।

---

# ଗଞ୍ଜେଇ ଜବତ, ୨ ବେପାରୀ ଗିରଫ

ଭୁବନେଶ୍ୱର(ନି.ପ୍ର): ନୟାପଲ୍ଲୀ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ସ୍ୱତନ୍ତ୍ର ଦଳ ସଦଳବଳେ କଳିଙ୍ଗ ଷ୍ଟାଡିୟମର ଗେଟ ନମ୍ବର-୮ରେ ଚଢ଼ଉ କରିବା ସହ ସ୍କୁଟି ଯୋଗେ କଟକ ପାର୍ଶ୍ୱରୁ ବରମୁଣ୍ଡା ଅଭିମୁଖେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଅଭିଯୁକ୍ତ ସୁରେଶ ଚନ୍ଦ୍ର ନାୟକ ଓ ସୁଶାନ୍ତ ବେହେରାଙ୍କୁ କାବୁ କରି ଜେଲ ପଠାଇଛି। ଛାନବିନ ସମୟରେ ପୋଲିସ ୨ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୨୧ କେଜି ୮୫୦ ଗ୍ରାମ ଓଜନର ଗଞ୍ଜେଇ, ଏକ ସ୍କୁଟି, ଏବଂ ୨୦ ହଜାର ଜବତ କରିଛି। ଅଧିକ ପଚରାଉଚରାରୁ, ଅଭିଯୁକ୍ତମାନେ ବେଆଇନ ଗଞ୍ଜେଇ ଚାଲାଣ ନେଇ ଦୋଷ ସ୍ୱୀକାର କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ନୟାପଲ୍ଲୀ ଥାନା ପୋଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ଜନିତ ମାମଲା ରୁଜୁ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

---

# ସାମାନ୍ୟ କଥାରୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର(ନି.ପ୍ର): ସାମାନ୍ୟ କଥାରୁ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ମୈତ୍ରୀ ବିହାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ମାନସ କୁମାର ସାମଲ ଓରଫ ବର୍ଣ୍ଣି ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ୩୧ ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଗ୍ୟାସ୍ ଲୋଡ୍ କରି ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ବର୍ଣ୍ଣି ତାଙ୍କୁ ରାସ୍ତାରେ ଅଟକାଇଥିଲା। ଅଭିଯୁକ୍ତ ବର୍ଣ୍ଣି ତାଙ୍କ ସ୍ୱାମୀଙ୍କୁ, ତୁମେ ଅନ୍ୟମାନଙ୍କ ଆଗରେ ମୋ ବିରୋଧରେ କାହିଁକି କହୁଛ ବୋଲି ପ୍ରଶ୍ନ କରିଥିଲା। ଏହାପରେ ଅଭିଯୁକ୍ତ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଏକ ଧାରୁଆ ଅସ୍ତ୍ରରେ ମୁଣ୍ଡର ବାମ ପାର୍ଶ୍ୱ ଓ ବାମ ଗୋଡ଼ରେ ଆକ୍ରମଣ କରିଥିଲା।

# ଜଙ୍ଗଲ ବିଭାଗ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ସୁବର୍ଣ୍ଣପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲାରେ ଘଟିଯାଇଛି ଏକ ଦୁଃଖଦ ଘଟଣା । ଫରେଷ୍ଟର ଭକ୍ତବନ୍ଧୁ ମିଶ୍ର କାମ କରିବା ପାଇଁ ଘରୁ ଡାକି ଆଣିଥିଲେ। ଡାକି ଆଣିବାରୁ ଏପରି ଘଟଣା ଘଟିଛି ବୋଲି ମୃତ ଶମ୍ଭୁଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ଅନ୍ତର୍ଗତ ସାନ କଦଳୀପାଲି ଗ୍ରାମରେ ଖେଳିଯାଇଛି ଶୋକର ଛାୟା। ଜଙ୍ଗଲ ବିଭାଗରେ ୱାଚର୍ ଭାବେ କାର୍ଯ୍ୟରତ ଥିବା ଯୁବ ଶ୍ରମିକ ଶମ୍ଭୁ ଜାଲଙ୍କର ଗତକାଲି ସନ୍ଧ୍ୟାରେ ଏକ ସନ୍ଦେହ ଜନକ ଭାବରେ ଦୁର୍ଘଟଣାରେ ପ୍ରାଣହାନି ଘଟିଥିଲା। ତେବେ ଏହା କେବଳ ଏକ ସାଧାରଣ ଦୁର୍ଘଟଣା ନା ଏହା ପଛରେ ଲୁଚି ରହିଛି କିଛି ବଡ଼ ରହସ୍ୟ ତାହାକୁ ନେଇ ଏବେ ସହରସାରା ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ଗାଡ଼ିରେ ଦୁର୍ଘଟଣା ଘଟି ଯୁବ ଶ୍ରମିକଙ୍କ ଜୀବନ ଗଲା, ସେହି ଗାଡ଼ିଟିକୁ ଥାନାକୁ



ନନେଇ ତୁରନ୍ତ ଅନ୍ୟତ୍ର ଫେରାର କରି ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହି ସମ୍ବେଦନଶୀଳ ଘଟଣାକୁ ରଫାଦଫା କରିବା ପାଇଁ କିଛି ଅସାଧୁ ବ୍ୟକ୍ତି ଲାଗିପଡ଼ିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସରକାରୀ ଗାଡ଼ିର ବେଆଇନ ବ୍ୟବହାର ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ଗାଡ଼ିଟି ହେଉଛି ଜଙ୍ଗଲ ବିଭାଗର ଏକ ‘୪୦୭ ଟ୍ରକ୍’। ନିୟମ ଅନୁଯାୟୀ, ଏହି ଗାଡ଼ିଟି କେବଳ ଜଙ୍ଗଲ ନିଆଁ ଲିଭାଇବା କିମ୍ବା ବନ୍ୟପ୍ରାଣୀ ସୁରକ୍ଷା (ୱାଇଲ୍ଡ ଲାଇଫ୍) କାର୍ଯ୍ୟରେ ବ୍ୟବହାର ହେବା କଥା। କିନ୍ତୁ ବେଆଇନ ଭାବେ ଏହି ଟ୍ରକରେ ନିୟମିତ ଚାରା, ଗଛ ବୋହିବା ସହ ଶ୍ରମିକମାନଙ୍କୁ ବିପଦପୂର୍ଣ୍ଣ ଭାବେ ନିଆଅଣା କରାଯାଉଥିଲା। ସେହି ଗାଡ଼ିରେ ଯାଉଥିବା ସମୟରେ ହିଁ କିଛି ଅଘଟଣ ଘଟି ଶମ୍ଭୁଙ୍କ ମୃତ୍ୟୁ ହୋଇଛି। ପୋଲିସ ଏବଂ ପ୍ରଶାସନ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ଏବଂ ମୃତ ଶ୍ରମିକଙ୍କ ପରିବାରକୁ ନ୍ୟାୟ ମିଳିପାରିବ ବୋଲି ସାଧାରଣରେ ଦାବି ହେଉଛି। ସବିଶେଷ ଖବର ଅନୁଯାୟୀ, ମୃତ ଶରୀର ରଖି ପରିବାର ଓ ଗ୍ରାମବାସୀ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଧାରଣା ସ୍ଥଳରେ ପହଞ୍ଚି ବନଖଣ୍ଡ ଅଧିକାରୀ ଓ ଉପଜିଲ୍ଲାପାଳ ଲୋକଙ୍କୁ ବୁଝାଇ ଶାନ୍ତ୍ୱନା ଦେଇ ନଗଦ ଏକ ଲକ୍ଷ ଟଙ୍କା ଦେଇଥିଲେ ଏବଂ ସପ୍ତାହ ମଧ୍ୟରେ ଆଉ ଦୁଇ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଭକ୍ତବନ୍ଧୁ ମିଶ୍ରଙ୍କୁ କାରଣ ଦର୍ଶାଅ ପତ୍ର ଦିଆଯାଇଥିବା ଜଣାଯାଇଛି। ପରେ ଧାରଣା ସ୍ଥଳରୁ ମୃତ ଶରୀରକୁ ଦାହ ସଂସ୍କାର ନିମନ୍ତେ ଘରକୁ ନେଇଥିଲେ।

# ଭୁଲ୍ ଇଞ୍ଜେକ୍ସନ ପାଇଁ ଛାତ୍ରୀ ମୃତ୍ୟୁ ଅଭିଯୋଗ: ତଦନ୍ତ ଆରମ୍ଭ

ଭାପୁର(ନିପ୍ର): ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ପାଇଁ ଛାତ୍ରୀ ମୃତ୍ୟୁ ଅଭିଯୋଗ ହୋଇଛି । ଗତ ମାସ ୧୧ ତାରିଖରେ ଘଟଣା ଘଟିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପରିବାରକୁ ଜଣାଇ ନ ଥିବାବେଳେ ଗୁରୁବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରୁ ଏଡିଏମଓ କମ ସୁପରିଣ୍ଟେଣ୍ଡେଣ୍ଟ ଶରତ କୁମାର ବେହେରା, ସେକ୍ସନ ଅଫିସର ବାଳକୃଷ୍ଣ ଦାସଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ୭ଜଣିଆ ତଦନ୍ତ ଟିମ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାନଭିନ କରିଛନ୍ତି। ଏହି ତଦନ୍ତ ଟିମ ସେହିଦିନର ପ୍ରେସକ୍ରିପସନ ଲେଖାଯାଉଥିବା ରେଜିଷ୍ଟର ତଥା ଝିଅର ଚିକିତ୍ସା ରିପୋର୍ଟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାଗଜପତ୍ର ତଦନ୍ତ କରି ଫେରିଥିଲେ। ଝିଅର ପୋଷ୍ଟମର୍ଟମ ରିପୋର୍ଟ ପାଇବାରେ ବିଳମ୍ବ ଏବଂ ମୃତ୍ୟୁର ତଦନ୍ତରେ ଶିଥିଳତା ଅନୁଭବ କରି ମୃତକ ପରିବାର ପକ୍ଷରୁ ସେମାନଙ୍କୁ ପ୍ରଶ୍ନ କରାଯାଇଥିଲେ ମଧ୍ୟ ସେମାନେ ତଦନ୍ତ ଚାଲିଛି କହି ପରିବାରବର୍ଗଙ୍କଠାରୁ ଏଡାଇ ଯାଇଥିଲେ । ଏ ସମ୍ବେଦନଶୀଳ ଘଟଣା ଉପରେ ବର୍ତ୍ତମାନ ଭାପୁର ଅଞ୍ଚଳର ବୁଦ୍ଧିଜୀବୀଠାରୁ ଆରମ୍ଭ କରି ସମସ୍ତେ ନୀରବ ରହିଥିବାବେଳେ ପୀଡିତା ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଦୁଃଖରେ ମୃତ ଛାତ୍ରୀଙ୍କ ଭାଇ କହିଛନ୍ତି। ମୃତକଙ୍କ ପୋଷ୍ଟ ମର୍ଟମ ରିପୋର୍ଟ ଲୋକଲୋଚନକୁ ଆସିବାରେ ବିଳମ୍ବ, ତରବରିଆ ଭାବରେ ସମ୍ପୃକ୍ତ ଡାକ୍ତରଙ୍କ ବଦଳି, ଏକତରଫା ତଦନ୍ତ କରି ଘଟଣାକୁ ଚାପି ଦେବାଭଳି ପରିସ୍ଥିତିକୁ ନେଇ କେଉଁଠି ନା କେଉଁଠି ପ୍ରଶାସନର ଭୁଲ୍ ଘୋଡ଼େଇବା ପାଇଁ ଅପଚେଷ୍ଟା ଚାଲିଥିବା ଅଭିଯୋଗ ହୋଇଛି।

# ଦାଦାଗିରି ଓ ଆକ୍ରମଣ, ଅଭିଯୁକ୍ତ ଜେଲ୍ ଗଲା

ଭୁବନେଶ୍ୱର(ନି.ପ୍ର): ଦାଦାଗିରି କରି ଆକ୍ରମଣ କରିବା ମାମଲାରେ ଚନ୍ଦକା ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ସୁଜିତ କୁମାର ସାହୁ ଓରଫ ବଳିଆ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଅଭିଯୋଗକାରୀ ଚନ୍ଦକା ଥାନା ଅନ୍ତର୍ଗତ କଣ୍ଟାବାଡ ଗ୍ରାମରେ ରହିବା ସହ ଆଖପାଖ ଅଞ୍ଚଳରେ କାମ କରି ପରିବାର ଚଳାନ୍ତି। ପୁରୀ ଜିଲ୍ଲା କୁଳସାହିର ସୁଜିତ କୁମାର ସାହୁ ୨୩ ତାରିଖ ରାତିରେ କଣ୍ଟାବାଡ ଗାଁ ନିକଟରେ ତାଙ୍କୁ ମାଡ଼ ମାରିଥିଲେ। ତାଙ୍କୁ ଜୋରଜବରଦସ୍ତି ଭୟଭୀତ କରି ପାଖରେ ଥିବା ୪ ହଜାର ଟଙ୍କା ନଗଦ ଏବଂ ତାଙ୍କର ମୋଟର ସାଇକେଲ୍ ନେଇଯାଇଥିଲେ। ଗତ ୨୭ତାରିଖ ସକାଳେ ଅଭିଯୁକ୍ତ ନିଜ ମୋବାଇଲ୍ ନମ୍ବରରୁ ତାଙ୍କୁ ଫୋନ୍ କରି ଅତିରିକ୍ତ ୨ ହଜାର ଟଙ୍କା ଦେବାକୁ ଧମକ ଦେଇଥିଲେ? ଟଙ୍କା ନଦେଲେ ତାଙ୍କର ଭୟଙ୍କର ଅସୁବିଧା ହେବ ବୋଲି ଧମକ ଦେଇଥିଲେ। ଏନେଇ ସେ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରିବ ସହ ଚଢଉ କରି ମୁଖ୍ୟ ଅଭିଯୁକ୍ତ ବଳିଆକୁ ଗିରଫ କରିଛି।

# ମର୍ଣ୍ଣିଂୱାକ୍ ବେଳେ ସୁନାଚେନ୍ ଲୁଟ୍: ଗ୍ୟାଙ୍ଗର ୫ ଗିରଫ

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ସକାଳ ସମୟରେ ଘଟୁଥିବା ସୁନାଚେନ୍ ଲୁଟ୍ ଘଟଣାରେ କମିଶନରେଟ୍ ପୋଲିସକୁ ବଡ଼ ସଫଳତା ମିଳିଛି। ଏକ ସଂଗଠିତ ଲୁଟେରା ଗ୍ୟାଙ୍ଗକୁ ଠାବ କରି ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ଦୁଇଜଣ ଚୋରା ସାମଗ୍ରୀ ଗ୍ରହଣକାରୀ ଏବଂ ଜଣେ ନାବାଳକ ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦୀପକ ଭଞ୍ଜ ଓରଫ ଦୀପୁ, କିଷାନେ ଭୋଇ, ଅରୁଣ ସାହୁ, ସ୍ୱୟଂସୁ ସାମଲ ଓରଫ ଗେଡୁ ଓ ଜଣେ ନାବାଳକ। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ସୁନା ଅଳଙ୍କାର, ଏକାଧିକ ମୋଟରସାଇକେଲ, ଅପରାଧରେ ବ୍ୟବହୃତ ଅସ୍ତ୍ର ଏବଂ ମୋବାଇଲ ଫୋନ୍ ଜବତ କରିଛି। ଗତ ପ୍ରାୟ ୪ ମାସ ଧରି ଏହି ଗ୍ୟାଙ୍ଗ ବାଇକ୍‌ରେ ଘୂରି ଘୂରି ସୁନାଚେନ୍ ଲୁଟ୍ କରୁଥିବା ଜଣାପଡ଼ିଛି। ପୋଲିସର ସୂଚନା ଅନୁଯାୟୀ, ଅରୁଣ କୁମାର ସାହୁ ନାମକ ଜଣେ ପୁରୁଣା ଅପରାଧୀଙ୍କ ନେତୃତ୍ୱରେ ଏହି ଗ୍ୟାଙ୍ଗ ସଂଗଠିତ ଭାବେ ଅପରାଧ ଚଳାଉଥିଲା। ଭୁବନେଶ୍ୱର ଓ କଟକ ଯୁପିଡିର ବିଭିନ୍ନ ଥାନାରେ ରିପୋର୍ଟ ହୋଇଥିବା ଅତିକମ୍‌ରେ ୧୨ଟି ସୁନାଚେନ୍ ଲୁଟ୍ ଘଟଣାରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଗତ କିଛିଦିନ ପୂର୍ବେ ଅରୁଣଙ୍କ ଡାହାଣ ହାତର ପାପୁଲି ହରାଇଥିବା ଜଣାପଡ଼ିଛି। ଏହା ଏକ ଦେଶୀ ବୋମା ବିସ୍ଫୋରଣ ଯୋଗୁଁ ହୋଇଥିବା ପୋଲିସ ସନ୍ଦେହ କରୁଛି। ଏହାପରେ ସେ ଅନ୍ୟମାନଙ୍କୁ ନେଇ ଏହି ଗ୍ୟାଙ୍ଗ ଗଠନ କରି ଅପରାଧିକ କାର୍ଯ୍ୟ ଜାରି ରଖିଥିଲା। ଗ୍ୟାଙ୍ଗର ସକ୍ରିୟ ସଦସ୍ୟ ମିଳା ଓରଫ କିଶାନ ଭୋଇ, ଦୀପୁ ଓରଫ ଦୀପକ ଭଞ୍ଜ ଏବଂ ଜଣେ ନାବାଳକ ସକାଳ ସମୟରେ ସୁନାଚେନ୍ ଲୁଟ୍ କରୁଥିଲେ। ସେମାନେ ବିଶେଷ କରି ସକାଳୁ ଚାଲିବାକୁ ବାହାରୁଥିବା ଲୋକ, ଫୁଲ ତୋଳୁଥିବା ମହିଳା ଏବଂ ଅନ୍ୟ ମହିଳାମାନଙ୍କୁ ଟାର୍ଗେଟ୍ କରୁଥିଲେ। ଲୁଟ୍ ସମୟରେ ଗ୍ୟାଙ୍ଗର ସଦସ୍ୟମାନେ ବିଭିନ୍ନ ମୋଟରସାଇକେଲ ବ୍ୟବହାର କରୁଥିଲେ। ଲୁଟ୍ ପରେ ସୁନା ଅଳଙ୍କାରକୁ ଅରୁଣ ସାହୁ ଏବଂ ଗେଡୁ ଓରଫ ସ୍ୱୟଂସୁ ସାମଲଙ୍କୁ ଦିଆଯାଉଥିଲା। ଏହି ଦୁଇଜଣ ଚୋରା ସୁନାର ରିସିଭର ଭାବେ କାମ କରୁଥିଲେ ଏବଂ ସକ୍ରିୟ ଲୁଟେରା ମାନଙ୍କୁ ତୁଳନାମୂଳକ ଭାବେ କମ୍ ଟଙ୍କା ଦେଉଥିଲେ। ପୋଲିସର ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ଲୁଟ୍‌ରୁ ମିଳିଥିବା ଟଙ୍କାରେ ଅଭିଯୁକ୍ତ ମିଳା ଓରଫ କିଶାନ ଭୋଇ ନିକଟରେ ଏକ ଦାମୀ ମୋଟରସାଇକେଲ କିଣିଥିଲା। ଏଥିପାଇଁ ସେ ନଗଦ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଗ୍ୟାଙ୍ଗ ଭୁବନେଶ୍ୱର ଯୁପିଡି ଅଧୀନ ପାହାଳ, ବାଲିଅନ୍ତା, ମଞ୍ଚେଶ୍ୱର ଓ ଚନ୍ଦ୍ରଶେଖରପୁର ଥାନା ଏବଂ କଟକ ଯୁପିଡି ଅଧୀନ ସଦର ଥାନା ଅଞ୍ଚଳରେ ସକ୍ରିୟ ଥିଲା। ଦୀର୍ଘଦିନର ତଦନ୍ତ, ନଜରଦାରି ଓ ସମନ୍ୱିତ ପ୍ରୟାସ ପରେ କମିଶନରେଟ୍ ପୋଲିସ ଗ୍ୟାଙ୍ଗକୁ ଠାବ କରିବା ସହ ଅଭିଯୁକ୍ତମାନଙ୍କୁ କାବୁ କରିଛି। ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ଗ୍ୟାଙ୍ଗର ଅନ୍ୟ କୌଣସି ଅପରାଧିକ କାର୍ଯ୍ୟକଳାପ ସହ ସମ୍ପର୍କ ରହିଛି କି ନାହିଁ, ସେନେଇ ପୋଲିସ ଖୋଳତାଡ଼ କରୁଛି।

# କୋଠାର ସେବା ସମବାୟ ସମିତିରେ ଠକେଇ ଅଭିଯୋଗ

ଧାମନଗର(ନିପ୍ର): ଧାମନଗର ବ୍ଲକରେ କେତେକ ସେବା ସମବାୟ ସମିତିରେ ଚାଷୀଙ୍କ ପଞ୍ଜୀକରଣ ନାମରେ ମହାଦୁର୍ନୀତି ପଦାକୁ ଆସୁଛି। ଧାମନଗର ବ୍ଲକ କୋଠାର ସେବା ସମବାୟ ସମିତିରେ ଧାନ ପଞ୍ଜିକରଣକୁ ନେଇ ଏପରି ବିବାଦ ଦେଖାଦେଇଛି। ଚୁଡ଼ାକୁଟି ପଞ୍ଚାୟତର ବୃଦ୍ଧା ସୁକଲତା ସାହୁଙ୍କ ନାମରେ ବରହମପୁର ଓ ସୋରିଷଡିହ ମୌଜାରେ ପ୍ରାୟ ୨ ଏକର ଜମି ରହିଛି। ମା’ଙ୍କ ନାମରେ ଜମି ଥିବାରୁ ତାଙ୍କ ୫ ଜଣ ପୁଅ ଧାନ ପଞ୍ଜୀକରଣ ପାଇଁ ଜମିର କାଗଜପତ୍ର ଓ ଆଧାରକାର୍ଡ ଧରି ନିକଟ ଚୁଡ଼ାକୁଟି ସେବା ସମବାୟ ସମିତିକୁ ଯାଇଥିଲେ। ସେଠାରେ ଜମିଟି ପୂର୍ବରୁ କୋଠାର ସେବା ସମବାୟ ସମିତିରେ ଅନ୍ୟ ଜଣଙ୍କ ନାମରେ ପଞ୍ଜିକରଣ ହୋଇଥିବା ସେମାନେ ଜାଣିବାକୁ ପାଇଥିଲେ। ଏହାପରେ ସୁକଲତାଙ୍କ ପୁଅ ଭାସ୍କର ସାହୁ ଓ ପୁତୁରା କୋଠାର ସେବା ସମବାୟ ସମିତିରେ ପହଞ୍ଚି ଜମି ମାଲିକଙ୍କ ଅଜାଣତରେ ପଞ୍ଜିକରଣ କିପରି ହେଲା ବୋଲି ପଚାରିଥିଲେ। ଏନେଇ ତାଙ୍କୁ ଧମକଚମକ ଦିଆଯିବା ସହ ପୁଲିସରେ ଦେଇଦେବାକୁ ଧମକ




ଦିଆଯାଇଥିବା ଭାସ୍କର ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ, ଧାନ ବିକ୍ରି ପାଇଁ ଚାଷୀଙ୍କ ପଞ୍ଜିକରଣ ବାଧ୍ୟତାମୂଳକ। ପଞ୍ଜିକରଣ ସମୟରେ ଚାଷୀଙ୍କ ବ୍ୟକ୍ତିଗତ, ଜମି ଓ ବ୍ୟାଙ୍କ ତଥ୍ୟ ଅଧିକୃତ ସେବା ସମବାୟ ସମିତି ପକ୍ଷରୁ ଅନଲାଇନରେ ଅପଲୋଡ କରାଯାଏ। ଏଥିସହ ଆଧାର ଆଧାରିତ ଇ-କେୱାଇସି ଯାଞ୍ଚର ମଧ୍ୟ ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ପ୍ରକୃତ ଜମି ମାଲିକଙ୍କ ଅଜାଣତରେ ତାଙ୍କ ଜମି ଅନ୍ୟ ଜଣଙ୍କ ନାମରେ କିପରି ପଞ୍ଜିକରଣ ହେଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ଅନୁଯାୟୀ, ଉଚ୍ଚପଦା ଅଞ୍ଚଳର ଜଣେ ଚାଷୀ ଅନଲାଇନରୁ ଜମିପଟ୍ଟା ବାହାର କରି ଉକ୍ତ ଜମିରେ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଜମି ମାଲିକାନା ଓ ପଞ୍ଜିକରଣ ସମୟରେ କୋଠାର ସେବା ସମବାୟ ସମିତିରେ ଦାଖଲ ହୋଇଥିବା ଦସ୍ତାବିଜ ଯାଞ୍ଚ ହୋଇଥିଲା କି ନାହିଁ, ଆଧାର ଆଧାରିତ ଯାଞ୍ଚ କିପରି ହେଲା ଏବଂ ଅନଲାଇନ୍ ପଞ୍ଜିକରଣ ବ୍ୟବସ୍ଥାରେ ଏଭଳି ତ୍ରୁଟି କିପରି ଘଟିଲା, ତାହାର ତଦନ୍ତ ଆବଶ୍ୟକ ହୋଇପଡ଼ିଛି। ଘଟଣାରେ ପଞ୍ଜିକରଣ ତଥ୍ୟ, ଜମିର କାଗଜପତ୍ର ଓ ଆଧାର ଯାଞ୍ଚର ସମସ୍ତ ରେକର୍ଡ ଯାଞ୍ଚ କରାଯାଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ଜମି ମାଲିକଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଉକ୍ତ ସମିତି ର ସମ୍ପାଦକ ଓ କର୍ମଚାରୀ ମିଳିମିଶି ଏପରି ଅନ୍ୟ ଜମିର ପଟାକୁ ଜାଲିଆତି କରୁଛନ୍ତି ବୋଲି ଭାସ୍କର ଅଭିଯୋଗ କରିଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମିତି ସମ୍ପାଦକ ରାମଚନ୍ଦ୍ର ଦାସ କହିଛନ୍ତି, ଉଚ୍ଚପଦା (ଅଶୁରାଳୀ)ର ଜଣେ ବ୍ୟକ୍ତି ଜମି ମାଲିକଙ୍କ ମୃତ୍ୟୁ ହୋଇଥିବା କହି କାଗଜପତ୍ର ଦେଇଥିଲେ। ତାଙ୍କ ତଥ୍ୟ ଆଧାରରେ ପଞ୍ଜିକରଣ ହୋଇଥିଲା। ଏବେ ପ୍ରକୃତ ଜମି ମା’ଙ୍କ ଅଭିଯୋଗକ୍ରମେ ପଞ୍ଜିକରଣ ବାତିଲ କରିଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି। ତେବେ ପଞ୍ଜୀକରଣ ବେଳେ ସମସ୍ତ ତଥ୍ୟ ନେବା ପରେ ପଞ୍ଜୀକରଣ ହେଉଥିବା ବେଳେ ଏପରି ଘଟଣା ଘଟିଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅନେକ ଦୁର୍ନୀତି ପଦାକୁ ଆସିବ ବୋଲି ଭାସ୍କର ସାହୁ ଦାବି କରିଛନ୍ତି।

# ବଂଶଧାରା ନଦୀରେ ନିଖୋଜ ବ୍ୟକ୍ତିଙ୍କ ଶବ ଉଦ୍ଧାର

ରାୟଗଡ଼ା(ନିପ୍ର): ରାୟଗଡା ଜିଲ୍ଲା ଗୁଣପୁର ବଂଶଧାରା ନଦୀ ବିକ୍ରମପୁର ତୁଠରେ ଗାଧୋଇବାକୁ ଯାଇ ଗତକାଲି ନିଖୋଜ ବ୍ୟକ୍ତିକୁ ମାଛଖୁଣ୍ଟିଠାରେ ଉଦ୍ଧାର କରିଥିବା ସୂଚନା ମିଳିଛି। ଗାଁ ଲୋକମାନେ ନଦୀ କୂଳରେ ଗୋଟିଏ ଶବ ଭାସୁଥିବା ଦେଖି ସ୍ଥାନୀୟ ଅଗ୍ନିଶମ ସେବା ଦଳକୁ ଖବର ଦେଇଥିଲେ। ଅଗ୍ନିଶମ ଦଳ ଘଟଣାସ୍ଥଳକୁ ଯାଇ ଶବକୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ନିଖୋଜ ବ୍ୟକ୍ତି ଜଣକ କାଶୀପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଗ୍ରାମର ରୂପ ସିଂ ମାଝୀ ବୋଲି ଜଣାପଡ଼ିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବେ। ସୂଚନା ଅନୁଯାୟୀ ନିଖୋଜ ବ୍ୟକ୍ତି ଜଣକ ଗୁଣପୁର ଅଂଚଳରେ ରହି ଏକ ଘରୋଇ ବିଦ୍ୟୁତକରଣ ଠିକା ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ । ତେବେ ଗୁରୁବାର ପୂର୍ବାହ୍ଣରେ କିଛି ସହଯୋଗୀଙ୍କ ସହ ବଂଶଧାରା ନଦୀକୁ ଗାଧୋଇବାକୁ ଯାଇଥିଲେ । ତେବେ ଗାଧୋଇବା ସମୟରେ ନଦୀର ସୁଅରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ । ଖବର ପାଇ ଗୁଣପୁର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ବୋଟର ସହାୟତା ନେଇ ତଲାସି ଜାରି ରଖିଥିଲେ ।

## ସମନ୍ୱିତ ଓ ପ୍ରଭାବଶାଳୀ ସରକାରୀ ଯୋଗାଯୋଗ ପାଇଁ ଗୁରୁତ୍ୱ



**ଭୁବନେଶ୍ୱର,୩/୯(ପିଆଇବି):** କେନ୍ଦ୍ର ସରକାରଙ୍କ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା 'ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି' (ଆଇଏମପିସିସି) - ଓଡ଼ିଶା ମଣ୍ଡଳର ସେପ୍ଟେମ୍ବର ମାସର ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ଏନଏବିଏମ୍ ପ୍ରସାର ଭାରତୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ସଦସ୍ୟ ସଂଗଠନର ପ୍ରମୁଖ ସଫଳତା ଓ ଶ୍ରେଷ୍ଠ ପ୍ରଚଳନ ସମ୍ପର୍କରେ ଉପସ୍ଥାପନା ସହିତ ଜନସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉଦୀୟମାନ ପ୍ରଯୁକ୍ତି ଓ ଡିଜିଟାଲ୍ ଉପକରଣର ବ୍ୟବହାର ନେଇ ଆଲୋଚନା କରାଯାଇଥିଲା। ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସିର ଅଧ୍ୟକ୍ଷ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ସଦସ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ସରକାରୀ ଯୋଗାଯୋଗକୁ ଅଧିକ ସମନ୍ୱିତ ଓ ପ୍ରଭାବଶାଳୀ କରିବା ସମ୍ପର୍କରେ ମତବିନିମୟ କରିଥିଲେ। ସୂଚନାର ପ୍ରଭାବଶାଳୀ ପ୍ରସାର, ବିଭିନ୍ନ ମାଧ୍ୟମର ସମନ୍ୱିତ ବ୍ୟବହାର ଏବଂ ଜନସାଧାରଣଙ୍କ ନିକଟରେ ସଠିକ୍ ସୂଚନା ପହଞ୍ଚାଇବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟ ଅଭିଭାଷଣରେ ଶ୍ରୀ ମିଶ୍ର ଫ୍ରାଞ୍ଜ କାଫ୍କାଙ୍କ ୧୯୧୫ ମସିହାର ପ୍ରସିଦ୍ଧ କୃତି 'ମେଟାମର୍ଫୋସିସ୍'ର ଉଦାହରଣ ଦେଇ ଯୋଗାଯୋଗର ଗୁରୁତ୍ୱ ଓ ଏହାର ଅଭାବର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଗ୍ରେଗର ସାମସାଙ୍କ ଚରିତ୍ର ମାଧ୍ୟମରେ ଏକାକୀତ୍ୱ, ବିଚ୍ଛିନ୍ନତା, ଅବମାନବୀକରଣ ଓ ନିରବତା କିପରି ବ୍ୟକ୍ତିର ପରିବାର, କର୍ମକ୍ଷେତ୍ର ଓ ସାମାଜିକ ସମ୍ପର୍କକୁ ପ୍ରଭାବିତ କରେ, ସେ ତାହା ବ୍ୟାଖ୍ୟା କରିଥିଲେ।

## ବୁଲାଗୋରୁଙ୍କ ସୁରକ୍ଷା ପାଇଁ ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଅଭିନବ ପ୍ରୟାସ

### ଦୁର୍ଘଟଣା ଏଡ଼ାଇବା ପାଇଁ ୧୦୦ ବୁଲା ଗୋରୁଙ୍କ ବେକରେ ଲଗାଗଲା ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ



**ମେରାମଣ୍ଡଳୀ/ଅନୁଗୁଳ, ୩/୯(ନିପ୍ର):** ଟାଟା ଷ୍ଟିଲ୍ ମେରାମଣ୍ଡଳୀର 'ଇନ୍‌ଫ୍ରାଷ୍ଟ୍ରକ୍ଚର ଏବଂ ସର୍ଭିସେସ୍' ଟିମ୍‌ର କର୍ମଚାରୀମାନେ ପ୍ଲାଣ୍ଟ ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥ-୫୫ରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ଏକ ଅଭିନବ ପ୍ରୟାସ କରିଥିଲେ। ଅନ୍ଧାର ରାତିରେ ଦୁର୍ଘଟଣା ଏଡ଼ାଇବା ପାଇଁ ୧୦୦ଟି ବୁଲା ଗୋରୁଙ୍କ ବେକରେ ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ ଲଗାଯାଇଛି। ଅନ୍ଧାର ରାତିରେ ରାଜପଥରେ ବୁଲୁଥିବା ଗୋରୁଗୁଡ଼ିକ ଗାଡ଼ି ଚାଳକଙ୍କୁ ସହଜରେ ଦେଖାଯାଇ ନ ଥାନ୍ତି। ଏ ନେଇ ଅନେକ ସମୟରେ ରାଜପଥ ଉପରେ ଦୁର୍ଘଟଣା ଘଟିଥାଏ। ଯାହାଫଳରେ ଉଭୟ ଗାଡ଼ିଚାଳକ ଓ ଗୋରୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ଟାଟା ଷ୍ଟିଲ୍‌ର ଇନ୍‌ଫ୍ରାଷ୍ଟ୍ରକ୍ଚର ଏବଂ ସର୍ଭିସେସ୍ ଟିମ୍ ପ୍ଲାଣ୍ଟ ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥ-୫୫ର ଆଖପାଖରେ ଥିବା ୧୦୦ଟି ବୁଲା ଗୋରୁଙ୍କ ବେକରେ 'ରେଟ୍ରୋ-ରିଫ୍ଲେକ୍ଟିଭ୍ ବ୍ୟାଣ୍ଡ' (ଆଲୋକ ପ୍ରତିଫଳିତ କରୁଥିବା ବ୍ୟାଣ୍ଡ) ଲଗାଇଛନ୍ତି। ଇନ୍‌ଫ୍ରାଷ୍ଟ୍ରକ୍ଚର ଏବଂ ସର୍ଭିସେସ୍ ବିଭାଗ ମୁଖ୍ୟ ପୀତାମ୍ବର ତିୱାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ। ରାତିରେ ଗାଡ଼ିର ହେଡ୍‌ଲାଇଟ୍ ଆଲୋକ ଏହି ବ୍ୟାଣ୍ଡ ଉପରେ ପଡ଼ିବା ମାତ୍ରେ ତାହା ଚମକିଥାଏ। ଯାହାଦ୍ୱାରା ଗାଡ଼ି ଚାଳକମାନେ ବହୁ ଦୂରରୁ ଗୋରୁଙ୍କୁ ଦେଖିପାରିବେ। ଫଳରେ ଗାଡ଼ିଚାଳକ ନିୟନ୍ତ୍ରଣରେ ଗାଡ଼ି ଚଳାଇପାରିବା ସହ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇ ହେବ। ଏହିଭଳି ଛୋଟ ଓ ପ୍ରଭାବଶାଳୀ ପ୍ରଚେଷ୍ଟା ଦ୍ୱାରା ଟାଟା ଷ୍ଟିଲ୍‌ର କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଏକ ଦାୟିତ୍ୱବାନ ସମାଜ ଗଠନ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି।

## ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପୋଷଣ ଅଭିଯାନ ସମ୍ପର୍କରେ କର୍ମଶାଳା

ଭୁବନେଶ୍ୱର, ୩/୯(ପିଆଇବି): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆଜି କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପୋଷଣ ଓ ସୁସ୍ଥ ଜୀବନଶୈଳୀ ବିଷୟବସ୍ତୁକୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାରେ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା, ସମ୍ବେଦନଶୀଳତା ଓ ସୁରକ୍ଷିତ ପରିବେଶର ଗୁରୁତ୍ୱ ସହିତ ସନ୍ତୁଳିତ ପୋଷଣ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି ଓ ଜ୍ଞାନ ବିନିମୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଫଏସ୍ ଶ୍ରୀ ପ୍ରମୋଦ କୁମାର ମର୍କାପ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ବିଷୟବସ୍ତୁ ଉପରେ ନିଜର ମତାମତ ରଖିଥିଲେ।

## ଯୁବ ସରପଞ୍ଚ ମନୋଜଙ୍କ ପରଲୋକ



**ନୟାଗଡ଼, ୩/୯(ନିପ୍ର):** ନୟାଗଡ଼ ବାଲୁଗାଁ ପଞ୍ଚାୟତ ବାସୀଙ୍କ ପାଇଁ ବଡ ଦୁଃଖଦ ଖବର। ବାଲୁଗାଁ ପଞ୍ଚାୟତର ଯୁବ ସରପଞ୍ଚ ତଥା ସରପଞ୍ଚ ସଂଘର ବ୍ଲକ୍ ସଭାପତି ଇଂ ମନୋଜ କୁମାର ନାୟକଙ୍କ ପରଲୋକ ଘଟିଛି। ଜଣେ ଯୁବ ସଂଗଠକ ଭାବେ ବେଶ୍ ପରିଚିତ ଥିଲେ ମନୋଜ୍। ତେଣୁ ୨୦୨୨ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ଲଢ଼ିଥିଲେ। ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ଗତକାଲି ଅସୁସ୍ଥତା ଅନୁଭବ କରିବାରୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା ଏବଂ ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ରାତି ସାଢ଼େ ୭ଟା ସମୟରେ ପରଲୋକ ଘଟିଥିବା ନେଇ ସୂଚନା ମିଳିଥିଲା।


### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.: eT-M-CD-BBS-CCTVAMC-08-26

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର LHB କୋଚ୍‌ଗୁଡ଼ିକରେ ଲଗାଯାଇଥିବା କ୍ଲୋଜ୍‌ଡ୍ ସର୍କିଟ୍ ନିରୀକ୍ଷଣ(Surveillance) ପ୍ରଣାଳୀର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,36,25,790.80, ଅମାନତ ରାଶି(ଟଙ୍କାରେ) : 2,18,100.00, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.09.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.18.09.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ କୋଚିଙ୍ଗ୍ ଡିପୋ ଅଧିକାରୀ, ଭୁବନେଶ୍ୱର

PR-412/R/26-27



### ପୂର୍ବ ତଟ ରେଳପଥ

(1)ଟେଣ୍ଡର ବିଜ୍ଞପ୍ତି ସଂ:eT-Central-RGDA-08-2026, ତା.20.08.2026ରିଖ

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ଥେରୁବାଲି (Ex) ଠାରୁ କୁନେରୁ (Ex) ଷ୍ଟେସନ ଏବଂ ସିଙ୍ଗାପୁର ରୋଡ଼ (B-କ୍ୟାବିନ୍) ଠାରୁ କେଉଟଗୁଡ଼ା (A-କ୍ୟାବିନ୍) ମଧ୍ୟସ୍ଥ ସେକ୍ସନରେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,20,37,342.50, EMD (ଟଙ୍କାରେ) :4,40,800.00।

(2)ଟେଣ୍ଡର ବିଜ୍ଞପ୍ତି ସଂ.:eT-Central-RGDA-09-2026, ତା.20.08.2026ରିଖ

କାର୍ଯ୍ୟର ନାମ : ରାୟଗଡ଼ା ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ରାୟଗଡ଼ା ପରିସୀମା ଅଧୀନସ୍ଥ ନୂଆପଡ଼ା-ଗୁଣୁପୁର ଲାଇନ୍‌ରେ ପାରଳାଖେମୁଣ୍ଡି-ଗୁଣୁପୁର ଷ୍ଟେସନ ମଧ୍ୟସ୍ଥ ସେକ୍ସନରେ 30/09/2027 ପର୍ଯ୍ୟନ୍ତ ଅବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 70,70,866.25, EMD (ଟଙ୍କାରେ) :1,41,400.00।

କାର୍ଯ୍ୟ ଶେଷ ହେବା ଅବଧି : 12(ବାର) ମାସ (ଉଭୟ କ୍ରମ ସଂ. ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.09.2026ରିଖ 1500 ଘଟିକା(ଉଭୟ କ୍ରମ ସଂ. ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ରାୟଗଡ଼ା

PR-394/R/26-27


## ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଗିରଫ

**ରେଢ଼ାଖୋଲ, ୩/୯(ନିପ୍ର):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଘୋଷରାମାଲ ପଞ୍ଚାୟତ ଲାଣ୍ଡିମାଲ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ୧୦ଶ୍ରେଣୀ ନାବାଳିକାଙ୍କୁ ପ୍ରଥମେ ଅପହରଣ ଏବଂ ପରେ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହି ମାମଲାରେ ତତ୍ପରତା ପ୍ରକାଶ କରି ରେଢ଼ାଖୋଲ ପୋଲିସ ଗୁରୁବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ମୁଖ୍ୟ ଅଭିଯୁକ୍ତ ମଙ୍ଗଳବାର ରାତି ୧୦ଟା ସମୟରେ ନାବାଳିକା ଜଣଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ଦୁଷ୍କର୍ମ କରିଥିଲା। ଏହି ଜଘନ୍ୟ କାଣ୍ଡରେ ଲୋକନାଥ ଲୁହା, ଚନ୍ଦନ ଲୁହା ଏବଂ ବବୁଲୁ ଲୁହା ମଧ୍ୟ ସାମିଲ ରହିଥିଲେ। ମୁଖ୍ୟ ଅଭିଯୁକ୍ତକୁ ସହଯୋଗ କରିଥିବା ନେଇ କହିଛନ୍ତି ପରିବାର । ଘଟଣାକୁ ନେଇ ନାବାଳିକାର ବାପା ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ ୧୬୫/୨ରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ମୁଖ୍ୟ ଅଭିଯୁକ୍ତ ବାପି ପ୍ରଧାନ, ଲୋକନାଥ ଲୁହା ଓ ଚନ୍ଦନ ଲୁହାଙ୍କୁ କାବୁ କରି କୋର୍ଟ ଚାଲାଣ କରିଥିବାବେଳେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ବବୁଲୁ ଲୁହାକୁ ଧରିବା ପାଇଁ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ୬୦ କେଜି ଗଞ୍ଜେଇ ଜବତ



**କଣ୍ଟିଲୋ, ୩।୯(ନିପ୍ର):** ଦଶପଲ୍ଲା ନିକଟସ୍ଥ ବାଣିଗୋଛା ପୁଲିସ ଅଚାନକ ଚଢ଼ାଉ କରି ଚୋରାରେ ଚାଲାଣ ହେଉଥିବା ୬୦ କେଜି ଗଞ୍ଜେଇ ଜବତ କରିବା ସହ ଏହି କାରବାରରେ ବ୍ୟବହୃତ ଏକ କାରକୁ ଜବତ କରିଥିବା ଜଣାପଡିଛି।ଏହି କାରବାରରେ ସଂପୃକ୍ତ ଅଭିଯୋଗରେ ପୁଲିସ ଖଣ୍ଡପଡ଼ା ଥାନା ଅଧୀନ ଅକୁରାବନ୍ଧ ଗ୍ରାମର ଶରତ ମଲ୍ଲିକ (୪୮) ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଘଟଣାକ୍ରମେ ଗୁରୁବାର ସକାଳ ପ୍ରାୟ ୭ଟା ୪୦ ମିନିଟ ସମୟରେ ବାଣିଗୋଛା ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବି କେ ଦେହୁରୀଙ୍କ ନେତୃତ୍ୱରେ ପୁଲିସ ଟିମ ସ୍ଥାନୀୟ ହନୁମାନ ମନ୍ଦିର ନିକଟରେ ଅଚାନକ ଚଢ଼ାଉ କରି ଗଞ୍ଜେଇ ଭର୍ତ୍ତି ହୋଇଥିବା ଏକ କାରକୁ ଜବତ କରି ତଦନ୍ତ କରିବା ସମୟରେ ଘଟଣା ନଜରକୁ ଆସିଥିବା ପୁଲିସ ସୂଚନା ଦେଇଛି। ପୁଲିସ ଗାଡ଼ିରୁ ୬୦ କେଜି ଗଞ୍ଜେଇ ଓ ୨ ନାମିଦାମୀ ମୋବାଇଲ ଫୋନ ଜବତ କରିଥିବା ବେଳେ ଏ ସଂପର୍କରେ ବାଣିଗୋଛା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।


### AFFIDAVIT

By virtue of an affidavit sworn before The Executive Magistrate, Champua affidavit no.3426 dtd.03.09.2026, I Gurubari Munda S/o-Ramjiban Munda At/Po-Rajia, Ps-Champua, Dist-Keonjhar, Odisha Pin-758047 do hereby declare that I have changed my name from Gorbari Munda to Gurubari Munda. Henceforth I shall be known as Gurubari Munda.

Sd/-Gurubari Munda

### AFFIDAVIT

By virtue of an affidavit sworn before The Notary Public, Nayagada on dtd.03.09.2026, I Santosh Kumar Mahapatra S/o-Debaraj Mahapatra At-Balangibandha, Po-Barapalli, Ps/Dist-Nayagarh, Pin-752070 do hereby declare that I have changed my name from Santosh Kumar Bidyabhusan to Santosh Kumar Mahapatra. Henceforth I shall be known as Santosh Kumar Mahapatra for all purposes.

Sd/-Santosh Kumar Mahapatra


## ୧୦ ଲକ୍ଷ ଟଙ୍କାର ମୂଲ୍ୟବାନ ଚନ୍ଦନକାଠ ଚୋରାଚାଲାଣ ବେଳେ ଜବତ

**କାଶୀନଗର, ୩/୯(ନିପ୍ର):** ଚନ୍ଦନ କାଠ ଚୋରାଚାଲାଣ କରୁଥିବା ଏକ ରାକେଟକୁ ଧରିବାରେ ପର୍ଦ୍ଦାଫାଶ କରିଛି କାଶୀନଗର ପୋଲିସ। କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ସୂଚନା ମୁତାବକ ପୋଲିସ ସନ୍ଦିଗ୍ଧ ଗାଡ଼ିର ପିଛା କରି ଖାରଡ଼ା ଗ୍ରାମ ଛକ ନିକଟରେ ତାଙ୍କୁ ଧରିବାକୁ ସକ୍ଷମ ହୋଇଥିଲେ। ଅଟୋ ଗାଡ଼ିକୁ ଯାଞ୍ଚ ବେଳେ ପୋଲିସ ଚନ୍ଦନ କାଠ ଥିବା ସନ୍ଦେହ କରି ୩ ଜଣ ଅଭିଯୁକ୍ତ ଶିରାଜ ଖାନ, ଆକ୍ରମ ଖାନ ଓ ଦାମୋଦର ପ୍ରଧାନଙ୍କୁ ଗିରଫ କରିଥିଲେ। ଜବତ ହୋଇଥିବା ଚନ୍ଦନ କାଠ ଉର୍ଦ୍ଧ୍ୱ ହେବ ବୋଲି କାଶୀନଗର ଥାନା ଅଧିକାରୀ ସୂଚନା ଦେଇଥିଲେ। ସେମାନଙ୍କ ବିରୋଧରେ ୧୬୯/୨୬ ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ଗୁରୁତର

**ବୁଗୁଡ଼ା, ୩/୯(ନିପ୍ର):** ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ପଞ୍ଚାୟତ ତାମ୍ବିରି ଗ୍ରାମରେ ଟ୍ରାନ୍ସଫର୍ମରରେ ଲାଗି ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ମହିଳା ଜଣକ ହେଲେ ସୁଦେଷ୍ଣା ନାଇକ (୪୯)। ସୂଚନା ଅନୁଯାୟୀ, ଗୁରୁବାର ଭୋର ପ୍ରାୟ ୫ଟା ସମୟରେ ସୁଦେଷ୍ଣା ଗାଧୋଇବା ପାଇଁ ଯାଉଥିବା ବେଳେ ଗ୍ରାମ ମଝିରେ ଅଙ୍ଗନୱାଡି କେନ୍ଦ୍ର ଓ ପୋଖରୀ ନିକଟରେ ଥିବା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଘଟଣା ଜାଣିବା ପରେ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲେ। ତେବେ ଘଟଣାସ୍ଥଳ ନିକଟରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ସେଠାରେ ଅନେକ ଛୋଟ ଛୋଟ ଶିଶୁ ପାଠ ପଢୁଛନ୍ତି। ଗ୍ରାମ ମଧ୍ୟରେ ଟ୍ରାନ୍ସଫର୍ମର ରହିଥିଲେ ମଧ୍ୟ ଏହାର ଚାରିପାଖରେ କୌଣସି ସୁରକ୍ଷା ପାଚେରୀ ନ ଥିବାରୁ ସାଧାରଣ ଲୋକଙ୍କ ସମେତ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଭଳି ଘଟଣା ପୁନରାବୃତ୍ତି ନହେବା ପାଇଁ ଗ୍ରାମବାସୀ ତୁରନ୍ତ ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ପାଚେରୀ ନିର୍ମାଣ କରିବାକୁ ବିଦ୍ୟୁତ ବିଭାଗ ନିକଟରେ ଦାବି କରିଛନ୍ତି।

## ରାସ୍ତା ଓ ବଜାର ଅବରୋଧ କରୁଥିବା ଉଠା ଦୋକାନୀଙ୍କୁ ତାଗିଦ



**କାକଟପୁର, ୩/୯(ନିପ୍ର):** ପାର୍ବଣ ଋତୁ ପୂର୍ବରୁ କାକଟପୁର ବଜାରରେ ଭିଡ଼ ଓ ଯାତାୟାତ ସମସ୍ୟାକୁ ନଜରରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର କାକଟପୁର ବଜାର ଅଞ୍ଚଳରେ ରାସ୍ତା କଡ଼ ଓ ସର୍ବସାଧାରଣ ସ୍ଥାନରେ ବସିଥିବା ଉଠା ଦୋକାନୀମାନଙ୍କୁ ଦୋକାନ ଉଠାଇ ନେବା ପାଇଁ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି। ପାର୍ବଣ ସମୟରେ ବଜାରରେ ଗ୍ରାହକଙ୍କ ଭିଡ଼ ବୃଦ୍ଧି ପାଇବା ସହିତ ଯାତାୟାତ ମଧ୍ୟ ବଢ଼ିଥାଏ। ଏଭଳି ସମୟରେ ରାସ୍ତା ଉପରେ ଅବ୍ୟବସ୍ଥିତ ଭାବେ ଉଠା ଦୋକାନ ବସିବା ଯୋଗୁଁ ଟ୍ରାଫିକ ସମସ୍ୟା ଓ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗୁରୁବାର ବଜାରରେ ଯାଞ୍ଚ କରାଯାଇ ଦୋକାନୀମାନଙ୍କୁ ଆବଶ୍ୟକ ପରାମର୍ଶ ଓ ତାଗିଦ କରାଯାଇଥିଲା। ସ୍ଥାନୀୟ ତହସିଲଦାରଙ୍କ ଦାୟିତ୍ୱରେ ଏହି ଅଭିଯାନରେ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ବୋଝେଇ ହାଇୱା ଓ ଟ୍ରାକ୍ଟର ଜବତ

**ହିଞ୍ଜିଳିକାଟୁ, ୩।୯(ନିପ୍ର):** ବର୍ଷା ଋତୁ ଯୋଗୁଁ ଗତ ଜୁଲାଇ ୧୫ ତାରିଖଠାରୁ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନଦୀରୁ ବାଲି ଉତ୍ତୋଳନ ନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ବାଲି ମାଫିଆମାନେ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ଓ ପ୍ରଶାସନକୁ ଚକମା ଦେଖାଇ ରାତିଅଧିଆ ବେଆଇନ ଭାବେ ବିଭିନ୍ନ ନଦୀରୁ ବାଲି ଉତ୍ତୋଳନ କରି ହଜାରହଜାର ସଂଖ୍ୟକ ହାଇୱା, ଟିପର, ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପ୍ରଶାସନର ସ୍ଥାଣୁତା ଯୋଗୁଁ ବାଲି ମାଫିଆମାନେ ଜେସିବି ସହାୟତାରେ ନଦୀରୁ ବାଲି ଉତ୍ତୋଳନ କରି ହାଇୱା ଯୋଗେ ବାଲି ଚୋରାଚାଲାଣ କରୁଛନ୍ତି। ପ୍ରତିଦିନ ରାତି ଅଧିଆ ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା, ବାଘୁଆ ଓ ଘୋଡାହାଡ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିଲେ ମଧ୍ୟ ଖଣି ଓ ରାଜସ୍ୱ ବିଭାଗ ଅଧିକାରୀମାନେ ଜାଣିଶୁଣି ନିରବତା ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। ବୁଧବାର ବିଳମ୍ବିତ ରାତିରେ ବେଲଗୁଣ୍ଠା ନିକଟବର୍ତ୍ତୀ ନୂଆଁଗାଁ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱା (ଓଡି୩୨ଏଚ ୫୮୫୦)କୁ ହିଞ୍ଜିଳିକାଟୁ ତହସିଲଦାର ଜବତ କରିଥିଲେ। ସେହିପରି ହିଞ୍ଜିଳି ପୁଲିସ ପକ୍ଷରୁ ସ୍ଥାନୀୟ ଥାନା ଚଷା ପିତଳ ନିକଟସ୍ଥ ଋଷିକୂଲ୍ୟା ନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ଏକ ଟ୍ରାକ୍ଟର (ଓଡି୩୨ଏ ୨୨୭୧)କୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୬୨୭ /୨୬ ରେ ଏକ ମାମଲା ରୁଜୁ କରି ଚାଳକଙ୍କୁ ଗିରଫ କରିଛି।


10001/513/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଟ୍ରେର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୋଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR 10001/10003/2/26-27/0048


## ଚମ୍ପୁଆ ରେଞ୍ଜରେ ଥମୁନି ହାତୀ ଆତଙ୍କ

## ଫସଲ ନଷ୍ଟ କରୁଛନ୍ତି ଦୁଇଟି ପଲରେ ୩୭ ହାତୀ



**ଚମ୍ପୁଆ, ୩/୯(ନିପ୍ର):** ଚମ୍ପୁଆ ରେଞ୍ଜରେ ହାତୀ ଆତଙ୍କ ଥମିବାର ନାଁ ନେଉନାହିଁ। ଗତ କିଛି ଦିନ ହେବ ଚମ୍ପୁଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଦୁଇଟି ବଡ଼ ହାତୀ ପଲ ପଶି ଉତ୍ପାତ କରି ଚାଲିଛନ୍ତି। ଏବେ ସୁଦ୍ଧା ଅଞ୍ଚଳରେ ମୋଟ ୩୭ଟି ହାତୀ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଡେରା ପକାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳୁ ଏକ ୨୨ ଟିକିଆ ହାତୀ ପଲ ଗମ୍ଭାରିଆ ଏବଂ ସାନନଇ ଆଦି ଅଞ୍ଚଳରେ ପଶି ଆତଙ୍କ ଖେଳାଇଥିଲେ। ସେଠାରେ ହାତୀ ପଲ ବ୍ୟାପକ ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଫଳରେ ଚାଷୀମାନଙ୍କର ଘୋର କ୍ଷତି ହୋଇଛି। ସ୍ଥାନୀୟ ଲୋକେ ବହୁ କଷ୍ଟରେ ଏହି ହାତୀ ପଲଙ୍କୁ ଘଉଡ଼ାଇବା ପରେ, ଏବେ ସେମାନେ ଯାଇ କୃଷ୍ଣପୁର ଅଞ୍ଚଳରେ ଡେରା ପକାଇଛନ୍ତି। ଅନ୍ୟପଟେ, ଜାମୁଦଲକ୍ ପଞ୍ଚାୟତ ମଙ୍ଗଳପୁର ନିକଟରେ ଆଉ ଏକ ୧୫ ଟିକିଆ ହାତୀ ପଲ ରହିଥିବା ଜଣାପଡ଼ିଛି। ଗୋଟିଏ ପଟେ ଫସଲ ନଷ୍ଟ ଏବଂ ଅନ୍ୟପଟେ ଧନଜୀବନ ପ୍ରତି ବିପଦ ଥିବାରୁ ଗ୍ରାମବାସୀମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ ବିଭାଗ ତୁରନ୍ତ ପଦକ୍ଷେପ ନେଇ ଏହି ଦୁଇଟି ହାତୀ ପଲଙ୍କୁ ଜଙ୍ଗଲ ଭିତରକୁ ଘଉଡ଼ାଇବା ସହ କ୍ଷତିପୂରଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ